RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | VOLUME- 43 • ISSUE-15 • WEDNESDAY • 9 JULY 2025 • PAGE-12 • ₹ 6.00

• ବର୍ଷ-୪୩ • ସଂଖ୍ୟା-୧୫ • ବୁଧବାର • ୯ ଜୁଲାଇ ୨୦୨୫ • ପୃଷ୍ଠା-୧୨ • ଟ.୬.୦୦



ରତ୍ନବେଦୀକୁ ବିଜେ କରୁଛନ୍ତି ମହାପ୍ରଭୁ ବଳଭଦ୍ର

ସରିଲା ଶ୍ରୀଜୀଉଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା

# ରତ୍ନବେଦୀରେ ତିନିଠାକୁର

## ରସଗୋଲା ଖୁଆଇ ଲକ୍ଷ୍ମୀ ସାଆନ୍ତାଣୀଙ୍କ ମାନଭଞ୍ଜନ କଲେ ଶ୍ରୀଜଗନ୍ନାଥ

## ଆଜିଠୁ ମିଳିବ ନୀଳାଚଳ ଅବଢ଼ା

■ **ପୁରୀ, ୮।୭ (ସମିସ):** ଶେଷ ହୋଇଛି ଚଳିତବର୍ଷର ଶ୍ରୀଗୁଣ୍ଡିଚା ଯାତ୍ରା। ନୀଳକନ୍ଦରକୁ ବିଜେ କରିଛନ୍ତି ନୀଳାଦ୍ରିନାଥ। ଦେବସ୍ନାନ ପୂର୍ଣ୍ଣିମାଠାରୁ ଅର୍ଥାତ୍ ୨୭ଦିନ ଧରି ଶୂନ୍ୟ ପଡ଼ିଥିବା ରତ୍ନସିଂହାସନ ପୁଣି ପୂରିଉଠିଛି। ବିଜେ କରିଛନ୍ତି ବିଶ୍ୱନିୟନ୍ତା। ଏଥିସହ ଚଳିତବର୍ଷର ରଥଯାତ୍ରା ପରିସମାପ୍ତି ଘଟିଛି। ଅଭିମାନିନୀ ଲକ୍ଷ୍ମୀ ସାଆନ୍ତାଣୀଙ୍କୁ ରସଗୋଲା ଖୁଆଇ ମାନଭଞ୍ଜନ କରିବା ପରେ ରତ୍ନବେଦୀକୁ ବିଜେ କରିଛନ୍ତି କାଳିଆ ସାଆନ୍ତ। ବୁଧବାରଠାରୁ ବଡ଼ଦେଉଳରେ ପୁଣି ଆରମ୍ଭ ହେବ ଦାରୁଦିଅଁଙ୍କ ଲୀଳାଖେଳା। ଚଳଚଞ୍ଚଳ ହେବ ରୋଷଶାଳା, ବାହାରିବ ନୀଳାଚଳ ଅବଢ଼ା। ଭକ୍ତ ପାଇବେ ମହାପ୍ରସାଦ, ଆଉ ଶ୍ରୀମନ୍ଦିରରେ ଲାଗିବ ଗହଳ ଚହଳ।

ମଙ୍ଗଳବାର ନୀଳାଦ୍ରିବିଜେ ପାଇଁ ସକାଳ ୭ଟା ୧୦ ସୁଦ୍ଧା ତିନିରଥରେ ମଙ୍ଗଳ ଆଳତି ହୋଇଥିଲା। ଅପରାହ୍ଣ ୨ଟା ୩୦ରୁ ୨ଟା ୪୦ରେ ସନ୍ଧ୍ୟା ଆଳତି ଏବଂ ଅପରାହ୍ଣ ୨ଟା ୫୫ରୁ ୩ଟା ୩୦ ମଧ୍ୟରେ ତିନିରଥରେ ସନ୍ଧ୍ୟା ଧୂପ ନୀତି ବଢ଼ିଥିଲା। ପରେ କୋଠ ସୁଆଁସିଆମାନେ ଠାକୁରଙ୍କ ବିଜେ ପାଇଁ ରତ୍ନସିଂହାସନରେ ଚାର ବାନ୍ଧିଥିଲେ। ବଡ଼ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ ଶ୍ରୀମନ୍ଦିରରେ ପହଞ୍ଚି ରତ୍ନସିଂହାସନ ମାଜଣା କରିଥିଲେ। ମଠ ପକ୍ଷରୁ ରତ୍ନସିଂହାସନ ଉପରେ କନକମୁଣ୍ଡି ଚାନ୍ଦୁଆ ବନ୍ଧା ଯାଇଥିଲା। ଏତଦ୍‌ବ୍ୟତୀତ ନୀଳଚକ୍ରରେ ମଠ ପ୍ରଦତ୍ତ ପତିତପାବନ ବାନା ଚୁନରା ସେବକ ବାନ୍ଧିଥିଲେ। ସନ୍ଧ୍ୟା ୭ଟା ୨୦ରେ ▶ପୃଷ୍ଠା-୭

# ଏଥର ଡିଜିଟାଲ୍ ଜନଗଣନା

## ■ ନାଗରିକଙ୍କ ପାଇଁ ଖୋଲିବ ସ୍ୱତନ୍ତ୍ର ପୋର୍ଟାଲ
## ■ ମୋବାଇଲ ଆପ୍ ଜରିଆରେ ତଥ୍ୟ ସଂଗ୍ରହ
## ■ ଇଂରାଜୀ, ହିନ୍ଦୀ, ୧୬ଟି ଆଞ୍ଚଳିକ ଭାଷାରେ ତଥ୍ୟ

■ **ନୂଆଦିଲ୍ଲୀ, ୮।୭ (ଏଜେନ୍ସି):** ଆସନ୍ତା ୨୦୨୭ରେ ହେବାକୁ ଯାଉଥିବା ଜାତୀୟ ଜନଗଣନା ଅନ୍‌ଲାଇନ୍‌ରେ ହେବ। ଭାରତରେ ପ୍ରଥମ ଥର ଲାଗି ହେଉଥିବା ଏହି ଡିଜିଟାଲ ଜନଗଣନା ଲାଗି ସ୍ୱତନ୍ତ୍ର ୱେବପୋର୍ଟାଲ ଖୋଲାଯିବ। ଭାରତୀୟ ନାଗରିକ ନିଜ ମୋବାଇଲରେ ଆପ୍ ଡାଉନଲୋଡ୍ କରି ନିଜର ତଥ୍ୟ ଦେଇପାରିବେ। ଫଳରେ ଜନଗଣନା ତଥ୍ୟ କମ୍ ସମୟ ମଧ୍ୟରେ ଉପଲବ୍ଧ ହୋଇପାରିବ।

ଭାରତର ରେଜିଷ୍ଟ୍ରାର ଜେନେରାଲ ଏଣ୍ଡ ସେନ୍‌ସସ୍ କମିସନ ପକ୍ଷରୁ ଏହି ସୂଚନା ଦିଆଯାଇଛି। କୁହାଯାଇଛି ଯେ ଦୁଇଟି ପର୍ଯ୍ୟାୟରେ ଡିଜିଟାଲ ସେନସସ୍ ହେବ ଏବଂ ତଥ୍ୟ ସଂଗ୍ରହ ପାଇଁ ପ୍ରଥମ ଥର ଲାଗି ଏଭଳି ଟେକ୍ନୋଲୋଜିର ବ୍ୟବହାର କରାଯିବ। ଭରତୀୟ ନାଗରିକମାନେ ନିଜର ତଥ୍ୟ ଦାଖଲ କରିବା କ୍ଷଣି ଏହା ସେଂଟ୍ରାଲ ସର୍ଭରକୁ ଚାଲିଯିବ। ଜନଗଣନା ପ୍ରକ୍ରିୟା ସମାପ୍ତ ହେବାର ଗୋଟିଏ ବର୍ଷ ଭିତରେ ଚୂଡ଼ାନ୍ତ ତଥ୍ୟ ଉପଲବ୍ଧ ହୋଇଯିବ। ପୂର୍ବ ଜନଗଣନାମାନଙ୍କରେ ଚୂଡ଼ାନ୍ତ ତଥ୍ୟ ପାଇବା ଲାଗି ଦୁଇରୁ ତିନି ବର୍ଷ ଲାଗି ଯାଉଥିଲା। ଏଥର କିନ୍ତୁ ଆଉ ବେଶି ଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ।

ଭାରତର ରେଜିଷ୍ଟ୍ରାଲ ଜେନେରାଲଙ୍କ ପକ୍ଷରୁ କୁହାଯାଇଛି ଯେ ୨୦୨୭ ଜନଗଣନା ପାଇଁ ଡିଜିଟାଲ ପ୍ଲାଟଫର୍ମ ବ୍ୟବହାର ପାଇଁ ଅନ୍ୟତମ ବିକଳ୍ପ ରହିବ। ନାଗରିକମାନେ ଚାହିଁଲେ ସ୍ୱତନ୍ତ୍ର ୱେବ୍ ପୋର୍ଟାଲ ଜରିଆରେ ନିଜ ଆତ୍ମ ତଥ୍ୟ ଦାଖଲ କରିପାରିବେ। ଏଥିପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ। ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ନୋଡାଲ ଅଫିସର ନିଯୁକ୍ତ କରିବା ଲାଗି ସମସ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଭାରତୀୟ ନାଗରିକ ନିଜ ମୋବାଇଲ ଆପ୍ ବ୍ୟବହାର କରି ଇଂରାଜୀ, ହିନ୍ଦି କିମ୍ବା ଆଞ୍ଚଳିକ ଭାଷାରେ ତଥ୍ୟ ଦେଇପାରିବେ। ଏଥିପାଇଁ ୧୬ଟି ଆଞ୍ଚଳିକ ଭାଷା ଚୟନ କରାଯାଇଛି। ଜନଗଣନା ତଥ୍ୟ ସଂଗ୍ରହ ପରେ ତଥ୍ୟର ଯାଞ୍ଚ, ପ୍ରକ୍ରିୟାକରଣ ଓ ବିଶ୍ଳେଷଣ କରାଯିବ। ୧୦ ମାସ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ମିଳିଯିବ ବୋଲି ଆଶା କରାଯାଉଛି। ଏହି ତଥ୍ୟକୁ ▶ପୃଷ୍ଠା-୭

୭ ଦଫା ଦାବିରେ ଡ୍ରାଇଭର ସଂଘର ଷ୍ଟିୟରିଂ ଛାଡ଼

# ସାରା ରାଜ୍ୟରେ ଚକା ବନ୍ଦ


ଆଲୋଚନା ବିଫଳ; ଜାରି ରହିବ ଆନ୍ଦୋଳନ: ସଂଘ

■ **ଭୁବନେଶ୍ୱର, ୮।୭ (ସମିସ):** ସାରା ରାଜ୍ୟରେ ଡ୍ରାଇଭରମାନଙ୍କ ଷ୍ଟିୟରିଙ୍ଗ ଛାଡ଼ ଆନ୍ଦୋଳନ ଯୋଗୁଁ ପ୍ରଭାବିତ ହୋଇଛି ପରିବହନ ସେବା। ଜରୁରୀକାଳୀନ ସେବାରେ ନିୟୋଜିତ ଯାନବାହନ ଓ ସରକାରୀ ବସ୍ ସେବାକୁ ଛାଡ଼ି ରାଜ୍ୟରେ ପ୍ରାୟ ସମସ୍ତ ଘରୋଇ ଗାଡ଼ି ଚଳାଚଳ ବନ୍ଦ ରହିଛି। ୭ ଦଫା ଦାବି ପୂରଣ ଉଦ୍ଦେଶ୍ୟରେ ମହାସଂଘ ପକ୍ଷରୁ ଦିଆଯାଇଥିବା ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ସଂଘ ଓ ସରକାରଙ୍କ ମଧ୍ୟରେ ହୋଇଥିବା ▶ପୃଷ୍ଠା-୭

ଡାଏଲିସିସ୍ ପାଇଁ ଭୁବନେଶ୍ୱର ଯାଇପାରିଲେନି

## ଚାଲିଗଲା ଜୀବନ

**ପରିବାର ପୁରୁଷଶୂନ୍ୟ**

■ **କୁଣ୍ଢେଇ, ୮।୭ (ସମିସ):** ଡ୍ରାଇଭର୍ ସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁଁ ଠିକ୍ ସମୟରେ ଚିକିତ୍ସା ସେବା ନ ପାଇ ଜଣେ ଯୁବକ ପ୍ରାଣ ହରାଇଛନ୍ତି। ମୃତକ ହେଲେ, କାକଟପୁର ବ୍ଲକ୍ ବାଜପୁର କୃଷ୍ଣନଗରପାଟଣା ଗ୍ରାମର ରାଜକିଶୋର ବେହେରା। ରାଜକିଶୋର ବିବାହ, ବ୍ରତ ଓ ଶୁଦ୍ଧିକ୍ରିୟା ଆଦି କାର୍ଯ୍ୟରେ ରୋଷେଇ କରି ପରିବାର ପ୍ରତିପୋଷଣ କରିଆସୁଥିଲେ। ତେବେ ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେବାରୁ ରୋଜଗାର ହରାଇ ବସିଲେ। ▶ପୃଷ୍ଠା-୭

# ଗଛ ଉପରେ ୨୬ଘଣ୍ଟା

## ବନ୍ୟାରେ ଭାସିଗଲେ ୬୨ ବର୍ଷୀୟ ବୃଦ୍ଧା





■ **ସମ୍ବଲପୁର, ୮।୭(ସମିସ):** ବନ୍ୟାରେ ଭାସିଯାଉଥିବା ୬୨ବର୍ଷୀୟ ଜଣେ ବୃଦ୍ଧା ଏକ ଗଛରେ ୨୬ଘଣ୍ଟା ବିତାଇବା ଭଳି ଏକ ଘଟଣା ସମ୍ବଲପୁର ଜିଲ୍ଲାରେ ଆଜି ଚର୍ଚ୍ଚାର ବିଷୟ ହୋଇଛି। ବୃଦ୍ଧାଜଣଙ୍କ ହେଲେ, ରେଙ୍ଗାଲି ବ୍ଲକ୍ ଅନ୍ତର୍ଗତ ମାଝିପାଲି ଚମାରପଡ଼ାରର ଅହଲ୍ୟା ସିଂ। ଆଜି ତାଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରି ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରାଇଛି।

ସୂଚନାନୁସାରେ, ଅହଲ୍ୟା ସୋମବାର ଦିନ ୧୧ଟା ବେଳେ ହରଡ ଯୋର (ନାଳ) କୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ପ୍ରଖର ସ୍ରୋତରେ ବନ୍ୟାପାଣି ମାଡ଼ି ଆସିବାରୁ ସେ ଭାସିଯାଇଥିଲେ। ତେବେ ଜୀବନ ବିକଳରେ ସେ ଏକ ଗଛମୂଳକୁ ଧରିବା ସହ ସାହସ କରି ଗଛ ଉପରକୁ ଚଢ଼ି ଯାଇଥିଲେ। ଗତକାଲିଠାରୁ ଆଜି ପର୍ଯ୍ୟନ୍ତ ପାଖାପାଖି ୨୬ଘଣ୍ଟା ଧରି ସେ ଗଛ ଉପରେ ସେମିତି ଆଶ୍ରୟ ନେଇଥିଲେ। ଅପରପକ୍ଷେ, ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ତାଙ୍କ ନାତି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। କିନ୍ତୁ ନ ପାଇବାରୁ ଆଜି ରେଙ୍ଗାଲି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ସହ ନାତି ବୋଟ୍‌ରେ ଯୋରର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ସେହି ସମୟରେ ଅହଲ୍ୟା ଗଛ ଉପରେ ବସିଥିବା ଦେଖି ତାଙ୍କୁ ଉଦ୍ଧାର କରାଯାଇଥିଲା। ବୃଦ୍ଧାଜଣଙ୍କ ସୁସ୍ଥ ଥିବା ଜଣାପଡ଼ିଛି। ଅପରପକ୍ଷେ, ଆଈଙ୍କୁ ପାଇ ବେଶ୍ ଖୁସିଥିବା ତାଙ୍କ ନାତି କହିଛନ୍ତି।

**ସ୍ଥାଣୁ ପାଲଟିଛି ଚିହ୍ନଟ ପ୍ରକ୍ରିୟା**

# ମିଳିଛି ପଟ୍ଟା, ମିଳିନି ଜମି

## ଡିମାର୍କେସନ୍ ବିଭାଗରେ ନାହାନ୍ତି ଅମିନ

## ଏବେ ଆବେଦନ, ୩ ବର୍ଷ ପରେ ପାଳି

■ **ଭୁବନେଶ୍ୱର, ୮।୭ (ସମିସ):** ପଟ୍ଟା ଅଛି; ହେଲେ ଜମି ମିଳୁନି। ଜମି ଚିହ୍ନଟ କରିବାକୁ ରାଜସ୍ୱ ବିଭାଗ ପାଖରେ କର୍ମଚାରୀ ନାହାନ୍ତି। ବର୍ଷବର୍ଷ ବିତିଯିବା ପରେ ମଧ୍ୟ ଜମି ଚିହ୍ନଟ ହୋଇ ପାରୁନାହିଁ। ଆର୍‌ଆଇ କାର୍ଯ୍ୟାଳୟଠାରୁ ତହସିଲ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ଲୋକ ହତାଶ ହେଲେଣି। ତଥାପି ଜମି ଚିହ୍ନଟ ହୋଇ ପାରୁନାହିଁ। ତାରିଖ ପରେ ତାରିଖ ଗଡ଼ୁଛି, ତଥାପି ଜମି ଚିହ୍ନଟ ହୋଇ ପାରୁନାହିଁ। ଏବେ ଜମି ଚିହ୍ନଟ ଆବେଦନ କଲେ ୩ ବର୍ଷ ପରେ ପାଳି ପଡ଼ିବ ବୋଲି କୁହାଯାଉଛି। ରାଜସ୍ୱ ବିଭାଗରେ ଏ ପ୍ରକାର ଅବ୍ୟବସ୍ଥା ସାଧାରଣ ଲୋକଙ୍କୁ ଅତିଷ୍ଠ କରିଛି।ରାଜଧାନୀରେ ଜମି କିଣାବିକା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ଯେତିକି ଜମି କିଣାବିକା ହେଉଛି, ଠକେଇ ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଉଛି। ଭୁବନେଶ୍ୱର ଅଞ୍ଚଳରେ ଥିବା ଥାନା ଗୁଡ଼ିକରେ ପ୍ରତିଦିନ ଜମି ଠକେଇ ନେଇ ଅଭିଯୋଗ ହେଉଛି। ଏମିତିକି ଜମିର ସୀମା ଚିହ୍ନଟ ପାଇଁ ଅପରାଧ ବି ବଢ଼ିବାରେ ଲାଗିଛି। ହେଲେ ସରକାରୀ ଭାବେ ଥିବା ସୀମା ଚିହ୍ନଟ ପ୍ରକ୍ରିୟା ଏକଦମ୍ ସ୍ଥାଣୁ ▶ପୃଷ୍ଠା-୭

# ମନମୋହନଙ୍କ ମଥାରେ ସଭାପତି ଶିରିପା

## ସରକାରଙ୍କ ସହ ଦଳ ଖୁଣ୍ଟ ହୋଇ ଠିଆହେବ: ମନମୋହନ

## ମନମୋହନଙ୍କ ନେତୃତ୍ୱ ଯୋଗୁଁ ରାଜ୍ୟରେ ସରକାର: ମୋହନ



■ **ଭୁବନେଶ୍ୱର, ୮।୭ (ସମିସ):** ଦୀର୍ଘଦିନର କଳ୍ପନାଜଳ୍ପନାର ଅବସାନ ହୋଇଛି। ରାଜ୍ୟ ବିଜେପି ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ଦଳର ବରିଷ୍ଠ ନେତା ମନମୋହନ ସାମଲ। ମଙ୍ଗଳବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ କେନ୍ଦ୍ରୀୟ ନିର୍ବାଚନ ପର୍ଯ୍ୟବେକ୍ଷକ ସଞ୍ଜୟ ଜୟସ୍ୱାଲ ବିଧିବଦ୍ଧ ଭାବରେ ଶ୍ରୀ ସାମଲଙ୍କ ନାମ ଘୋଷଣା କରିଛନ୍ତି। ଏହାକୁ ମିଶାଇ ଶ୍ରୀ ସାମଲ ଚତୁର୍ଥ ଥର ପାଇଁ ରାଜ୍ୟ ବିଜେପି ସଭାପତି ପଦ ଅଳଙ୍କୃତ କରିଛନ୍ତି। ଏହି ଅବସରରେ ନବ ନିର୍ବାଚିତ ୩୨ ଜଣ ରାଷ୍ଟ୍ରୀୟ ପରିଷଦ ସଦସ୍ୟଙ୍କ ନାମ ମଧ୍ୟ ଏହି ଅବସରରେ ଘୋଷଣା କରାଯାଇଛି। ▶ପୃଷ୍ଠା-୭

## ଆଗରେ ଆହ୍ୱାନ ଅନେକ

■ **ଭୁବନେଶ୍ୱର, ୮।୭ (ସମିସ):** ମାତ୍ର ବର୍ଷକ ମଧ୍ୟରେ ଏକାଧିକ କାରଣରୁ ସରକାରଙ୍କୁ ବେଶ୍ ଅପଦସ୍ତ ହେବାକୁ ପଡ଼ିଛି। ସାଂଗଠନିକସ୍ତରରେ ମଧ୍ୟ ନେତାଙ୍କ ବିଶୃଙ୍ଖଳିତ ଆଚରଣ ନେତୃତ୍ୱଙ୍କୁ ଅକଳରେ ପକାଇଛି। ଉଭୟ ସରକାର ଏବଂ ସଂଗଠନରେ ସମନ୍ୱୟ ଅଭାବ ଜଳଜଳ। ଏହି ସମୟରେ ପୁଣିଥରେ ମନମୋହନଙ୍କ ହାତରେ ରାଜ୍ୟ ନେତୃତ୍ୱ ଭାର ଅର୍ପଣ କରିଛନ୍ତି ଶୀର୍ଷ ନେତୃତ୍ୱ। ରାଜ୍ୟ ସଭାପତି ପଦକୁ ନେଇ ବେଶ୍ କିଛି ମାସର ଛକାପଞ୍ଝା ପରେ ଶେଷରେ ମନମୋହନଙ୍କୁ ମଙ୍ଗଳବାର ଆନୁଷ୍ଠାନିକ ଭାବେ ସଭାପତି ଦାୟିତ୍ୱ ମିଳିଛି। ▶ପୃଷ୍ଠା-୭

**ସୀମା ଡେଇଁଲାଣି ଦଳୀୟ ନେତାଙ୍କ ମନମାନି, ବିଶୃଙ୍ଖଳା, ଗୋଷ୍ଠୀବାଦ**

**ନିଗମ, ବୋର୍ଡ ନିଯୁକ୍ତି ନିଷ୍ପତ୍ତି ବଡ଼ ଚାଲେଞ୍ଜ**

**ଆଗକୁ ଛାତ୍ରସଂସଦ ଓ ପଞ୍ଚାୟତ ଉପନିର୍ବାଚନ**


## ୧୧ ଜୁଲାଇ 'ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ' ମହାସମାବେଶ





୧୧ ତାରିଖ ୧୧ଟାରେ ଭୁବନେଶ୍ୱର ଚାଲ

ବହୁ ସଂଖ୍ୟାରେ ଯୋଗ ଦେବାକୁ ଆହ୍ୱାନ

ଆମର ନେତା, ତୁମର ନେତା ରାହୁଲ ଗାନ୍ଧୀ ଦେଶର ନେତା

**କଂଗ୍ରେସ** ଅହିଂସା ଆନ୍ଦୋଳନ କରି ଦେଶକୁ ସ୍ୱାଧୀନତା ଦେଇଥିଲା। ଅଥଚ ଏବେ ମୋଦୀଙ୍କ ଶାସନରେ ଗୋଟିଏ ପରେ ଗୋଟିଏ ସାମ୍ବିଧାନିକ ଅନୁଷ୍ଠାନକୁ ଦୁର୍ବଳ କରାଯାଉଛି। କଂଗ୍ରେସ ସଦାସର୍ବଦା ଜାତୀୟ ସଂହତି, ଧର୍ମନିରପକ୍ଷତା ଓ ଜନସାଧାରଣଙ୍କ ମୌଳିକ ଅଧିକାର ପାଇଁ ଲଢ଼େଇ କରିଆସିଛି। **ଶ୍ରୀ ରାହୁଲ ଗାନ୍ଧୀ କନ୍ୟାକୁମାରୀ ଠାରୁ କାଶ୍ମୀର ପର୍ଯ୍ୟନ୍ତ ଭାରତ ଯୋଡ଼ୋ ପଦଯାତ୍ରା** କରି ଯେଉଁ **'ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ'** ଆହ୍ୱାନ ଦେଇଛନ୍ତି, ସେଥିରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଲକ୍ଷଲକ୍ଷ ଲୋକ ଯୋଗଦେଇ ସେମାନଙ୍କର ସମର୍ଥନ ଜଣାଇଛନ୍ତି।

ପରିତାପର କଥା, **ମୋଦୀ ସରକାର ସାମାଜିକ ନ୍ୟାୟର ବିପରୀତ କାର୍ଯ୍ୟ କରୁଛି।** ଆଦିବାସୀ, ଦଳିତ ଓ ପଛୁଆବର୍ଗଙ୍କ ପାଇଁ ସମ୍ବିଧାନରେ ଦିଆଯାଇଥିବା ସଂରକ୍ଷଣ ସୁବିଧାକୁ ସୁଦ୍ଧା ହଟେଇ ଦେବା ପାଇଁ ବଡ଼ ଚକ୍ରାନ୍ତ ଚାଲିଛି। ଜାତି ଜନଗଣନା ପାଇଁ କଂଗ୍ରେସ ଯେଉଁ ଆହ୍ୱାନ ଦେଇଥିଲା, ଅନିଚ୍ଛା ସତ୍ତ୍ୱେ କେନ୍ଦ୍ର ବାଧ ହୋଇ ତାକୁ ଗ୍ରହଣ କରିଛି। ନେହେରୁଙ୍କ ପ୍ରଧାନମନ୍ତ୍ରୀତ୍ୱରେ, ସମ୍ବିଧାନ ପ୍ରଣେତା ଡ. ବିଆର୍ ଆମ୍ବେଦକରଙ୍କ ପ୍ରଚେଷ୍ଟାରେ ବିଶ୍ୱର ଏହି ଶ୍ରେଷ୍ଠ ଗଣତାନ୍ତ୍ରିକ ସମ୍ବିଧାନ ତିଆରି ହୋଇଥିଲା। ଏହା ଆମ ଗଣତନ୍ତ୍ରର ସବୁଠାରୁ ବଡ଼ ଧର୍ମଗ୍ରନ୍ଥ। କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ସରକାର ସମସ୍ତ ବିଧିବ୍ୟବସ୍ଥାକୁ ନଷ୍ଟଭ୍ରଷ୍ଟ କରି ଦେଶରେ ଏକଛତ୍ରବାଦ ପ୍ରତିଷ୍ଠା କରିବାକୁ ଯେଉଁ ଚକ୍ରାନ୍ତ କରୁଛନ୍ତି, ତାକୁ ରୋକିବାକୁ **ଶ୍ରୀ ରାହୁଲ ଗାନ୍ଧୀ** ଆହ୍ୱାନ ଦେଇଛନ୍ତି।

ଯାଏ କଥା ଗଲା। ହଜାରହଜାର ଭିଆଇପି ଓ ଦଳୀୟ କର୍ମୀଙ୍କୁ ପାସ୍ ଦେଇ ମହାପ୍ରଭୁ ଓ ଭକ୍ତଙ୍କ ମଧ୍ୟରେ ଫାଟ ସୃଷ୍ଟି କରାଗଲା। ଯୁଗଯୁଗରୁ ଚାଲିଆସିଥିବା ଏହି **ମହାପ୍ରଭୁ ଓ ଭକ୍ତକୈନ୍ଦ୍ରିକ** ରଥଯାତ୍ରାକୁ **ଦଳ ଓ ଭିଆଇପିକୈନ୍ଦ୍ରିକ** କରିଦିଆଗଲା। ସତେ ଯେମିତି ରଥଯାତ୍ରା ବିଜେପିର ଏକ ଦଳୀୟ ଇଭେଣ୍ଟ ଥିଲା!

ବିଜେପି ସରକାର ନାରା ଦେଲେ ବେଟି ବଚାଓ, ବେଟି ପଢ଼ାଓ। କିନ୍ତୁ ଅସଲରେ **ଓଡ଼ିଶାରେ ନାରୀ ଓ ଶିଶୁ ନିର୍ଯାତନା** ହୁ ହୁ ହୋଇ ଏମିତି ବଢ଼ିଲା ଯେ, ଆମେରିକା ନିଜ ଲୋକଙ୍କୁ ଓଡ଼ିଶା ବିଷୟରେ ସତର୍କ କରାଇବା ଯାଏ କଥା ଗଲା। ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ହତ୍ୟା ଏପରି ନିତିଦିନିଆ ହୋଇଛି (ଦିନକୁ ହାରାହାରି ୧୫ଟି ଦୁଷ୍କର୍ମ ଘଟଣା) ଯେ, ରାଜ୍ୟରେ ନାରୀ ସୁରକ୍ଷିତ ନ ଥିବା ଭଳି ଏକ ଧାରଣା ସୃଷ୍ଟି ହୋଇଛି। ଧରାକୋଟରେ ଯାହା ହୋଇଗଲା, କୌଣସି ସଭ୍ୟ ସମାଜରେ ତାହା ଆଦୌ ଗ୍ରହଣୀୟ ନୁହେଁ।

ସମସ୍ତଙ୍କୁ **ପାଇପ ଯୋଗେ ସ୍ୱଚ୍ଛ ପିଇବା ପାଣି ଯୋଗାଣର ପ୍ରତିଶ୍ରୁତି** କୁଆଡ଼େ ଗଲା? ଓଲଟା ରାଜ୍ୟବାସୀଙ୍କୁ ଏହି ସରକାର **ହଇଜା ମହାମାରୀ** ପରି ଆଉ ଏକ ଉପହାର ଦେଲେ। କିଛି ସ୍ଥାନରେ ବର୍ଷବର୍ଷ ଧରି ପାଇପ୍ ପଡ଼ିଛି, ଠିକାଦାର କିନ୍ତୁ ଛୁ। ବ୍ୟାପକ ହରିଲୁଟ୍; ଫଳ ଶୂନ୍। **ରାଜ୍ୟରେ ଏକତୃତୀୟାଂଶ ଡାକ୍ତର ପଦବି ଖାଲିପଡ଼ିଛି। ହଜାରହଜାର ଶିକ୍ଷକ ଓ ଅଧ୍ୟାପକ ପଦବି ମଧ୍ୟ ଖାଲି।** ଠିକା ଭିତ୍ତିରେ ସବୁକିଛି

**ରାଜ୍ୟରେ ନାରୀ ଅସୁରକ୍ଷିତ, ବେକାରୀ ଚିନ୍ତିତ, ଚାଷୀ ହନ୍ତସନ୍ତ ତ ସାଧାରଣ ଜନତା ପ୍ରତାରିତ**

ଯେଉଁ ରାଜ୍ୟରେ ଜନତା ଓ ଜଗନ୍ନାଥ ସମସ୍ତେ ଅସୁରକ୍ଷିତ, ସେଭଳି ସରକାରଙ୍କୁ ଗାଦିଚ୍ୟୁତ କରିବା ପାଇଁ ଜନତା ଆଗେଇ ଆସିବା ଦରକାର। ତେଣୁ 'ମୋଦୀ ହଟାଅ, ସମ୍ବିଧାନ ଓ ଦେଶ ବଂଚାଅ' କଂଗ୍ରେସର ମୂଳମନ୍ତ୍ର ହୋଇଛି। କଂଗ୍ରେସର ଡାକରାରେ ଆସନ୍ତା ୧୧ ତାରିଖ, ଶୁକ୍ରବାର ଦିନ ୧୧ଟାରେ ରାଜଧାନୀ ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଆୟୋଜିତ ହେଉଥିବା 'ସମ୍ବିଧାନ ବଂଚାଅ ଦେଶ ବଂଚାଅ' ମହାସମାବେଶରେ କଂଗ୍ରେସର ସର୍ବମାନ୍ୟ ନେତା, ଲୋକସଭାରେ ବିରୋଧୀ ଦଳ ନେତା ତଥା ପୂର୍ବତନ ଅଖିଳ ଭାରତ କଂଗ୍ରେସ କମିଟି ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ଏ.ଆଇ.ସି.ସି. ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଓ ଶ୍ରୀ ଭେନୁଗୋପାଲ୍ ଯୋଗଦେବେ।

ରାଜ୍ୟରେ ଗତ ଏକବର୍ଷର ବିଜେପି ସରକାର ଯେଉଁ ସବୁ ପ୍ରତିଶ୍ରୁତି ଦେଇଥିଲେ, ତାହା ପ୍ରତାରଣାରେ ପରିଣତ ହୋଇଛି। **'କଥା ଦେଇ କଥା ରଖିଲେ ମୋହନ ସରକାର' ଏକ ପ୍ରବଞ୍ଚନା ମାତ୍ର।** ବରଂ ଓଲଟା କରୁଛନ୍ତି ସେମାନେ। **କଥା ଦେଇ କୌଣସି କଥା ରଖିଲେନି ମୋହନ ସରକାର।** ବର୍ଷେ ହୋଇଗଲା ପଛେ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହୋଇପାରିଲାନି କି ଗତବର୍ଷ ରଥଯାତ୍ରାରେ ପ୍ରଭୁ ବଳଭଦ୍ର ପଡ଼ିଯିବା ଅଘଟଣର ରିପୋର୍ଟ ସୁଦ୍ଧା ପ୍ରସ୍ତୁତ ହୋଇପାରିଲାନି। ଓଡ଼ିଆ ଜାତିର ଆରାଧ୍ୟ ଦେବତା ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଘୋଷଯାତ୍ରା ଦିନ ଏଥର ମାତ୍ର ଚକେ ଗଡ଼ିଲେ। ଭିଭିଆଇପିଙ୍କ ପାଇଁ ମହାପ୍ରଭୁଙ୍କୁ ଅପେକ୍ଷା କରେଇଦେଲେ ସରକାର। **'ଓଡ଼ିଆ ଅସ୍ମିତା'ର ଦ୍ୱାହି ଦେଇ କ୍ଷମତାକୁ ଆସିଥିବା ରାଜ୍ୟ ସରକାର ସେଇ 'ଓଡ଼ିଆ ଅସ୍ମିତା'କୁ ଧୂଳିସାତ କରିଦେଲା।** ଏହି ମନୁଷ୍ୟକୃତ ମହାବିଭ୍ରାଟକୁ ଲୁଚେଇବା ପାଇଁ 'ଏହା କାଳିଆର ଲୀଳା' କହି ଖସି ଯିବାକୁ ବସିଥିଲେ ବିଜେପି ସରକାର। ଗୁଣ୍ଡିଚା ମନ୍ଦିର ଆଗରେ ରଥାରୁଢ଼ ଜଗନ୍ନାଥଙ୍କୁ ଦର୍ଶନ ବେଳେ ଯେଉଁ ଦଳାଚକଟା ହେଲା, ଅକାଳରେ ୩ ଜଣଙ୍କ ପ୍ରାଣଗଲା। ଏହି ବାହାଦୁରିଆ ସରକାରଙ୍କ ଅପାରଗତା ପଦାରେ ପଡ଼ିଲା। ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ କ୍ଷମା ମାଗିବା

କରାଇନେବାକୁ ସରକାର ତତ୍ପର। ଉଭୟ ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ଅବସ୍ଥା ଅତ୍ୟନ୍ତ ଦୟନୀୟ। ସରକାର କହିଲେ, ଏଥର ମଣ୍ଡିରେ କଟ୍‌ନିଛଟ୍‌ନି ବନ୍ଦ ହେବ। ଫଳ କିନ୍ତୁ ଓଲଟା। ଧାନ କ୍ୱିଣ୍ଟାଲ ପିଛା **୫ କିଗ୍ରାରୁ ବଢ଼ି ଏ ଥର ୮ କିଗ୍ରା କଟନିଛଡ଼୍‌ନି** ହେଲା। ଧାନର ଅଭାବୀ ବିକ୍ରି ରୋକାଯାଉନାହିଁ କି ଚାଷୀଙ୍କ ପାଇଁ ବୀମା ନାହିଁ।

**ବିଏମ୍‌ସିରେ ବିଜେପିର ଗୁଣ୍ଡାରାଜ** ସଭିଏଁ ଦେଖିଲେ। ପଦାଧିକାରୀଙ୍କୁ ଘୋଷାରି ଘୋଷାରି ମାଡ଼ ମାରିବା ଦୃଶ୍ୟ ରାଜ୍ୟରେ ସମସ୍ତଙ୍କୁ ହତବାକ୍ କରିଦେଲା। ଚାରିଦିନ କାଳ ଶାସନ ଚକ ଗଡ଼ିଲାନି। ଲୋକେ ହନ୍ତସନ୍ତ ହେଲେ। ବିରୋଧୀଙ୍କ ଚାପରେ ବାଧ ହୋଇ ସମର୍ପଣ କଲେ ସରକାର।

ଓଡ଼ିଶାର ମହିଳା, ଛାତ୍ର, ଯୁବକ, ଶ୍ରମିକ, ଚାଷୀ ସମସ୍ତେ ଆସନ୍ତା ୧୧ ତାରିଖ ରାହୁଲ ଗାନ୍ଧୀଙ୍କ ମହାସମାବେଶରେ ସାମିଲ ହେବା ପାଇଁ ଅନୁରୋଧ କରୁଛି। 'ସମ୍ବିଧାନ ବଂଚାଅ, ଦେଶ ବଂଚାଅ' ସମାବେଶକୁ ସଫଳ କରିବା ପାଇଁ ଓଡ଼ିଶାବାସୀ ଆଗେଇ ଆସନ୍ତୁ।



ନିବେଦକ
**ଭକ୍ତ ଚରଣ ଦାସ**
ସଭାପତି, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି

# ପୁଲୱାମା ଆକ୍ରମଣ ପାଇଁ ଆମାଜନ୍‌ରୁ କିଣାଯାଇଥିଲା ବିସ୍ଫୋରକ

ନୂଆଦିଲ୍ଲୀ, ୮।୭ (ଏଜେନ୍ସି): ପୁଲୱାମା ଆତଙ୍କବାଦୀ ଆକ୍ରମଣକୁ ନେଇ ବଡ଼ ତଥ୍ୟ ଆସିଛି। ଏହି ଆକ୍ରମଣରେ ବ୍ୟବହୃତ ବିସ୍ଫୋରକ ଇ-କମର୍ସ ୱେବସାଇଟ ଆମାଜନରୁ କିଣା ଯାଇଥିଲା ବୋଲି ଜଣାପଡ଼ିଛି। ସାରା ବିଶ୍ୱରେ ଆତଙ୍କବାଦକୁ ପାଣ୍ଠି ଯୋଗାଣ ଉପରେ ନଜର ରଖୁଥିବା ଫାଇନାନ୍‌ସିଆଲ ଆକ୍ସନ ଟାସ୍କ ଫୋର୍ସ (ଏଫଏଟିଏଫ୍) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏଫଏଟିଏଫ ରିପୋର୍ଟ 'କମ୍ପ୍ରିହେନସିଭ୍ ଅପଡେଟ ଅନ୍ ଟେରରିଷ୍ଟ ଫାଇନାନ୍ସିଂ ରିସ୍କ' ରେ ୨୦୨୨ରେ ଉତ୍ତର ପ୍ରଦେଶ ଗୋରଖପୁର ଗୋରଖନାଥ ମନ୍ଦିରରେ ହୋଇଥିବା ଆକ୍ରମଣ ବିଷୟରେ ମଧ୍ୟ ସୂଚନା ଦିଆଯାଇଛି। ଏହି ଆକ୍ରମଣକାରୀକୁ ପେ' ପାଲ୍ ଆପ୍ ମାଧ୍ୟମରେ ପେମେଣ୍ଟ ହୋଇଥିଲା ବୋଲି କୁହାଯାଇଛି। ଏହି ଦୁଇ ମାମଲାକୁ ଉଦାହରଣ ଭାବେ ନେଇ ଏଫ୍‌ଏଟିଏଫ୍ ସତର୍କ କରାଇ ଦେଇଛି। ଇ-କମର୍ସ ଏବଂ ଡିଜିଟାଲ ପେମେଣ୍ଟ ସେବା ଖରାପ ବ୍ୟକ୍ତିଙ୍କ ହାତରେ ଲାଗିଗଲେ ଏହା ଆତଙ୍କବାଦୀକୁ ପ୍ରୋତ୍ସାହନ ଦେବାର ମାଧ୍ୟମ ପାଲଟି ଯାଇପାରେ ବୋଲି କୁହାଯାଇଛି।

### ଗୋରଖନାଥ ମନ୍ଦିର ଆକ୍ରମଣକାରୀକୁ 'ପେ ପାଲ୍'ରେ ହୋଇଥିଲା ପେମେଣ୍ଟ !

ଅନ୍‌ଲାଇନ ପ୍ଲାଟଫର୍ମଗୁଡିକୁ କିଭଳି ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ବ୍ୟବହାର କରାଯାଉଛି ତାହାର ସୂଚନା ଏହି ରିପୋର୍ଟରେ ପ୍ରଦାନ କରାଯାଇଛି। କୁହାଯାଇଛି ଯେ ଆତଙ୍କବାଦୀ ସଂଗଠନ ଏବେ ପାରମ୍ପରିକ ଫଣ୍ଡିଂ ସହିତ ଅନ୍‌ଲାଇନ ପେମେଣ୍ଟ, ଗେମିଂ ପ୍ଲାଟଫର୍ମ, ସୋସିଆଲ ମିଡିଆ ଏବଂ ଇ-କମର୍ସ ସାଇଟ୍ସ ଭଳି ଡିଜିଟାଲ ପ୍ଲାଟଫର୍ମ ବ୍ୟବହାର କରୁଛନ୍ତି। ଏହାକୁ ନେଇ ସରକାର ଏବଂ ଡିଜିଟାଲ କମ୍ପାନୀଙ୍କୁ ଏଫଏଟିଏଫ ଚେତାବନୀ ଦେଇଛି। ଏଭଳି ପ୍ଲାଟଫର୍ମର ଅପବ୍ୟବହାର ରୋକିବା ପାଇଁ କଠୋର ପଦକ୍ଷେପ



ନେବାକୁ କୁହାଯାଇଛି। କାରଣ ଏହା ଏବେ ଆତଙ୍କବାଦୀ ସଂଗଠନଗୁଡିକ ପାଇଁ ନୂଆ ଏବଂ ପ୍ରଭାବଶାଳୀ ମାଧ୍ୟମ ପାଲଟି ଯାଇଛି।

ମିଳିତ ଜାତିସଂଘରର ଆତଙ୍କବାଦୀ ବିରୋଧୀ ଶାଖା (ୟୁଏନ ସିଟିଇଡି) ଏବଂ ଫ୍ରାନ୍ସ ସହ ମିଶି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ରିପୋର୍ଟ ଅନୁଯାୟୀ ଆତଙ୍କବାଦ ଫଣ୍ଡିଂ ଯାଞ୍ଚ, ଦୋଷ ସାବ୍ୟସ୍ତ କରିବାରେ ୬୯ ପ୍ରତିଶତ ଦେଶ ବିଫଳ ହୋଇଛନ୍ତି। ଆର୍ଥିକ ବ୍ୟବସ୍ଥାର ଅପବ୍ୟବହାର ଅନ୍ତର୍ଜାତୀୟ ଶାନ୍ତିକୁ ଦୁର୍ବଳ କରିପାରେ। ସେଥିପାଇଁ ସବୁ ସଦସ୍ୟ ରାଷ୍ଟ୍ରଙ୍କୁ ଗ୍ଲୋବାଲ ନେଟୱର୍କ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଟ୍ରାଭେଲ, ପେମେଣ୍ଟ, ସୋସିଆଲ ମିଡିଆ ଭଳି ସନ୍ଦେହଜନକ ପ୍ଲାଟଫର୍ମକୁ ଚିହ୍ନଟ କରିବା ପାଇଁ ନୂଆ ବ୍ୟବସ୍ଥା ବିକଶିତ କରିବାକୁ ପରାମର୍ଶ ଦିଆଯାଇଛି। ସରକାରୀ ଏବଂ ଘରୋଇ କ୍ଷେତ୍ର ମଧ୍ୟରେ ଡାଟା ସେୟାର କରିବାକୁ କୁହାଯାଇଛି। ରିପୋର୍ଟରୁ ଜଣାପଡ଼ିଛି ଯେ ଆତଙ୍କବାଦକୁ ପାଣ୍ଠି ଯୋଗାଣ ସମ୍ବନ୍ଧିତ ରଣନୀତି ସବୁବେଳେ ସମାନ ହୋଇ ନ ଥାଏ। ଏହା ପରିସ୍ଥିତି ହିସାବରେ ଭିନ୍ନ ଭିନ୍ନ ହୋଇଥାଏ।

## ଲୋହିତ ସାଗରରେ ଲେଜର୍ ଆକ୍ରମଣ କରୁଛି ଚୀନ୍

ବର୍ଲିନ, ୮।୭ (ଏଜେନ୍ସି): ଲୋହିତ ସାଗରରେ ଚୀନ୍ ଦାଦାଗିରି ଦେଖାଉଛି। ଏହି କମ୍ୟୁନିଷ୍ଟ ଦେଶ ବିରୋଧରେ ଜର୍ମାନୀ ଗୁରୁତର ଅଭିଯୋଗ ଲଗାଇଛି। ଚୀନ୍ ସାମରିକ ଯୁଦ୍ଧ ଜାହାଜ ଜର୍ମାନୀର ଲଢୁଆ ବିମାନ ଉପରେ ଲେଜର୍ ଆଟାକ କରିଥିବା କୁହାଯାଇଛି। ୟୁରୋପୀୟ ସଂଘ (ଇୟୁ) ନେତୃତ୍ୱରେ ଚାଲିଥିବା ଲୋହିତ ସାଗରରେ 'ସାମୁଦ୍ରିକ ସୁରକ୍ଷା ଅଭିଯାନ'ବେଳେ ଚୀନ୍ ଏପରି କରିଛି। ଏହାକୁ ନେଇ ଜର୍ମାନୀ ଚୀନ୍ ଆମ୍ବାସାଡରଙ୍କୁ ସମନ ଜାରି କରିଛି। ଏହି ଆକ୍ରମଣକୁ ନେଇ ବିସ୍ତୃତ ସୂଚନା ଦେବାକୁ କୁହାଯାଇଛି। ଜର୍ମାନୀ ପକ୍ଷରୁ କୁହାଯାଇଛି ଯେ ସୈନିକଙ୍କ ଜୀବନକୁ ବିପଦରେ ପକାଇବା ଏବଂ ଅଭିଯାନରେ ବାଧା ସୃଷ୍ଟି କରିବାକୁ କଦାପି ଗ୍ରହଣ କରାଯିବ ନାହିଁ।

## ସରକାରଙ୍କୁ ଦିଆଗଲା ଅହମଦାବାଦ ବିମାନ ଦୁର୍ଘଟଣାର ଯାଞ୍ଚ ରିପୋର୍ଟ

ନୂଆଦିଲ୍ଲୀ, ୮।୭ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାର ୨୬ ଦିନ ପର ମଙ୍ଗଳବାର ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ପ୍ରାରମ୍ଭିକ ଯାଞ୍ଚ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଛି। ପ୍ରାରମ୍ଭିକ ଯାଞ୍ଚରୁ ମିଳିଥିବା ପ୍ରମାଣ ଏବଂ ପ୍ରଯୁକ୍ତିବିଦ୍ୟାର ବିଶ୍ଳେଷଣକୁ ଆଧାର କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ବୋଲି ସୂଚନା ମିଳିଛି। ଏହି ସପ୍ତାହ ପରେ ରିପୋର୍ଟକୁ ସାର୍ବଜନୀନ କରାଯିବ ବୋଲି ଅଧିକାରୀ କହିଛନ୍ତି। ଏହି ରିପୋର୍ଟରେ କ'ଣ ରହିଛି ତାହା ଜଣା ପଡ଼ି ନ ଥିବାବେଳେ ଦୁର୍ଘଟଣାର କାରଣ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦିଆଯାଇଛି ବୋଲି କୁହାଯାଉଛି।

## ରଏଟର୍ସ ଆକାଉଣ୍ଟ ବନ୍ଦ କରିବାକୁ ଭାରତ କହିଥିଲା: ମସ୍କ

ୱାସିଂଟନ, ୮।୭ (ଏଜେନ୍ସି): ବ୍ରିଟେନ ନ୍ୟୁଜ ଏଜେନ୍ସି 'ରଏଟର୍ସ'ର ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ଭାରତରେ ବ୍ଲକ ହେବାକୁ ନେଇ ଶିଳ୍ପପତି ତଥା 'ଏକ୍ସ' ମାଲିକ ଏଲନ ମସ୍କ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏକ୍ସ ପକ୍ଷରୁ କୁହାଯାଇଛି ଯେ ଭାରତ ସରକାର ଗଣମାଧ୍ୟମ ସ୍ୱାଧୀନତାକୁ ଗୁରୁତ୍ୱ ଦେଉନାହାନ୍ତି। ଗଣମାଧ୍ୟମ ଉପରେ କଠୋର କଟକଣା ଲଗାଯାଉଛି। ଗତ ତିନି ତାରିଖରେ ଭାରତ ସରକାର ୨ ହଜାରରୁ ଅଧିକ ଆକାଉଣ୍ଟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଘଣ୍ଟାଏ ମଧ୍ୟରେ କୌଣସି କାରଣ ନ ଦର୍ଶାଇ ରଏଟର୍ସ ସମେତ ଏହି ଆକାଉଣ୍ଟଙ୍କୁ ବନ୍ଦ କରି ଦିଆଯାଇଥିଲା। ସେହିପରି ଭାରତ ପକ୍ଷରୁ କୁହାଯାଇଛି ଯେ ଆକାଉଣ୍ଟ ବ୍ଲକ କରିବାକୁ ନେଇ କୌଣସି ନୂଆ ନିର୍ଦ୍ଦେଶ ଜାରି କରାଯାଇନାହିଁ। ରଏଟର୍ସ ଆକାଉଣ୍ଟଙ୍କୁ ଅନବ୍ଲକ କରିବାକୁ କୁହାଯାଇଛି। ଏଥିପାଇଁ ଏକ୍ସକୁ ୨୧ ଘଣ୍ଟା ଲାଗିଯାଇଛି।

## ରନୱେରେ ଦୌଡୁଥିଲେ; ବିମାନ ଇଞ୍ଜିନ ଟାଣିନେଲା

ରୋମ୍, ୮।୭ (ଏଜେନ୍ସି): ଇଟାଲୀର ଏକ ବିମାନବନ୍ଦରରେ ମଙ୍ଗଳବାର ସକାଳ ୧୦ଟା ୨୦ରେ ବଡ଼ ଅଘଟଣ ଘଟିଛି। ରନୱେରେ ଦୌଡୁଥିବାବେଳେ ଜଣେ ବ୍ୟକ୍ତିଙ୍କୁ ବିମାନର ଇଞ୍ଜିନ ଟାଣି ନେଇଛି। ଇଞ୍ଜିନରେ ଫସି ରହିବାରୁ ଏହି ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସ୍ଥାନୀୟ ଗଣମାଧ୍ୟମର ସୂଚନା ଅନୁଯାୟୀ ସେହି ବ୍ୟକ୍ତି ରନୱେରେ ଦୌଡୁଥିବାବେଳେ ଏ୩୧୯ ବିମାନ ମାର୍ଗରେ ଆସି ଯାଇଥିଲେ। ଏହି ବିମାନଟି ସ୍ପେନ ଅଭିମୁଖେ ଉଡ଼ାଣ ଆରମ୍ଭ କରୁଥିଲା।

## ୧୬ରେ ନର୍ସ ନିମିଷାଙ୍କୁ ଫାଶୀ ଦେବ ୟେମେନ

ସନା, ୮।୭ (ଏଜେନ୍ସି): ୟେମେନ ନାଗରିକଙ୍କୁ ହତ୍ୟା ମାମଲାରେ ଫାଶୀ ଦଣ୍ଡ ପାଇଥିବା କେରଳ ନର୍ସ ନିମିଷା ପ୍ରିୟାଙ୍କୁ ଆସନ୍ତା ୧୬ ତାରିଖରେ ଫାଶୀ ଦିଆଯିବ। ଗତ ବର୍ଷ କେରଳର ଏହି ନିମିଷାଙ୍କୁ ଫାଶୀ ଦେବା ପାଇଁ ୟେମେନ ରାଷ୍ଟ୍ରପତି ଅନୁମତି ଦେଇଥିଲେ। ଏହି ଘଟଣାକ୍ରମ ଉପରେ ଭାରତର ବିଦେଶ ମନ୍ତ୍ରାଳୟ ତୀକ୍ଷ୍ଣ ନଜର ରଖିଥିବା କୁହାଯାଇଛି। ନିମିଷା ୨୦୦୮ ରେ ୟେମେନ ଯାଇ ୨୦୧୪ରେ ତଲାଲ ଆବଦୁ ମହଦିଙ୍କ ସଂସ୍ପର୍ଶରେ ଆସି ମିଶିକି ବ୍ୟବସାୟ କରୁଥିଲେ। ପରେ ଉଭୟଙ୍କର ଝଗଡ଼ା ହେବାରୁ ମହଦି ଜେଲ୍ ଯାଇଥିଲା। ପରେ ବାହାରକୁ ଆସି ନିମିଷାଙ୍କୁ ଧମକ ଦେଇଥିଲା। ତା' ପାଖରେ ଥିବା ପାସପୋର୍ଟ ଆଣିବା ପାଇଁ ନିମିଷା ତାଙ୍କୁ ନିଶା ଇଞ୍ଜେକ୍ସନ ଦେଇ ଭାରତ ଆସିବାକୁ ପ୍ରୟାସ କରିଥିଲେ। କିନ୍ତୁ ଓଭରଡୋଜ ଯୋଗୁଁ ମହଦିର ମୃତ୍ୟୁ ହେବା ପରେ ନିମିଷାଙ୍କୁ ଗିରଫ କରାଯାଇଥିଲା। ଏହାକୁ ନେଇ ତାଙ୍କୁ ୨୦୧୮ ରେ ମୃତ୍ୟୁଦଣ୍ଡ ଦିଆଯାଇଥିଲା।

# ଭାରତ ମହାସାଗରରେ ଭାରତକୁ ଘେରୁଛି ଚୀନ୍

ନୂଆଦିଲ୍ଲୀ, ୮।୭ (ଏଜେନ୍ସି): ଚୀନ୍ ଏବଂ ଭାରତ ମଧ୍ୟରେ ଶୀତଳ ଯୁଦ୍ଧ ଜାରି ରହିଛି। ଏହି କମ୍ୟୁନିଷ୍ଟ ରାଷ୍ଟ୍ର ସବୁ କ୍ଷେତ୍ରରେ ଭାରତକୁ ଘେରିବା ପାଇଁ ପ୍ରୟାସ କରୁଛି। ଏଥିପାଇଁ ଅନ୍ତର୍ଜାତୀୟ ସ୍ତରରେ ଷଡ଼ଯନ୍ତ୍ର ଚଳାଇଛି। ଭାରତର ଅଗଣା କୁହାଯାଉଥିବା ଭାରତ ମହାସାଗରକୁ ବି ଭାରତ ବିରୋଧରେ ବ୍ୟବହାର ପାଇଁ ଚୀନ୍ ଜୋରଦାର ପ୍ରୟାସ ଚଳାଇଛି। ଏହି ମହାସାଗରର ଅତିକମ୍‌ରେ ୯ଟି ପଏଣ୍ଟରେ ନିଜ ସ୍ଥିତ ମଜବୁତ କରିବାରେ ଲାଗିଛି। ବନ୍ଦର, ନୌସେନା ଘାଟୀ, ବିମାନ ବନ୍ଦର ଏବଂ ନିଜ ଜାହାଜ ଗୁଡିକ ପାଇଁ ଠିକଣା ନିର୍ମାଣ କରୁଛି। ଏହା ଭାରତ ପାଇଁ ବଡ଼ ଆହ୍ୱାନ ପାଲଟି ଯାଇଛି। ବିଦେଶ ମାମଲାର ସଂସଦୀୟ କମିଟି ମଧ୍ୟ ଏହା ସ୍ୱୀକାର କରିଛି। ତେବେ ଚୀନ୍‌କୁ ଜବାବ ଦେବା ଲାଗି ଭାରତ ମଧ୍ୟ ଜାଲ୍ ବିଛାଇବା ଆରମ୍ଭ କରିଦେଇଛି।

ଅଷ୍ଟ୍ରେଲିଆରୁ ଆଫ୍ରିକା ଏବଂ ଭାରତରୁ ଦକ୍ଷିଣ ମହାସାଗର ପର୍ଯ୍ୟନ୍ତ ୭.୦୬ କୋଟି ବର୍ଗ କିମିରେ ବ୍ୟାପିଥିବା ଭାରତ ମହାସାଗରର ଉପକୂଳରେ ୩୩ ଦେଶ ଏବଂ ୫୭ ଦ୍ୱୀପ ରହିଛି। ଏଠାରେ ୩ ଅରବ ଲୋକ ରହୁଛନ୍ତି। ଭାରତ ଏହାର କେନ୍ଦ୍ରରେ ରହିଛି। ତେଣୁ ଏହାର ନାମ ଭାରତ ମହାସାଗର ରହିଛି। ଏହି ମହାସାଗର ତଳେ ୪୦ ପ୍ରତିଶତ ପେଟ୍ରୋଲିୟମ ରହିଛି। ବର୍ଷକୁ ଲକ୍ଷେରୁ ଅଧିକ ବାଣିଜ୍ୟିକ ଜାହାଜ ଏହି ମାର୍ଗ ଦେଇ ଯାଉଛି। ଏହା ମାଧ୍ୟମରେ ୮୦ ପ୍ରତିଶତ ସାମୁଦ୍ରିକ ତୈଳ ଯୋଗାଣ ହେଉଛି। ଏହି ମାର୍ଗରେ କୌଣସି ସମସ୍ୟା ସୃଷ୍ଟି ହେଲେ ୟୁରୋପ, ମଧ୍ୟପ୍ରାଚ୍ୟ, ଆଫ୍ରିକା ଏବଂ ଏସିଆକୁ ବ୍ୟାପାର ବନ୍ଦ ହୋଇଯିବ। ତେବେ ଭାରତ ସହିତ ନିଜ ଶତ୍ରୁ ରାଷ୍ଟ୍ରଙ୍କୁ ଘେରିବା ପାଇଁ ଚୀନ୍ ଏହି ମହାସାଗରରେ ନିଜ ବେସ୍ ବନାଉଛି। ଅନ୍ୟ ଦେଶଗୁଡିକ ସହ ମିଶି କିମ୍ବା ଜମିକୁ ଲିଜ୍ ନେଇ ବନ୍ଦର ଆଦି ନିର୍ମାଣ କରୁଛି। ଚୀନ୍ କମ୍ବୋଡିଆରେ ରିମ୍ ନାଭାଲ ବେସ୍, ମ୍ୟାଁମାରର କୋକୋ ଆଇଲ୍ୟାଣ୍ଡ, କୋକପ୍ୟୁ ବନ୍ଦର ନିର୍ମାଣ କରୁଛି। ସେହିପରି ବାଂଲାଦେଶର ଚିଟଗାଁଓ ବନ୍ଦର, ଶ୍ରୀଲଙ୍କାର ହମ୍ବନଟୋଟା ବନ୍ଦର, ମାଳଦ୍ୱୀପରେ ଭିତ୍ତିଭୂମି ବିକାଶ ସହିତ ସାମରିକ ଘାଟୀ ନିର୍ମାଣ, ପାକିସ୍ତାନ ଗ୍ୱାଦର ବନ୍ଦର ଲିଜ୍‌ରେ ନେଇଛି। ଏହା ବ୍ୟତୀତ ପୂର୍ବ ଆଫ୍ରିକାର ଜିବୁତିରେ ନୌ ଚୀନ୍ ନିଜର ପ୍ରଥମ ନୌସେନା ଘାଟୀ ବନାଇଛି। ସେଚେଲ୍ସର ଭିକ୍ଟୋରିଆ ବନ୍ଦର ନିର୍ମାଣରେ ମଧ୍ୟ ଆର୍ଥିକ ସହାୟତା କରୁଛି। ଦକ୍ଷିଣ ଆଫ୍ରିକା ଉପକୂଳକୁ ନିୟନ୍ତ୍ରଣ କରିବା ପାଇଁ ବେଜିଂ ତାଞ୍ଜାନିଆ ଏବଂ କେନିଆରେ ମଧ୍ୟ ଅନେକ ବନ୍ଦର ନିର୍ମାଣ କରିଛି।

### ପାଲଟା ଜବାବ ପାଇଁ ଭାରତର ରଣନୀତି ପ୍ରସ୍ତୁତ




ଚୀନ୍‌ର ଏହି 'ଷ୍ଟ୍ରିଙ୍ଗ ଅଫ୍ ପର୍ଲ୍ସ'ର ଜବାବ ଦେବା ଲାଗି ଭାରତ 'ନେକ୍‌ଲେସ୍ ଅଫ୍ ଡାଏମଣ୍ଡ' ରଣନୀତି ଆପଣାଇଛି। ତେବେ ଏ ନେଇ ଭାରତ ପକ୍ଷରୁ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ। ସିଙ୍ଗାପୁରର ଚାଙ୍ଗୀ ନେଭାଲ ବେସ୍ ବ୍ୟବହାର ପାଇଁ ଭାରତ ଚୁକ୍ତି କରିଛି। ଇଣ୍ଡୋନେସିଆର ସବାଙ୍ଗ ବନ୍ଦରରେ ଭାରତ ସାମରିକ କାର୍ଯ୍ୟକଳାପ ବୃଦ୍ଧି କରିଛି। ସେଚେଲ୍ସ ସହ ମିଶି ଭାରତ ଅସମ୍ପସନ ଦ୍ୱୀପରେ ନୌସେନା ଘାଟୀ ନିର୍ମାଣ କରୁଛି। ସେହିପରି ଓମାନର ଦୁକମ ବନ୍ଦର ନିର୍ମାଣ, ଇରାନ ଚାବାହର ବନ୍ଦରକୁ ଲିଜ୍, ଚୀନ୍‌କୁ ଉତ୍ତର ଦେବା ପାଇଁ ମଙ୍ଗୋଲିଆ ସହ ସମ୍ବନ୍ଧ ବୃଦ୍ଧି କରି ଏୟାର କରିଡୋର ନିର୍ମାଣ ଲାଗି ଚୁକ୍ତି, ଜାପାନ ସହ ମିଶି 'ଏସିଆ-ଆଫ୍ରିକା ଗ୍ରୋଥ୍ କରିଡର' ପାଇଁ ଚୁକ୍ତି କରିଛି। ଦକ୍ଷିଣ-ପୂର୍ବ ଏସିଆରେ ଭିଏତନାମ ସହ ଭାରତ ଘନିଷ୍ଠତା ବଢାଇ ବ୍ରହ୍ମୋସ କ୍ଷେପଣାସ୍ତ୍ର ବିକ୍ରି କରିଛି। ୧.୯ ବିଲିୟନ ଡଲାର ମଧ୍ୟ ନିବେଶ କରିଛି। ସେହିପରି ଆନ୍ଧ୍ରପ୍ରଦେଶର ରାମବିଲିରେ ନୌସେନା ଘାଟୀ 'ଆଇଏନଏସ ବର୍ଷା' ନିର୍ମାଣ କରୁଛି। ମରିସସ୍ ଦ୍ୱୀପରୁ ମଧ୍ୟ ଭାରତ ଚୀନ୍ କାର୍ଯ୍ୟକଳାପ ଉପରେ ନଜର ରଖିଛି।

# ଭାଷା ପାଇଁ ମହାରାଷ୍ଟ୍ର ଅଶାନ୍ତ

ମୁମ୍ବାଇ, ୮।୭: ଭାଷାକୁ ନେଇ ଅଶାନ୍ତ ହୋଇପଡ଼ିଛି ମହାରାଷ୍ଟ୍ର। ପ୍ରାଥମିକ ବିଦ୍ୟାଳୟରେ ହିନ୍ଦୀ ଭାଷାରେ ପାଠପଢ଼ା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ବିରୋଧ କରି ଏକାଠି ହୋଇଥିବା ରାଜ ଏବଂ ଉଦ୍ଧବ ଠାକରେଙ୍କ ଦଳ ଏବେ ରାସ୍ତାକୁ ଓହ୍ଲାଇଛନ୍ତି। ସେମାନଙ୍କ ବିରୋଧ ପରେ ସରକାର ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରିଥିଲେ ମଧ୍ୟ ମରାଠୀ କହିପାରୁ ନଥିବା ଲୋକମାନଙ୍କ ଉପରେ ଆକ୍ରମଣ ଚଳାଇଛନ୍ତି ଦଳୀୟ କର୍ମୀ। ଏହାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି।

ଭାଷା ନାମରେ ଦୀର୍ଘ ୨୦ ବର୍ଷ ପରେ ଏକାଠି ହୋଇଥିବା ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ମୁଖ୍ୟ ରାଜ ଠାକରେ ଏବଂ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ ଏକାଠି ହେବାପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବିଶେଷ କରି ରାଜ ଠାକରେଙ୍କ ଏମ୍‌ଏନ୍‌ଏସ୍ କର୍ମୀ ବେଶି ଉତ୍ପାତ କରୁଛନ୍ତି। ମହାରାଷ୍ଟ୍ର ବାହାରୁ ଆସି ଏଠାରେ କାମ/ବ୍ୟବସାୟ କରୁଥିବା ଲୋକମାନଙ୍କୁ ସେମାନେ ଟାର୍ଗେଟ କରିଛନ୍ତି। ଗତ ସପ୍ତାହରେ ରାଜଙ୍କ କର୍ମୀମାନେ ଏକ ଦୋକାନରେ ପଶି ବ୍ୟବସାୟୀ ଓ କର୍ମଚାରୀଙ୍କୁ ମାଡ଼ ମାରିଥିଲେ। ସେମାନେ ମରାଠୀ ଭାଷା ଜାଣି ନଥିଲେ ଏବଂ ହିନ୍ଦୀ ଭାଷା କହିବାରୁ ମାଡ଼ ମାରିଥିଲେ। ଏହାର ପ୍ରତିବାଦରେ ଆଜି ବ୍ୟବସାୟୀମାନେ ବିକ୍ଷୋଭ ଯାତ୍ରା ବାହାର କରିଥିଲେ। ଏହାକୁ ଭଣ୍ଡୁର କରିବା ଲାଗି

### ଏମଏନଏସ୍ ଟାର୍ଗେଟରେ ଅଣ ମରାଠୀ ଶ୍ରମିକ



ଏମ୍‌ଏନ୍‌ଏସ୍ କର୍ମୀମାନେ ମଧ୍ୟ ଥାନେର ମୀରା ରୋଡ୍‌ରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ସେମାନେ ବ୍ୟବସାୟୀଙ୍କ ବିକ୍ଷୋଭ ରାସ୍ତା ଆଡ଼କୁ ମୁହାଁଇବାରୁ ପୋଲିସ ଅଟକାଇଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏମ୍‌ଏନ୍‌ଏସ୍ କର୍ମୀମାନଙ୍କୁ ପୁଲିସ ଉଠାଇନେଇଥିଲା। ପୁଲିସ ଆଗରେ ସେମାନେ ଉତ୍ପାତ ଆରମ୍ଭ କରିଦେଇଥିଲେ। ବ୍ୟବସାୟୀମାନଙ୍କୁ ବିକ୍ଷୋଭ ପାଇଁ କାହିଁକି ଅନୁମତି ଦିଆଗଲା ବୋଲି ପ୍ରଶ୍ନ କରିବା ସହିତ ସେମାନେ ଧମକ ଦେଇଥିଲେ ଯେ ଯେଉଁମାନେ ମରାଠୀ ନଶିଖିବେ, ସେମାନଙ୍କୁ ଆକ୍ରମଣ କରାଯିବ। ସେମାନଙ୍କୁ ସମର୍ଥନ ଜଣାଇ ଶିବ ସେନାର ଜଣେ ମନ୍ତ୍ରୀ ପ୍ରତାପ ସରନାଏକ ଏହି ବିକ୍ଷୋଭରେ ସାମିଲ ହେବାକୁ ଯାଉଥିବା ବେଳେ ଏମ୍‌ଏନ୍‌ଏସ୍ କର୍ମୀମାନେ ତାଙ୍କୁ ଘଉଡ଼ାଇ ଦେଇଥିଲେ।

ଇତିମଧ୍ୟରେ ରାଜ ଓ ଉଦ୍ଧବଙ୍କ କର୍ମୀମାନଙ୍କୁ ଧମକ ଦେଇଛନ୍ତି ବିଜେପି ସାଂସଦ ନିଶିକାନ୍ତ ଦୁବେ। ସେ କହିଛନ୍ତି ଯେ ଯଦି ସାହାସ ଅଛି, ତାହାହେଲେ ଏହି କର୍ମୀମାନେ ବିହାର କିମ୍ବା ଉତ୍ତର ପ୍ରଦେଶ ଆସନ୍ତୁ। ସେମାନଙ୍କୁ ଦଉଡ଼ାଇ ଦଉଡ଼ାଇ ମାଡ଼ ମରାଯିବ। କେବଳ ହିନ୍ଦୀ କହିପାରୁଥିବା ସାଧାରଣ ଲୋକଙ୍କୁ କାହିଁକି ଆକ୍ରମଣ କରୁଛନ୍ତି। ଉର୍ଦ୍ଦୁ, ତାମିଲ ଏବଂ ତେଲୁଗୁ କହୁଥିବା ଲୋକମାନଙ୍କୁ କାହିଁକି ସେମାନେ ଆକ୍ରମଣ କରୁନାହାନ୍ତି ବୋଲି ଦୁବେ କଟାକ୍ଷ କରିଛନ୍ତି।

## ବ୍ଲାକମେଲ୍ କରି ମାଗିଲେ ୩ କୋଟି; ଆତ୍ମହତ୍ୟା କଲେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ

ମୁମ୍ବାଇ, ୮।୭ (ଏଜେନ୍ସି): ନିର୍ଯାତନା ଏବଂ ବ୍ଲାକମେଲିଂ ସହି ନ ପାରି ମୁମ୍ବାଇର ଚାର୍ଟାର୍ଡ ଆକାଉଣ୍ଟାଣ୍ଟ (ସିଏ) ରାଜ ଲୀଳା ମୋର (୩୨) ବିଷ ପିଇ ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ଘଟଣାସ୍ଥଳରୁ ତିନି ପୃଷ୍ଠାର 'ସୁଇସାଇଡ ନୋଟ୍' ମିଳିଛି। ଏଥିରେ ସେ ନିଜ ମୃତ୍ୟୁ ପାଇଁ ଦୁଇ ଜଣଙ୍କୁ ଦାୟୀ କରିଛନ୍ତି। ରାହୁଲ ପରୱାନି ଏବଂ ସାବା କ୍ୟୁରେସି ତାଙ୍କୁ ବ୍ଲାକମେଲିଂ କରୁଥିଲେ। ଗୋପନୀୟ ଭିଡିଓ ଲିକ୍ କରାଇଦେବାର ଧମକ ଦେଇ କିଛି ମାସ ହେଲା ତିନି କୋଟି ଟଙ୍କା ମାଗୁଥିଲେ। ଗତ ୧୮ ମାସ ହେଲା ଉଭୟେ ମୋରଙ୍କଠାରୁ କୋଟି କୋଟି ଟଙ୍କା ମଧ୍ୟ ନେଇ ଯାଇଥିଲେ। ଏହା ସତ୍ତ୍ୱେ ଅଧିକ ଟଙ୍କା ମାଗିବାରୁ ମୋର ଚରମ ପଦକ୍ଷେପ ନେଇଥିଲେ।

ପୁଲିସ ସୂଚନା ଅନୁଯାୟୀ ମୋର ଷ୍ଟକ ମାର୍କେଟରେ ବିପୁଳ ନିବେଶ କରିଥିବା ଅଭିଯୁକ୍ତ ଜାଣି ପାରିଥିଲେ। ସିଏ ହୋଇଥିବାରୁ ଅଧିକ ଟଙ୍କା ଦରମା ପାଉଥିବା ମଧ୍ୟ ଜାଣିଥିଲେ। ଧମକ ଦେଇ କମ୍ପାନୀ ଆକାଉଣ୍ଟରୁ ଉଭୟଙ୍କ ବ୍ୟକ୍ତିଗତ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରିବାକୁ କହିଥିଲେ। ଦୁଇ ଅଭିଯୁକ୍ତ ଜୋର ଜବରଦସ୍ତି ଏକ ଦାମୀ କାର୍ ମଧ୍ୟ ତାଙ୍କଠାରୁ



ନେଇ ଯାଇଥିଲେ। ଏଥିପାଇଁ ପୁଅ ଦୀର୍ଘ ଦିନ ହେଲା ଅତ୍ୟଧିକ ଚାପରେ ଥିଲା ବୋଲି ମୋରଙ୍କ ମା' କହିଛନ୍ତି। ସୁଇସାଇଡ ନୋଟ୍‌ର ଗୋଟିଏ ପୃଷ୍ଠାରେ ମୋର ନିଜ ମା'ଙ୍କ ବିଷୟରେ ଲେଖିଛନ୍ତି। ସେ ପରିବାର ଲୋକଙ୍କୁ କ୍ଷମା ମାଗି ମା'ଙ୍କ ଯତ୍ନ ନେବା ପାଇଁ କହିଛନ୍ତି। ଦ୍ୱିତୀୟ ପୃଷ୍ଠାରେ ସହଯୋଗୀଙ୍କୁ କ୍ଷମା ମାଗିଛନ୍ତି। ଆସ୍ଥା ହରାଇଛି ବୋଲି କହିଛନ୍ତି। ଶ୍ୱେତା ଏବଂ ଜୟପ୍ରକାଶଙ୍କୁ ଦୋଷ ନ ଦେବା ପାଇଁ ନିବେଦନ କରିଛନ୍ତି। ତୃତୀୟ ପୃଷ୍ଠାରେ ରାହୁଲ ଏବଂ ସାବାଙ୍କୁ ଦାୟୀ କରିଛନ୍ତି। ରାହୁଲ ଜାଲିଆତି କରି ତାଙ୍କୁ ବ୍ଲାକମେଲ କରିଥିଲେ। ସଞ୍ଚୟ ଟଙ୍କା ଉଠାଇବାକୁ ଏବଂ କମ୍ପାନୀରୁ ଟଙ୍କା ଚୋରି କରିବାକୁ ବାଧ୍ୟ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଏ ପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇ ନାହିଁ।

## ବ୍ୟବସାୟୀ ଗୋପାଳ ଖେମକାଙ୍କ ହତ୍ୟା କରାଇଥିଲେ ବିଲ୍ଡର

ପାଟନା, ୮।୭ (ଏଜେନ୍ସି): ବିହାର ବ୍ୟବସାୟୀ ଗୋପାଳ ଖେମ୍‌କାଙ୍କ ହତ୍ୟାକୁ ନେଇ ଚାଞ୍ଚଲ୍ୟକର ଖୁଲାସା ହୋଇଛି। ବ୍ୟାବସାୟିକ ବିବାଦକୁ ନେଇ ବିଲ୍ଡର ଅଶୋକ ଶାହ ସୁପାରୀ ଦେଇ ଖେମ୍‌କାଙ୍କୁ ହତ୍ୟା କରାଇ ଥିଲେ। ହତ୍ୟା ପାଇଁ ସୁଟର୍ ଉମେଶକୁ ସୁପାରୀ ଦିଆଯାଇଥିଲା। ଏଥିପାଇଁ ୪ ଲକ୍ଷ ଟଙ୍କାରେ ଚୁକ୍ତି ଚୂଡ଼ାନ୍ତ ହୋଇଥିଲା। ଅଗ୍ରୀମ ଭାବେ ୫୦ ହଜାର ଟଙ୍କା ଦିଆଯାଇଥିଲା। ଏହି ଟଙ୍କାରେ ଉମେଶ ନିଜ ପିଲାଙ୍କ ସ୍କୁଲ ଦେୟ ଦେଇଥିଲା। ସେ ହିଁ ଖେମକାଙ୍କ ଘରର ରେକି କରିଥିଲା। ପରେ ଉମେଶ ଏହି ହତ୍ୟା ପାଇଁ ନିଜ ଅଞ୍ଚଳରେ ରହୁଥିବା ବିକାଶକୁ ସୁପାରୀ ଦେଇଥିଲା। କିନ୍ତୁ ସେ ଅଧିକ ଟଙ୍କା ଦାବି କରିବାରୁ ଗତ ଚାରି ତାରିଖରେ ଘର ଫାଟକ ନିକଟରେ ଉମେଶ ଖେମ୍‌କାଙ୍କୁ ଗୁଳି ମାରି ହତ୍ୟା କରିଥିଲା। ଡିଜିପି ବିନୟ କୁମାର ଆଜି ଏହି ସୂଚନା ଦେଇଛନ୍ତି।

### ଏନ୍‌କାଉଣ୍ଟରରେ ଅଭିଯୁକ୍ତ ନିହତ

ପୁଲିସ ସୋମବାର ବିଲ୍ଡର ଅଶୋକ ଏବଂ ସୁଟର ଉମେଶକୁ ଗିରଫ କରିଛି। ସୁଟର ନିକଟରୁ ୩ ଲକ୍ଷ ଟଙ୍କା ଜବତ କରାଯାଇଛି। ତା ଘରୁ ୫୯ ରାଉଣ୍ଡ ଗୁଳି ଏବଂ ଘଟଣାରେ ବ୍ୟବହୃତ ବନ୍ଧୁକ ଜବତ କରାଯାଇଛି। ଜେରା ସମୟରେ ଉମେଶ କହିଛି ଯେ ଦେଢ଼ ମାସ ତଳେ ହତ୍ୟାର ଯୋଜନା ହୋଇଥିଲା। ଅଶୋକ ସାହ ମୋବାଇଲରୁ ଜମି ବିବାଦ ସମ୍ବନ୍ଧିତ ଆଲୋଚନାର ଅନେକ ରେକର୍ଡିଂ ମିଳିଛି। ଜମି ବିବାଦ ପାଇଁ ଖେମକାଙ୍କୁ ହତ୍ୟା କରାଯାଇଛି। ଅଶୋକ ଘରୁ ଅନେକ ଜମିର କାଗଜପତ୍ର ମିଳିଛି।

ପୁଲିସ ସୂଚନା ଅନୁଯାୟୀ ଉଦୟଗିରି ଆପାର୍ଟମେଣ୍ଟର ୬୦୧ ଫ୍ଲାଟରୁ ଅଶୋକ ସାହକୁ ଗିରଫ କରାଯାଇଥିଲା।



ସୁଟରର ଉମେଶର କଥାରେ ପୁଲିସ ମଙ୍ଗଳବାର ଭୋର ୪ଟାରେ ବନ୍ଧୁକ ଯୋଗାଣକାରୀ ବିକାଶକୁ ଧରିବା ପାଇଁ ପାଟନା ସିଟିର ମାଲସଲାମୀ ଅଞ୍ଚଳରେ ପହଞ୍ଚି ଥିଲା। ଏହି ସମୟରେ ବିକାଶ ପୁଲିସ ଉପରେ ଗୁଳିମାଡ଼ କରିଥିଲା। କିନ୍ତୁ ପୁଲିସର ଜବାବୀ କାର୍ଯ୍ୟାନୁଷ୍ଠାନରେ ସେ ନିହତ ହୋଇଥିଲା।

## ୬୭ ଜଣଙ୍କ ଜୀବନ ବଞ୍ଚାଇ ଦେଲା କୁକୁର

ମଣ୍ଡି, ୮।୭ (ଏଜେନ୍ସି): ମଣିଷ ତୁଳନାରେ ପଶୁପକ୍ଷୀ ଆଗୁଆ ପ୍ରାକୃତିକ ବିପର୍ଯ୍ୟୟର ସୂଚନା ପାଇ ଯାଆନ୍ତି ବୋଲି କୁହାଯାଏ। ଏହି ଲୋକକଥାଟି ହିମାଚଳ ପ୍ରଦେଶ ମଣ୍ଡି ଜିଲ୍ଲାର ସିୟାଥି ଗ୍ରାମରେ ସତ ସାବ୍ୟସ୍ତ ହୋଇଛି। ବାଦଲ ଫଟା ବର୍ଷା, ଭୂସ୍ଖଳନ ଏବଂ ଅଚାନକ ବନ୍ୟାରେ ଲୋକଙ୍କ ଜୀବନ ଦୁର୍ବିସହ ହୋଇ ଯାଇଥିବାବେଳେ ମଣିଷର ଅତି ବିଶ୍ୱସ୍ତ ପ୍ରାଣୀ କୁକୁର ଦେବଦୂତ ପାଲଟି ଯାଇଛି। ଏହି କୁକୁର ୨୦ ପରିବାରର ୬୭ ଲୋକଙ୍କ ଜୀବନ ବଞ୍ଚାଇ ଦେଇଛି। ଏବେ ସବୁଠି ଏହି କୁକୁରକୁ ନେଇ ଚର୍ଚ୍ଚା ହେଉଛି। ସମୟ ପୂର୍ବରୁ ସତର୍କ କରି ଏହି କୁକୁର ଗ୍ରାମବାସୀଙ୍କୁ ରକ୍ଷା କରି ହିରୋ



ପାଲଟି ଯାଇଛି। ସୂଚନା ଅନୁଯାୟୀ ଧରମପୁର ଅଞ୍ଚଳରେ ଥିବା ସିଆଥି ଗ୍ରାମ ଗତ ୩୦ ତାରିଖ ମଧ୍ୟରାତ୍ରୀରୁ ୧ଟା ଭିତରେ ଅବଶେଷରେ ପରିଣତ ହୋଇଯାଇଥିଲା। କିନ୍ତୁ ଏହା ପୂର୍ବରୁ କୁକୁର ପାଇଁ ଗ୍ରାମବାସୀଙ୍କ ଜୀବନ ରକ୍ଷା ପାଇ ଯାଇଥିଲା।


ସିଆଥି ଗ୍ରାମର ନରେନ୍ଦ୍ର କହିଛନ୍ତି ଯେ ଏହି କୁକୁରଟି ତାଙ୍କ ଘରର ଦ୍ୱିତୀୟ ମହଲାରେ ଶୋଇଥିଲା। ପ୍ରବଳ ବର୍ଷା ଜାରି ରହିଥିବାବେଳେ ରାତିରେ କୁକୁର ଜୋର୍‌ରେ ଭୋକିବାରେ ଲାଗିଥିଲା। ଏହା ପରେ ମଧ୍ୟରାତ୍ରିରେ ଚାରିଆଡେ ଖାଲି ଚିତ୍କାର ଶୁଭିଥିଲା। କୁକୁର ଭୋକିବା ଶୁଣି ନରେନ୍ଦ୍ର ନିଦରୁ ଉଠି ଯାଇଥିଲେ। କୁକର ପାଖକୁ ଗଲା ପରେ ସେ ଯାହା ଦେଖିଥିଲେ ତାହାକୁ ବିଶ୍ୱାସ କରିପାରି ନ ଥିଲେ। ଘରର କାନ୍ଥରେ ଏକ ବଡ଼ ଫାଟ ସୃଷ୍ଟି ହୋଇଥିଲା। ଏହା ମଧ୍ୟ ଦେଇ ପାଣି ପ୍ରବେଶ କରି ଚାଲିଥିଲା। ସେ କାଳ ବିଳମ୍ବ ନ କରି କୁକୁର ସହ ତଳକୁ ପଳାଇ ଥିଲେ। ଘରେ ଶୋଇଥିବା ସମସ୍ତଙ୍କୁ ଜଗାଇ ଥିଲେ। ଏହା ପରେ ଅନ୍ୟ ଗ୍ରାମବାସୀଙ୍କୁ ସତର୍କ କରାଇ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ କହିଥିଲେ। ଲୋକେ ଏହା ଶୁଣି ଘରଦ୍ୱାର ଛାଡ଼ି ସୁରକ୍ଷିତ ଆଶ୍ରୟ ସ୍ଥଳକୁ ଚାଲି ଯାଇଥିଲେ। ଏହାର କିଛି ସମୟ ପରେ ଏକ ବିରାଟ ଭୂସ୍ଖଳନ ସଂସ୍ପର୍ଶରେ ଗାଁ ଆସି ଯାଇଥିଲା। ଏଥିରେ ୧୨ରୁ ଅଧିକ ଘର ମାଟିରେ ମିଶି ଯାଇଛି। ମାତ୍ର ଚାରିରୁ ପାଞ୍ଚଟି ଘର ଏବେ ବାହାରକୁ ଦିଶୁଛି। ଆଉ ବାକି ସବୁ ଅବଶେଷ ତଳେ ଦବି ରହିଛି। ଗ୍ରାମର ୨୦ ପରିବାରର ୬୭ ଜଣ ସଦସ୍ୟ ଗତ ୭ ଦିନ ହେଲା ତ୍ରିୟମବାଲା ଗ୍ରାମର ନୈନା ଦେବୀ ମନ୍ଦିରରେ ଆଶ୍ରୟ ନେଇଛନ୍ତି। ଏଭଳି ସ୍ଥିତି ଦେଖି ଅନେକ ଗ୍ରାମବାସୀଙ୍କ ରକ୍ତଚାପ ବଢ଼ି ଯାଇଛି। କିଛି ଜଣ ଅବସାଦଗ୍ରସ୍ତ ହୋଇଛନ୍ତି। ଅନ୍ୟ ଗ୍ରାମର ଗ୍ରାମବାସୀ ଏମାନଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ଜୁନ୍ ୨୦ରୁ ଏ ପର୍ଯ୍ୟନ୍ତ ବର୍ଷା ଜନିତ ଘଟଣାରେ ରାଜ୍ୟରେ ୭୮ ଜଣଙ୍କ ଜୀବନ ଗଲାଣି।

# ନୀଳାଦ୍ରିବିଜେ ପୂର୍ବରୁ ରଥାରୂଢ଼ ଶ୍ରୀଜିଉଙ୍କ ବଡ଼ସିଂହାର ବେଶ





# ମହାପ୍ରଭୁଙ୍କୁ ରସଗୋଲା ମଣୋହି



ପୁରୀ,୮।୭(ସମିସ): ନୀଳାଦ୍ରିବିଜେ ଅବସରରେ ଅନେକ ଭକ୍ତ ମହାପ୍ରଭୁଙ୍କୁ ରସଗୋଲା ଚକ୍ରମଣୋହୀ କରିଥିଲେ। ରଥ ପାଖରେ ରସଗୋଲା ଭୋଗ କରିଥିଲେ। ଏହି ରସଗୋଲା ମଣୋହୀ ପ୍ରଥାରୁ ଏବେ ପରମ୍ପରାରେ ପରିଣତ ହୋଇଛି। ଏ ସମ୍ପର୍କରେ ଗବେଷକ ମତ ଦିଅନ୍ତି ଯେ ମହାପ୍ରଭୁଙ୍କ ଉପାସନାରେ ଅନେକ ସାମାଜିକ ଓ ପାରିବାରିକ ପରମ୍ପରାର ବାର୍ତ୍ତା ଦେଖିବାକୁ ମିଳିଥାଏ। ଘୋଷଯାତ୍ରାରେ ଭାଇଭଉଣୀଙ୍କୁ ସାଙ୍ଗରେ ନେଇ ଚାଲିଯାଇଥିବାରୁ ଅଭିମାନ କରିଥିଲେ ଶ୍ରୀଦେବୀ (ଲକ୍ଷ୍ମୀ ଠାକୁରାଣୀ)। ଏଥିଯୋଗୁଁ ଯେଉଁ ପାରିବାରିକ ଅଭିମାନ ମୁଣ୍ଡ ଟେକିଥିଲା, ତାହାକୁ ଗଜପତି ମହାରାଜା ବାହୁଡା ଦିନ ଭେଟ କରାଇ ସମାଧାନର ଏକ ସୁସ୍ଥ ବାତାବରଣ ସୃଷ୍ଟି କରିଥିଲେ। ନୀଳାଦ୍ରିବିଜେ ଦିନ ମହାପ୍ରଭୁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କଲା ବେଳେ ସେହି ଅଭିମାନର ପୁନରାବୃତ୍ତି ଘଟିଥାଏ। ଲକ୍ଷ୍ମୀ ଠାକୁରାଣୀ ଶ୍ରୀମନ୍ଦିରର ଦ୍ୱାର ବନ୍ଦ କରିଦିଅନ୍ତି। ସେଠାରେ ଯେଉଁ ନୀତି ହୁଏ, ତାହା ଲକ୍ଷ୍ମୀ-ନାରାୟଣ ବଚନିକା ଭାବେ ପ୍ରସିଦ୍ଧ। ବଚନିକା ହେବା ପରେ ମହାପ୍ରଭୁ ଜଗମୋହନକୁ ବିଜେ କଲେ ସେଠାରେ ଗଇଁଠାଳ ଫିଟା ନୀତି ହୁଏ। ପରେ ଶ୍ରୀଦେବୀଙ୍କ ଅଭିମାନ ଭାଙ୍ଗି ନ ଥାଏ। ଲକ୍ଷ୍ମୀ ଠାକୁରାଣୀ ଯେତେବେଳେ ଜୟବିଜୟ ଦ୍ୱାର ବନ୍ଦ କରନ୍ତି ସେତେବେଳେ ମହାପ୍ରଭୁ ସାଙ୍ଗରେ ଆଣିଥିବା ମିଷ୍ଟାନ୍ନ (ରସଗୋଲା) ଦେଇ ଲକ୍ଷ୍ମୀଙ୍କ ମାନଭଞ୍ଜନ କରିଥା'ନ୍ତି। ଭକ୍ତମାନେ ମହାପ୍ରଭୁଙ୍କୁ ସେହି ସ୍ମୃତି ସ୍ୱରୂପ ନୀଳାଦ୍ରିବିଜେ ପୂର୍ବରୁ ମହାପ୍ରଭୁଙ୍କୁ ରସଗୋଲା ଚକ୍ରମଣୋହି କରିଥା'ନ୍ତି। ବିଶ୍ୱାସ ରହିଚି, ମହାପ୍ରଭୁ ଶ୍ରୀଦେବୀଙ୍କୁ ସନ୍ତୁଷ୍ଟ କରିବା ପୂର୍ବରୁ ଭକ୍ତମାନେ ମହାପ୍ରଭୁଙ୍କୁ ସନ୍ତୁଷ୍ଟ କରିଥା'ନ୍ତି। ଲୋକାଚାର ପ୍ରଥା ଅନୁଯାୟୀ ଏହା ଏବେ ପରମ୍ପରାରେ ପରିଣତ ହୋଇଯାଇଛି।

## ଅଗଷ୍ଟରେ ହୋଇପାରେ ରତ୍ନଅଳଙ୍କାର ଗଣତିମଣତି

ପୁରୀ, ୮।୭ (ସମିସ): ଶେଷ ହୋଇଛି ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ। ଏଏସ୍ଆଇ ଉଭୟ ଭିତର ଏବଂ ବାହାର ରତ୍ନଭଣ୍ଡାର ମରାମତି କାମ ଶେଷ କରି ଶ୍ରୀମନ୍ଦିର ପ୍ରଶାସନକୁ ଚାବି ହସ୍ତାନ୍ତର କରିଛି। ଏବେ ସମସ୍ତଙ୍କ ନଜର ରହିଛି କେବେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାରର ଗଣତିମଣତି କରାଯିବ। ଏ ପ୍ରସଙ୍ଗରେ ମଙ୍ଗଳବାର ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ବୁଧବାର ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ(ଆର୍‌ବିଆଇ)କୁ ଚିଠି ଲେଖାଯିବ। ଆର୍‌ବିଆଇର ଦୁଇଜଣ ବରିଷ୍ଠ ଓ ଅଭିଜ୍ଞ ଅଧିକାରୀ ଆସିବା ପାଇଁ ଏହି ଚିଠିରେ ଉଲ୍ଲେଖ କରାଯିବ। ସ୍ୱତନ୍ତ୍ର ଏସ୍ଓପି ଅନୁଯାୟୀ ଉଚ୍ଚସ୍ତରୀୟ କମିଟି ବୈଠକ ବସିବ। ଏହାପରେ ଅସ୍ଥାୟୀ ଖଟଶେଯ ଓ ଫୁଲ ଶେଯ ଘରେ ଥିବା ରତ୍ନଅଳଙ୍କାର ଭିତର ଓ ବାହାର ରତ୍ନଭଣ୍ଡାରକୁ ଅଣାଯିବ। ଅଗଷ୍ଟ ମାସରେ ରତ୍ନଭଣ୍ଡାର ଗଣତିମଣତି ପ୍ରକ୍ରିୟା ହୋଇପାରେ ବୋଲି ଆଇନ ମନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ ୧୯୭୮ ମସିହାରେ ଭିତର ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ହୋଇ ତାଲିକା ପ୍ରକାଶ ପାଇଥିଲା। ସେହି ତାଲିକା ସହ ମହାପ୍ରଭୁଙ୍କ ଅଳଙ୍କାର ମେଳ କରାଯିବ।

■ ଉତ୍ତରମୁହାଁ ଲଘୁଚାପ

## ଝାଡ଼ଖଣ୍ଡରେ ବର୍ଷିବ, ଓଡ଼ିଶାରେ କମିବ

ଭୁବନେଶ୍ୱର,୮।୭(ସମିସ): ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦରେ ଜଳସ୍ତର ବୃଦ୍ଧି ପାଉଛି। ବର୍ତ୍ତମାନ ପଶ୍ଚିମବଙ୍ଗ ଉପରେ ରହିଥିବା ଲଘୁଚାପ କ୍ଷେତ୍ରଟି ଆଗକୁ ଝାଡ଼ଖଣ୍ଡ-ଛତିଶଗଡ଼ ମୁହାଁ ହେବାକୁ ଥିବାରୁ ବର୍ଷାର ପ୍ରଭାବ ଆହୁରି ବଢ଼ିବାର ଆଶଙ୍କା ରହିଛି। ଅନ୍ୟପଟେ ବର୍ତ୍ତମାନ ହୀରାକୁଦରୁ ୨୦ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଥିବା ବେଳେ ମଙ୍ଗଳବାର ସକାଳ ସୁଦ୍ଧା ଏହି ଜଳ ମୁଣ୍ଡଳୀଠାରେ ପହଞ୍ଚିଛି। ବୁଧବାରଠାରୁ ୧୧ ଜୁଲାଇ ମଧ୍ୟରେ ଓଡ଼ିଶାରେ ବର୍ଷାର ପରିମାଣ କମିବାର ସମ୍ଭାବନା ରହିଛି। ମାତ୍ର ଉତ୍ତର ପଶ୍ଚିମ ଜିଲ୍ଲାମାନଙ୍କରେ ବୁଧବାର କିଛି କିଛି ବର୍ଷା ନେଇ ଆଶଙ୍କା ରହିଛି। ତେବେ ଆସନ୍ତା ୧୨/୧୩ ବେଳକୁ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ଆଶଙ୍କା ରହିଥିବାରୁ ପୁଣି ବର୍ଷା ବଢ଼ିବାର ଆଶଙ୍କା ରହିଛି।

ଅନ୍ୟପଟେ ବୈତରଣୀ ନଦୀ ଫୁଲିବା ହେତୁ ଉତ୍ତର ଓଡ଼ିଶାରେ ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି। ଶିମିଳିପାଳ ଉପର ମୁଣ୍ଡରେ ପ୍ରବଳ ବର୍ଷା ପାଇଁ ଦେଓ ନଦୀରେ ମଧ୍ୟ ଜଳସ୍ତର ବଢ଼ିଛି। ଏବେ ଉଦଳା-ବାଲେଶ୍ୱର ସମେତ ୮ଟି ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବୈତରଣୀ ଫୁଲିବା ହେତୁ ଆଖୁଆପଦା ନିକଟରେ ଜଳସ୍ତର ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି। ବନ୍ୟା ଜଳ ବୃଦ୍ଧି ଭିତରେ ଯାଜପୁର ନିଜାମପୁରରେ ୨୦ରୁ ୩୦ ଫୁଟ୍ ଯାଏଁ ଆଡ଼ିବନ୍ଧ ଧସିଛି। ବାଲି ବସ୍ତା ପକାଇ ଘାଇ ମରାମତି କରାଯାଉଥିବା ବେଳେ ଏଠାରେ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ତେବେ ରାଜ୍ୟରେ ବନ୍ୟା ସ୍ଥିତି ଭିତରେ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଲୋକଙ୍କୁ ଆତଙ୍କିତ ନ ହେବାକୁ ପରାମର୍ଶ ଦେଇଛନ୍ତି। ରାଜ୍ୟବାସୀଙ୍କ ସହ ସରକାର ଅଛନ୍ତି। ବିଚଳିତ ହେବାର ଆବଶ୍ୟକତା ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବୁଧବାର କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ବୌଦ୍ଧ, ସୋନପୁର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼, ଅନୁଗୁଳ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ଗୁରୁବାରଠାରୁ ବର୍ଷାର ପ୍ରଭାବ କମିବା ସହ ୧୩ ପରେ ପୁଣି ବର୍ଷା ବଢ଼ିବ ବୋଲି କେନ୍ଦ୍ର ଆକଳନ କରିଛି।

## ୪ ଗେଟ୍ ବନ୍ଦ କଲା ହୀରାକୁଦ

ସମ୍ବଲପୁର, ୮।୭ (ସମିସ): ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଖସିବାରେ ଲାଗିଛି। ରବିବାର ୧୨ଟା ବେଳକୁ ଜଳସ୍ତର ୬୧୦ ଫୁଟ୍‌ରେ ପହଞ୍ଚି ଯାଇଥିଲା। ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷଙ୍କ ପୂର୍ବ ନିଷ୍ପତ୍ତି ଅନୁଯାୟୀ, ସେହିଦିନ ପୂର୍ବାହ୍ନ ୧୦ଟାରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ଆଜି ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୦୬.୭୭ ଫୁଟ୍ ଥିବା ବେଳେ ୨୦ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଥିଲା। ସେଥିରୁ ୪ଟି ସ୍ଲୁଇସ୍ ଗେଟ୍ ବନ୍ଦ କରିଦେବାକୁ ସନ୍ଧ୍ୟା ସାଢ଼େ ୬ଟା ବେଳକୁ ନିର୍ଦ୍ଦେଶ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ।

ଆଜି ସନ୍ଧ୍ୟା ୬ଟାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୬.୭୭ ଫୁଟ ରହିଛି। ନଦୀବନ୍ଧର ବାମପଟର ୧୧ଟି ଓ ଡାହାଣ ପଟର ୫ଟି; ଏହିପରି ୧୬ଟି ସ୍ଲୁଇସ ଗେଟ୍ ଜରିଆରେ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୧୨,୬୫୧ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩,୨୪,୯୩୧ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଡାକ୍ତରବାଞ୍ଜେରି ଗାଁ ବିକ୍ରି ଘଟଣା

## 'ଜୀବନ ଦେବୁ ପଛେ, ଇଞ୍ଚେ ବି ଜାଗା ଛାଡ଼ିବୁ ନାହିଁ'



ପାରଳାଖେମୁଣ୍ଡି,୮।୭(ସମିସ): ଡାକ୍ତରବାଞ୍ଜେରି ଗାଁ ବିକ୍ରି ଘଟଣାରେ ଆଦିବାସୀ ମହାସଂଘ ହସ୍ତକ୍ଷେପ କରିଛି। ଗ୍ରାମବାସୀଙ୍କ ସହ ଆଦିବାସୀ ମହାସଂଘର ବୈଠକ, ଆନ୍ଦୋଳନ ପାଇଁ ସଜବାଜ ପାଇଁ ପ୍ରସ୍ତୁତ ହେଉଛି ରଣନୀତି। ଆଦିବାସୀ ସଂଘର ଏକ ପ୍ରତିନିଧିଦଳ ଜିଲ୍ଲା ସଂଘ ସଭାପତି ନୀର ଭୂୟାଁଙ୍କ ନେତୃତ୍ୱରେ ଗଜପତି ଜିଲ୍ଲା ଗୋଷାଣି ବ୍ଲକ କତଲକଇଠା ପଞ୍ଚାୟତ ଅନ୍ତର୍ଗତ ଡାକ୍ତର ବାଞ୍ଜେରି ଗାଁକୁ ଯାଇ

■ ହସ୍ତକ୍ଷେପ କଲା ଆଦିବାସୀ ମହାସଂଘ; ଆନ୍ଦୋଳନ ପାଇଁ ସଜବାଜ
■ ଗ୍ରାମବାସୀଙ୍କ ସହ ସଂଘ ସଭାପତିଙ୍କ ଆଲୋଚନା

ଗ୍ରାମବାସୀଙ୍କ ସହ ବିସ୍ତୃତ ଭାବରେ ଆଲୋଚନା କରିଛନ୍ତି।

ଚର୍ଚ୍ଚ ପରିସରରେ ଆୟୋଜିତ ଏହି ବୈଠକରେ ଗାଁ ବିକ୍ରି ସମ୍ପର୍କରେ ଆଲୋଚନା ହୋଇଛି। କେବେଠାରୁ ବସବାସ କରୁଛନ୍ତି, କ'ଣ ଦସ୍ତାବିଜ ରହିଛି ଏବଂ ମାଲିକାନା ସମ୍ପର୍କିତ ତଥ୍ୟ ସଂଗ୍ରହ କରିଛନ୍ତି। ତହସିଲଦାର ଓ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରୁ ମଧ୍ୟ ତଥ୍ୟ ସଂଗ୍ରହ ପରେ ରାଜ୍ୟ ସଂଘ ସହ ଆଲୋଚନା ହେବ। ଏହାପରେ ପରବର୍ତ୍ତୀ ସମୟରେ ଆଗାମୀ କାର୍ଯ୍ୟପନ୍ଥା ନିଷ୍ପତ୍ତି ନିଆଯିବ। ସଂଘ ଆଦିବାସୀଙ୍କ ଉନ୍ନତି ପାଇଁ ଗଠନ ହୋଇଛି। ଆଦିବାସୀଙ୍କ ପାଇଁ ସର୍ବଦା ଲଢ଼େଇ କରିବ ବୋଲି ଜିଲ୍ଲା ସଂଘ ସଭାପତି କହିଛନ୍ତି। ଅନ୍ୟପକ୍ଷରେ 'ଜୀବନ ଦେବୁ ପଛେ, ଇଞ୍ଚେବି ଜାଗା ଛାଡ଼ିବୁ ନାହିଁ' ବୋଲି ଗ୍ରାମବାସୀ କହିଛନ୍ତି। ବର୍ତ୍ତମାନର ସରକାର ଆଦିବାସୀଙ୍କ ସହ ଖେଳୁଛନ୍ତି। ପୂର୍ବ ସରକାର ଏହା କରିବାକୁ ଦେଇନଥିଲେ ବୋଲି କହିଛନ୍ତି ଗ୍ରାମବାସୀ।

ସୂଚନାଯୋଗ୍ୟ, ଡାକ୍ତରବାଞ୍ଜେରି ଗାଁର ନୂଆ ଜନବସତି ଅଞ୍ଚଳ ସମେତ ୪୭ ଏକର ଜମି କିଣାବିକା ହୋଇଛି। ଏହି ୪୭ ଏକର ଜମି ମଧ୍ୟରେ ଦୁଇଟି ଜନବସତି ରହିଛି। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଘର ରହିଛି। ସରକାରଙ୍କ ତରଫରୁ ରାସ୍ତାଘାଟ, ଘରକୁ ଘର ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତୀକରଣ ସହ ଆବାସିକ ଯୋଜନାରେ ଘର ମଧ୍ୟ ଯୋଗାଇ ଦିଆଯାଇଛି। ଏବେ ଏହି ୪୭ ଏକର ଜମିର ମାଲିକ ବ୍ରହ୍ମପୁରର ଜଣେ ମହିଳା ହୋଇଛନ୍ତି। ସେ ସରକାରୀ ଭାବେ ୧.୪୪ କୋଟି ଟଙ୍କା ଓ ୭ ଲକ୍ଷ ଟଙ୍କା ଷ୍ଟାମ୍ପ ଡ୍ୟୁଟି ଦେଇ ବିକ୍ରେତାଙ୍କ ଠାରୁ କ୍ରୟ କରିନେଇଥିବା ଜଣାପଡ଼ିଛି। ଏତେ ପରିମାଣର ଜମି ମାତ୍ର ୧.୪୪ କୋଟି ଟଙ୍କାରେ ବିକ୍ରି ହେବା କଥାକୁ ନେଇ କାହାକୁ ହଜମ ହେଉନଥିବା ବେଳେ ଗ୍ରାମରେ ଥିବା ଦୁଇ ଜନଭରା ସାହିକୁ ମଧ୍ୟ ବିକ୍ରି କରାଯାଇଥିବାକୁ ନେଇ ସମସ୍ତେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ହେଲେ ଏନେଇ ଜିଲ୍ଲା ପ୍ରଶାସନ କି ରାଜସ୍ୱ ବିଭାଗର ବାବୁମାନେ ମୁହଁ ଖୋଲୁନାହାନ୍ତି। ଏତେବଡ଼ ଡିଲ୍ ପଛରେ କାହାର ହାତ ରହିଛି, ୪୭ଏକର ଜମିର ମୂଲ୍ୟ ଆଦିକୁ ନେଇ ନାନାଦି ଆଲୋଚନା ହେଉଥିବା ବେଳେ ବର୍ତ୍ତମାନ ସରକାରଙ୍କ ଜଣେ ପ୍ରଭାବଶାଳୀ ନେତାଙ୍କ ପ୍ରଚ୍ଛଦପଟ ହାତ ରହିଥିବା ଚର୍ଚ୍ଚା ହେଉଛି।

■ ରଥ ଉପରକୁ ନେଇଥିଲେ ମୋବାଇଲ୍

## ୭ ସେବାୟତଙ୍କ ବିରୋଧରେ ଏତଲା

ପୁରୀ,୮।୭(ସମିସ): ଶୃଙ୍ଖଳିତ ରଥଯାତ୍ରା ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ସେବାୟତ ନିଯୋଗର ବୈଠକ ହୋଇଥିଲା। ସମସ୍ତେ ସହଯୋଗ କରିବେ ବୋଲି ସହମତି ପ୍ରକାଶ କରିଥିଲେ। ଏଥର ରଥ ଉପରକୁ ମୋବାଇଲ୍ ନେବା ଉପରେ କଡ଼ା କଟକଣା ଲଗାଯାଇଥିଲା। ରଥରେ କୌଣସି ସେବକ ମୋବାଇଲ୍ ବ୍ୟବହାର କରିପାରିବେ ନାହିଁ। ରଥ ଉପରେ ଏବଂ ପହଣ୍ଡି ସମୟରେ ମୋବାଇଲ ସମ୍ପୂର୍ଣ୍ଣ ବାରଣ ହେବ। ଦଇତାପତି ନିଯୋଗ ଓ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ଅନୁଷ୍ଠିତ ବୈଠକରେ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଠିକଣା ସମୟକୁ ଏହା ଫେଲ୍ ମାରିଛି। ଏ ବର୍ଷ ରଥ ଉପରକୁ ଏକାଧିକ ସେବକ ମୋବାଇଲ୍ ଫୋନ୍ ନେଇଯାଇଥିବା ଦେଖିବାକୁ ମିଳିଥିଲା। ଏନେଇ ବିଭିନ୍ନ ଗଣମାଧ୍ୟମରେ ସଚିତ୍ର ଖବର ପ୍ରକାଶ ପାଇବା ପରେ ଏହାକୁ ଗୁରୁତ୍ୱର ସହ ନେଇଛି ଶ୍ରୀମନ୍ଦିର ପ୍ରଶାସନ। ଯେଉଁମାନେ ରଥ ଉପରକୁ ମୋବାଇଲ୍ ଫୋନ୍ ନେଇଥିଲେ, ସେମାନଙ୍କ ବିରୋଧରେ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ମୁଖ୍ୟ ପ୍ରଶାସକଙ୍କ ନିର୍ଦ୍ଦେଶମତେ ମୋଟ୍ ୭ଜଣ ସେବାୟତଙ୍କ ବିରୋଧରେ ମନ୍ଦିର ପ୍ରଶାସନ ଥାନାରେ ଅଭିଯୋଗ କରିଥିବାବେଳେ ନ୍ୟାୟିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଅନୁରୋଧ କରାଯାଇଛି।

## ଆଜି ସର୍ବଭାରତୀୟ ଧର୍ମଘଟ



ଭୁବନେଶ୍ୱର,୮।୭(ସମିସ): ବୁଧବାର ସର୍ବ ଭାରତୀୟ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ଫେଡେରେସନ୍ସ୍ ଓ ଶିଳ୍ପ ଶ୍ରମିକ ସଂଗଠନ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଛି। କେନ୍ଦ୍ର ସରକାରଙ୍କର ୪ଟି ଶ୍ରମକୋଡ୍‌କୁ ବିରୋଧ ସହିତ ଘରୋଇ କରଣ, ଦରଦାମ୍ ବୃଦ୍ଧି, ବେକାରୀ ସମସ୍ୟା, ସର୍ବନିମ୍ନ ମଜୁରୀ ୨୬୦୦୦ ଟଙ୍କା, ଅଙ୍ଗନବାଡ଼ି, ଆଶା, ପାଚିକା ଆଦି ସ୍କିମ୍‌ରେ କାର୍ଯ୍ୟରତ ମା'ମାନଙ୍କୁ ଶ୍ରମିକର ମାନ୍ୟତା ଦେବା ଆଦି ଦାବି ରହିଛି। ରାଜ୍ୟ ସରକାର ବନ୍ଦର, ଖଣି, ବିମାନ ବନ୍ଦର ଓ ପ୍ରାୟ ସରକାରୀ ସଂସ୍ଥାକୁ ଆଦାନୀ ହାତରେ ଟେକିଦେବା ଓ ଅନ୍ୟାନ୍ୟ ବୃହତ ଶିଳ୍ପକୁ ଶିଳ୍ପପତି ମାନଙ୍କ ହାତରେ ଟେକିଦେବା ବିଶେଷକରି ପରିବହନ ଶ୍ରମିକ ମାନଙ୍କ ଦାବି ତୁରନ୍ତ ପୁରଣ କରିବା ପାଇଁ ଏହି ଧର୍ମଘଟର ଆହ୍ୱାନ ଦିଆଯାଇଛି।

**ସାମିଲ ହେବ ବିଜୁ ଶ୍ରମିକ ସାମ୍ମୁଖ୍ୟ**

ଏହି ଧର୍ମଘଟରେ ସାମିଲ ହେବାକୁ ଘୋଷଣା କରିଛି ବିଜୁ ଶ୍ରମିକ ସାମ୍ମୁଖ୍ୟ। ହି ଧର୍ମଘଟକୁ ସମ୍ପୂର୍ଣ୍ଣ ସଫଳ କରିବା ପାଇଁ ବିଜୁ ଶ୍ରମିକ ସାମୁଖ୍ୟ ତଥା ବିଏସ୍ଏସ୍ ଓଡିଶାର ସମସ୍ତ ଶ୍ରମିକମାନଙ୍କୁ ଆହ୍ୱାନ ଦେଇଛି। ୯ ଜୁଲାଇ ସକାଳ ୮ ଟା ୩୦ ସମୟରେ ଭୁବନେଶ୍ୱର ରାଜମହଲ ଛକ ଠାରେ ସଂଗଠନର ଉପ ସଭାପତି ନବ କିଶୋର ମହାନ୍ତିଙ୍କ ନେତୃତ୍ୱରେ ବିଜୁ ଶ୍ରମିକ ସାମ୍ମୁଖ୍ୟର ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଧର୍ମଘଟରେ ସାମିଲ ହେବେବୋଲି ନିଷ୍ପତି ନିଆଯାଇଛି। ମଙ୍ଗଳବାର ସଂଗଠନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବିଜୁ ଶ୍ରମିକ ସାମୁଖ୍ୟର ସଭାପତି ପ୍ରଫୁଲ୍ଲ ସାମଲ, ମହାସଚିବ ସୁବାସ ସିଂହ, ଉପସଭାପତି ନବ କିଶୋର ମହାନ୍ତି, ସମ୍ପାଦକ ରାଜୀବ ମହାନ୍ତି ଓ ଅଟୋଚାଳକ ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ପଦ୍ମନ ସାମଲ, ରାଜ୍ୟ ପାଚିକା ସାମୁଖ୍ୟର ସଭାପତି ଯୋଗେନ୍ଦ୍ର ସ୍ୱାଇଁ, ରସ୍ମିତା ଜେନା ଓ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତି ଥିଲେ।

ଆରଆଇ ଅମିନ ନିଯୁକ୍ତି

## ଅନ୍‌ଲାଇନ୍ ପରୀକ୍ଷା ପ୍ରତିବାଦରେ ଆଶାୟୀଙ୍କ ଧାରଣା

ଭୁବନେଶ୍ୱର,୮।୭(ସମିସ): ଅନ୍‌ଲାଇନ୍‌ରେ ଆର୍‌ଆଇ, ଏଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର୍ ନିଯୁକ୍ତି ପାଇଁ ମୁଖ୍ୟ ପରୀକ୍ଷା କରିବାକୁ ବିରୋଧ କରିଛନ୍ତି ଆଶାୟୀ। ମଙ୍ଗଳବାର ଶତାଧିକ

■ ଗୋଟିଏ ଦିନ, ଗୋଟିଏ ସିଫ୍ଟ ଏବଂ ଗୋଟିଏ ପ୍ରଶ୍ନପତ୍ରରେ ପରୀକ୍ଷା ଦାବି
■ ଉନ୍ନତ ଓ ଅଭିଜ୍ଞତାସଂପନ୍ନ କମ୍ପାନୀ ପରିଚାଳନା କରିବ: ଓଏସ୍ଏସ୍ଏସ୍ସି

ପରୀକ୍ଷାର୍ଥୀ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ(ଓଏସ୍ଏସ୍ଏସ୍ସି) କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଅଫ୍‌ଲାଇନ୍ ପରୀକ୍ଷା ଦାବି କରିଛନ୍ତି। ଅନ୍‌ଲାଇନ୍‌ରେ ହୋଇଥିବା ପ୍ରିଲିମ୍ ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିଲା। ଫଳରେ ସମସ୍ତଙ୍କୁ ମୁଖ୍ୟ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରାଯାଇଛି। ଏଣୁ ମୁଖ୍ୟ ପରୀକ୍ଷାକୁ ଅନ୍‌ଲାଇନ୍ ପରିବର୍ତ୍ତେ ଅଫ୍‌ଲାଇନ୍‌ରେ ଗୋଟିଏ ସିଫ୍ଟରେ କରିବାକୁ ଆଶାୟୀମାନେ ଦାବି କରିଛନ୍ତି।




ସୂଚନାଯୋଗ୍ୟ, ଅଗଷ୍ଟ ପହିଲାରୁ ସେପ୍ଟେମ୍ବର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଅନ୍‌ଲାଇନ୍‌ରେ ପରୀକ୍ଷା କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରାୟ ମାସେ ପର୍ଯ୍ୟନ୍ତ ଅନ୍‌ଲାଇନ୍ ପରୀକ୍ଷା କରିବା ଦ୍ୱାରା ପ୍ରିଲିମ୍ ପରୀକ୍ଷା ପରି ହେରଫେର୍ ଓ ଜାଲିଆତି ଆଶଙ୍କା କରୁଛନ୍ତି ଆଶାୟୀ। ପୁଣି ନର୍ମାଲାଇଜେସନ୍ କରି ପରସେଣ୍ଟାଇଲ୍ ପ୍ରକାଶ କରାଯାଉଥିବାରୁ ବହୁ ଯୋଗ୍ୟ ପ୍ରାର୍ଥୀ ଚାକିରି ପାଇ ପାରୁନାହାନ୍ତି। ତହିଁରେ ସ୍ୱଚ୍ଛତା ନେଇ ମଧ୍ୟ ଆଶାୟୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏଣୁ ଗୋଟିଏ ଦିନ, ଗୋଟିଏ ସିଫ୍ଟରେ ଏବଂ ଗୋଟିଏ ପ୍ରଶ୍ନପତ୍ରରେ ପରୀକ୍ଷା କରିବାକୁ ସେମାନେ ଦାବି କରିଛନ୍ତି।

ଧାରଣାରତ ଆଶାୟୀଙ୍କ ସହ ଓଏସ୍ଏସ୍ଏସ୍ସି ଅଧ୍ୟକ୍ଷ ଆଲୋଚନା କରି ବୁଝାସୁଝା କରିଥିଲେ। ଅନ୍‌ଲାଇନ୍‌ରେ ପରୀକ୍ଷା ହେବ, କିନ୍ତୁ ଉନ୍ନତ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ଅଭିଜ୍ଞତାସଂପନ୍ନ କମ୍ପାନୀକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ପ୍ରଦାନ କରାଯିବ ବୋଲି ଅଧ୍ୟକ୍ଷ ଆଶ୍ୱାସନା ଦେଇଛନ୍ତି। ଏପରିକି, ପରସେଣ୍ଟାଇଲ୍ ସମ୍ପର୍କରେ ବିଚାର କରିବାକୁ ମଧ୍ୟ କହିଛନ୍ତି। ଆଶାୟୀଙ୍କ ମଧ୍ୟରେ ଏନେଇ ଅସନ୍ତୋଷ ପ୍ରକାଶ ପାଇଛି। ଧାରଣାରତ ଆଶାୟୀଙ୍କ ମଧ୍ୟରେ ପରମେଶ୍ୱର ବଳ, ତୋଫାନ ପରିଡ଼ା, ପରେଶ କୁମାର ରଏ, ରଞ୍ଜନ ସେଠୀ ପ୍ରମୁଖ ନେତୃତ୍ୱ ନେଇଥିବା ବେଳେ ଶତାଧିକ ପରୀକ୍ଷାର୍ଥୀ ସାମିଲ ଥିଲେ।

## ଡ୍ରାଇଭର ସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

# ଗଡ଼ିଲାନି ବସ୍-ଟ୍ରକ୍; ଯାତ୍ରୀ ହୀନସ୍ତା






ଅନୁଗୋଳ,୮।୭(ସମିସ): ଡ୍ରାଇଭର ମହାସଂଘ ଡାକରାରେ ସାରା ରାଜ୍ୟରେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯାଇଛି। ଆଜି ବଅଁରପାଳ ବ୍ଲକ୍ ଡ୍ରାଇଭର ସଂଘ ପକ୍ଷରୁ ସ୍ଥାନୀୟ ଜୋରଗଡ଼ିଆ ଗାଁ ନିକଟରେ ୫୫ନଂ ଜାତୀୟ ରାଜପଥରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନରେ ଶତାଧିକ ଡ୍ରାଇଭର୍ ସାମିଲ ହୋଇଥିଲେ। ଡ୍ରାଇଭରମାନେ ୭ଦଫା ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିଥିଲେ। ମାତ୍ର ଏହାର କୌଣସି ପ୍ରତିକାର ନ ହେବାରୁ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଡ୍ରାଇଭରମାନେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରି ରାଜରାସ୍ତାକୁ ଓହ୍ଲାଇଛନ୍ତି। ୭ଦଫା ଦାବି ମଧ୍ୟରେ ଅଟୋ ଡ୍ରାଇଭରମାନଙ୍କୁ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ବୋର୍ଡରେ ସାମିଲ, ଜନସାଧାରଣଙ୍କ ଆକ୍ରୋଶରେ ଶିକାର ହେଉଥିବା ଡ୍ରାଇଭରଙ୍କ ପାଇଁ ସ୍ୱତନ୍ତ୍ର ଆଇନ, ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, ଗାଡ଼ିଗୁଡ଼ିକ ପାର୍କିଂ ଓ ଡ୍ରାଇଭରଙ୍କ ବିଶ୍ରାମ ପାଇଁ ବିଶ୍ରାମାଗାର, ଶୌଚାଳୟ ବ୍ୟବସ୍ଥା ଓ ସେପ୍ଟେମ୍ବର ୧କୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା କରିବା ଆଦି ଦାବି ରହିଛି। ଏଥିରେ ବହୁ ସଂଖ୍ୟାରେ ଡ୍ରାଇଭର ସାମିଲ୍ ହୋଇଛନ୍ତି। ଦାବି ପୂରଣ ନହେବା ଯାଏଁ ଆନ୍ଦୋଳନ ଜାରି ରହିବା ନେଇ ବଅଁରପାଳ ଡ୍ରାଇଭର ସଂଘ ସଭାପତି ସୁଧୀର ପ୍ରଧାନ, ଉପସଭାପତି ସାଗର ମହାପାତ୍ର, ସମ୍ପାଦକ ପ୍ରତାପ ବେହେରା, କୋଷାଧ୍ୟକ୍ଷ ବିଭୂତି ଦେହୁରୀ, ମିଟୁ ରାଉତ, ଶଙ୍କର୍ଷଣ ଆଇଚ, ଚନ୍ଦନ ବରାହ, ତ୍ରିନାଥ ନାଏକ, ରଞ୍ଜନ ବେହେରା, ମିଟୁଧର ମାଝୀ, ଶ୍ରୀଧର ସାହୁ, ସନ୍ତୋଷ ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ଆଜି ଡ୍ରାଇଭର ସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନବେଳେ ଅନୁଗୋଳ ସହରରେ ଅଟୋ ଗଡ଼ୁଥିଲା। ବସ ନ ପାଇ ହୀନସ୍ତା ହେଉଥିବା ଯାତ୍ରୀଙ୍କ ଠାରୁ ଅଧିକ ଭଡ଼ା ଜୁଲୁମ କରି ଯାତ୍ରୀ ସେବା ଯୋଗାଉଥିଲେ ଅଟୋ ଚାଳକ। ବସ ନ ପାଇ ଆଜି ବହୁ ଯାତ୍ରୀ ରେଳ ଉପରେ ନିର୍ଭର କରୁଥିବାବେଳେ ଅଟୋ ଚାଳକ ମନଇଚ୍ଛା ଦର କଷିଥିଲେ। ଅନୁଗୋଳ ପୁରୁଣା ବସଷ୍ଟାଣ୍ଡ, ନୂଆ ବସ୍ ଟର୍ମିନାଲ, ଥାନା ଛକ, ଟ୍ରକ୍ ଆସୋସିଏସନ୍ କେନାଲ ରୋଡ୍ ଆଦି ଅଞ୍ଚଳରେ ମାଳମାଳ ଅଟୋରିକ୍ସା ଦେଖିବାକୁ ମିଳିଥିଲା। ଜରୁରୀ ସମୟରେ ଆଜି ଯାତ୍ରୀଙ୍କଠାରୁ ଅଧିକ ଭଡ଼ା ଆଦାୟ କରୁଥିବାରୁ ଜନ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଏଥିପ୍ରତି ସରକାର ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

**କିଶୋରନଗର:** ଡ୍ରାଇଭର ମହାସଂଘ ଡାକରାକ୍ରମେ ମଙ୍ଗଳବାର କିଶୋରନଗର ବ୍ଲକ୍ ହଣ୍ଡପା ଥାନା ନାକିଚିଠାରେ କିଶୋରନଗର ଡ୍ରାଇଭର ସଂଘ ପକ୍ଷରୁ ଷ୍ଟିୟରିଂଛାଡ଼ ଆନ୍ଦୋଳନ କରାଯାଇଛି। ବ୍ଲକ୍ ସଭାପତି ମନୋରଞ୍ଜନ ମାଝୀଙ୍କ ନେତୃତ୍ୱରେ ସମ୍ପାଦକ ସୁଶାନ୍ତ ନାୟକ, କାହ୍ନୁ ଚରଣ ବେହେରା, ବ୍ରଜକାନ୍ତ ବେହେରା, ଶଙ୍କର ଦାସ, ଦୁଷ୍ମନ୍ତ ପ୍ରଧାନ, ମାନସ ବାଘଙ୍କ ସମେତ ୨୩ ପଞ୍ଚାୟତର ଡ୍ରାଇଭର ଯୋଗ ଦେଇଥିଲେ। ସେମାନେ କହିଥିଲେ ଯେ ଦୀର୍ଘବର୍ଷ ହେବ ୬ ଦଫା ଦାବିକୁ ନେଇ ଡ୍ରାଇଭରମାନେ ଆନ୍ଦୋଳନ କରୁଛନ୍ତି। ହେଲେ ସରକାର ସେମାନଙ୍କ ସମସ୍ୟା ବୁଝୁନାହାନ୍ତି। ଏ ନେଇ ସଂଘ ପକ୍ଷରୁ ପୂର୍ବ ସରକାରଠାରୁ ଆରମ୍ଭ କରି ବର୍ତ୍ତମାନ ସରକାର ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ଆନ୍ଦୋଳନ କରାଯାଇଛି। ଆଗକୁ ପୂରା ଅଖଚକ ବନ୍ଦ କରି ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

**ପାଲଲହଡ଼ା:** ଡ୍ରାଇଭର ମହାସଙ୍ଘ ପକ୍ଷରୁ ୭ ଦଫା ଦାବି ନେଇ ଆନ୍ଦୋଳନ କରାଯାଇଛି। ଡ୍ରାଇଭରଙ୍କ ସମସ୍ୟାର ସମାଧାନ ପାଇଁ ଓଡ଼ିଶା ଡ୍ରାଇଭର ମହାସଂଘ ଏବଂ ଡ୍ରାଇଭର ଏକତା ମହାମଞ୍ଚ ଜରିଆରେ ଆଜିଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରାଯାଉଥିବାବେଳେ ପାଲଲହଡ଼ା ଡ୍ରାଇଭର ସଙ୍ଘର ପୂର୍ବତନ ସଭାପତି ଖଗେଶ୍ୱର ମହାରଣା ଓ ଉପସଭାପତି ସୁଶାନ୍ତ କୁମାର ପଲାଇଙ୍କ ନେତୃତ୍ୱରେ ସକାଳ ୭ ଘଟିକା ସମୟରେ ଆଖ ପାଖ ଅଞ୍ଚଳର ଶତାଧିକ ଡ୍ରାଇଭର ୪୯ ନମ୍ବର ଜାତୀୟ ରାଜପଥ କାଉଁସିରିପାଲି ଛକ ନିକଟରେ ଆନ୍ଦୋଳନ କରିଥିଲେ। ଦାବି ପୂରଣ ନହେଲେ ଆଗକୁ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦିଆଯାଇଛି।





# ଛେଣ୍ଡିପଦା ଡ୍ରାଇଭର ମହାସଙ୍ଘର ଆନ୍ଦୋଳନ



ଛେଣ୍ଡିପଦା,୮।୭(ସମିସ): ୭ଦଫା ଦାବି ଛେଣ୍ଡିପଦା ଜଗନ୍ନାଥ ମନ୍ଦିର ସମ୍ମୁଖରେ ଛେଣ୍ଡିପଦା ବ୍ଲକ ଡ୍ରାଇଭର ମହାସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଛି। ସଭାପତି ରିତେଶ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଏହି ଆନ୍ଦୋଳନ କରାଯାଇଥିଲା। ଧାରଣାରେ ଛେଣ୍ଡିପଦା ବ୍ଲକ୍ ଡ୍ରାଇଭର ମହାସଂଘର ସମ୍ପାଦକ ନୀଳମଣି ବେହେରା, କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ବେହେରା, ଉପ ସଭାପତି ସୁରଥ କୁମାର ସାହୁ, ସହ ସମ୍ପାଦକ ପ୍ରଶାନ୍ତ କୁମାର ବେହେରାଙ୍କ ସମେତ ଛେଣ୍ଡିପଦା ଡ୍ରାଇଭର ସଙ୍ଘର ସଭାପତି ବାବୁଲା ଦେହୁରୀ, ନୀଳକଣ୍ଠ ସାହୁ, ସୁକାନ୍ତ କୁମାର ସାହୁଙ୍କ ସମେତ ୩୪ଟି ପଞ୍ଚାୟତର ପ୍ରାୟ ୧ହଜାରରୁ ଊର୍ଦ୍ଧ୍ୱ ଡ୍ରାଇଭର ସାମିଲ ହୋଇଥିଲେ। ଡ୍ରାଇଭର ସଂଘ ପ୍ରଥମ ଦିବସରେ ଶାନ୍ତି ଶୃଙ୍ଖଳାର ସହିତ ଧାରଣାରେ ବସିଛନ୍ତି।

# ପାଇପ୍ ଫାଟି ଡ୍ରେନ୍‌ରେ ମିଶୁଛି ପାଣି



ତାଳଚେରସଦର,୮।୭(ସମିସ): ଟୋପେ ପିଇବା ପାଣି ପାଇଁ ଲୋକେ ତହଳବିକଳ ହେଉଥିବାବେଳେ ପାଇପ ଫାଟି ପାନୀୟଜଳ ଅନବରତ ଡ୍ରେନ୍‌ରେ ମିଶୁଛି। ବନ୍ତୋଳ ଗ୍ରାମପଞ୍ଚାୟତ କୁକୁଡୁଲା ଗ୍ରାମର ପ୍ରଧାନ ସାହି ଗଳି ସମ୍ମୁଖରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ଫଳରେ ଡ୍ରେନ୍‌ର ଆବର୍ଜନା ପାଣି ପାଇପ ସହ ମିଶି ରାସ୍ତା ଉପରେ ପାଣିର ସୁଅ ଛୁଟୁଛି। ଏଥିପ୍ରତି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ନଥିବା ଅଞ୍ଚଳବାସୀ କହିଛନ୍ତି। ପ୍ରତ୍ୟେକ ଗ୍ରାମ୍ୟକୁ ପାନୀୟଜଳ ଯୋଗାଇ ଦେବାନେଇ ସରକାରଙ୍କ ପକ୍ଷରୁ ଆରଡବ୍ଲୁଏସ୍‌ଏସ୍ ମାଧ୍ୟମରେ ପାଇପଲାଇନ ବିଛାଇ ପାନୀୟଜଳ ଘରକୁ ଘର ଯୋଗାଇ ଦେଇଥାଏ। କିନ୍ତୁ ଦୁଇଦିନ ହେବ ସେଠିକାର ଅଞ୍ଚଳବାସୀ ଏ ନେଇ ଅଭିଯୋଗ କରିଥିଲେ ମଧ୍ୟ କେହି ହେଲେ ଏଥିପ୍ରତି ଦୃଷ୍ଟି ଦେଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ଟ୍ରାନ୍ସଫର୍ମର ସ୍ଥାନାନ୍ତର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବଇଣ୍ଡା,୮।୭(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ୍ ଠାକୁରଗଡ଼ ଥାନା ଗୁଣ୍ଡୁରୀଖଲି ଗ୍ରାମରେ ଥିବା ଥିବା ୬୩ କେଭି ଟ୍ରାନ୍ସଫର୍ମରକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଗୁଣ୍ଡୁରୀଖଲି ଗ୍ରାମବାସୀ ସୋମବାର ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଦାବି ଜଣାଇଛନ୍ତି। ଗ୍ରାମର ଅରୁଣ କୁମାର ସାହୁ, ବିଶ୍ୱଜିତ ପ୍ରଧାନ, ମଳୟ ପେଣ୍ଟଇ, ସତ୍ୟବ୍ରତ ସାହୁଙ୍କ ସମେତ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏ ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀ ତାଙ୍କ ଦାବିପତ୍ରରେ ଉଲେଖ କରିଛନ୍ତି ଯେ ଗ୍ରାମବାସୀଙ୍କୁ ବିଦ୍ୟୁତ୍ ସେବା ଯୋଗାଇଦେବା ପାଇଁ ଗ୍ରାମରେ ଏକ ୬୩ କେଭିର ଟ୍ରାନ୍ସଫର୍ମର ଲଗାଯାଇଛି। ଏହି ଟ୍ରାନ୍ସଫର୍ମରଟି ଗାଁ ମଝିରେ ଥିବାବେଳେ ବିପଦସଂକୁଳ ଅବସ୍ଥାରେ ରହିଛି। ବିଶେଷକରି ଏହି ଟ୍ରାନ୍ସଫର୍ମରଟି ଗ୍ରାମ ଅଙ୍ଗନବାଡ଼ି ନିକଟରେ ଥିବାବେଳେ ତା' ପାଖରେ ଲୋକଙ୍କ ଘର ସହ କୋଠଘର ରହିଛି। ଚାରି ପଟରେ ଘର ଥିବା ବେଳେ ମଝିରେ ଏହି ଟ୍ରାନ୍ସଫର୍ମରଟି ରହିଛି। ଯାହାକି ଅଞ୍ଚଳବାସୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। କିଛିମାସ ତଳେ ଏହି ଟ୍ରାନ୍ସଫର୍ମରରେ ଏକ ଗୋରୁ ଲାଗି ଆହତ ହୋଇଥିଲା। ଟ୍ରାନ୍ସଫର୍ମରଟି ଥିବାବେଳେ ଛୋଟ ଛୋଟ ପିଲା ବିପଦପୂର୍ଣ୍ଣ ଭାବେ ପାଠ ପଢ଼ିବା ପାଇଁ ସେଠାକୁ ଯାଉଛନ୍ତି। ଏହି ଟ୍ରାନ୍ସଫର୍ମରଟି ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ୨୦୨୪ ନଭେମ୍ବର ୧ ତାରିଖରେ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଥିଲେ ଗ୍ରାମବାସୀ। ୨୦୨୫ ଜୁନ୍ ୩୦ରେ ଜିଲ୍ଲପାଳଙ୍କ ଅଭିଯୋଗ ଶୁଣାଣିକୁ ଯାଇ ସମାନ ଅଭିଯୋଗ କରିଥିଲେ। ଗ୍ରାମର ଏକ ଜାଗାରେ ଗ୍ରାମବାସୀ ୨୫ ହଜାର ଟଙ୍କା ଗ୍ରାମ ପାଣ୍ଠିରୁ ଖର୍ଚ୍ଚ କରି ଟ୍ରାନ୍ସଫର୍ମର ସ୍ଥାନାନ୍ତର ପାଇଁ ଏକ ପିଣ୍ଡି ମଧ୍ୟ ନିର୍ମାଣ କରିଛନ୍ତି। ହେଲେ ଏଠାକୁ ତାହା ସ୍ଥାନାନ୍ତର କରାଯାଉନାହିଁ। ଠିକା ସଂସ୍ଥା ପକ୍ଷରୁ ଏହି ଟ୍ରାନ୍ସଫର୍ମର ସ୍ଥାନାନ୍ତର ପାଇଁ ଅର୍ଥ ଅଟକଳ କରାଯାଇଥିଲେ ମଧ୍ୟ ଏହାକୁ ମଞ୍ଜୁର କରାଯାଉନଥିବା ଯୋଗୁଁ ସ୍ଥାନାନ୍ତର କରାଯାଉନାହିଁ। ତୁରନ୍ତ ଏହି ଟ୍ରାନ୍ସଫର୍ମର ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜାତୀୟ ଟାଇକ୍ୱୋଣ୍ଡୋ ପ୍ରତିଯୋଗିତାରେ ଜିଲ୍ଲାକୁ ୬ ପଦକ



ଅନୁଗୋଳ,୮।୭ (ସମିସ): ଗତମାସ ୨୭ତାରିଖରୁ ଗତ ୧ ତାରିଖ ପର୍ଯ୍ୟନ୍ତ ଚାଲିଥିବା ୪୨ ତମ ଜାତୀୟସ୍ତରୀୟ ତାଇଣ୍ଡୋ ପ୍ରତିଯୋଗିତାରେ ଅନୁଗୋଳ ଜିଲ୍ଲାକୁ ୬ଟି ପଦକ ମିଳିଛି। ଉତ୍ତରାଖଣ୍ଡର ହରିଦ୍ୱାରଠାରେ ଅନୁଷ୍ଠିତ ଉକ୍ତ ପ୍ରତିଯୋଗିତାରେ ଅନୁଗୋଳ ଜିଲ୍ଲାରୁ ୪ ଜଣ ଖେଳାଳି ଅଂଶ ଗ୍ରହଣ କରି ୬ ଟି ପଦକ କରିଛନ୍ତି। ପଦକ ହାସଲ କରୁଥିବା ପ୍ରତିଯୋଗୀମାନେ ହେଲେ କ୍ୟୋରୋଗି ଓ ପୁମସେ। ବାଳିକା ବିଭାଗର କାବ୍ୟା ଦାଶ ଗୋଟାଏ ରୌପ୍ୟ ଓ ଗୋଟାଏ କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି ବାଳକ ବିଭାଗରେ ଶ୍ରୀୟାଂଶ ସାହୁ ଦୁଇଟି କାଂସ୍ୟ ପଦକ ହାସଲ କରିଛନ୍ତି, କେବଳ କ୍ୟୋରେଗିରେ ଦେବାଂଶ ମହାନ୍ତି ରୌପ୍ୟ ପଦକ ହାସଲ କରିଥିବାବେଳେ ତେଜେଶ ନାୟକ କାଂସ୍ୟ ପଦକ ହାସଲ କରିଛନ୍ତି। ଖେଳାଳିମାନଙ୍କୁ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟକୁମାର ସେଠ, ଜାତୀୟଖେଳାଳି ଜସ୍ଲିନ୍ ସାହୁ, ଶ୍ରୀୟାଶ୍ରୀ ପ୍ରଧାନ, ସଂଘର ସଭାପତି ନିଳମଣି ରାଉତ୍, ଉପସଭାପତି ଶକ୍ତି ପ୍ରସାଦ ପଟନାୟକ, ଉପଦ୍ରେଷ୍ଟା ଓ ଆଇନ୍‌ଜୀବୀ ପ୍ରଦୀପ କୁମାର ଦେବତା ସମ୍ବର୍ଦ୍ଧନା ଜଣାଇଥିଲେ। ଖେଳାଳିମାନଙ୍କୁ ଅନୁଗୋଳ ଟାଇକ୍ୱୋଣ୍ଡୋ ସଂଘ ଅନୁଗୋଳ ପ୍ରତିଷ୍ଠାତା ଓ ସମ୍ପାଦକ ଦୁଷ୍ମନ୍ତ କୁମାର ନାଥ ଖେଳାଳିଙ୍କୁ ମା' ବାସନ୍ତୀ ଦୁର୍ଗା ଖେଳପଡ଼ିଆରେ ତାଲିମ ପ୍ରଦାନ କରୁଚନ୍ତି।

# ବୁଥ୍‌ସ୍ତରୀୟ ଅଧିକାରୀଙ୍କ ପ୍ରଶିକ୍ଷଣ



କିଶୋରନଗର,୮।୭(ସମିସ): କିଶୋରନଗର ବ୍ଲକ୍ ସଭାଘରଠାରେ ମଙ୍ଗଳବାର ଉପଖଣ୍ଡସ୍ତରୀୟ ନିର୍ବାଚନ ଅଧିକାରୀ ତଥା ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହାଙ୍କ ତତ୍ତ୍ୱାବଧାନରେ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ସୁବ୍ରତ କୁମାର ବେହେରା, ଜିପିଡିଓ ସତ୍ୟପ୍ରିୟ ସାହୁ, ପ୍ରଶିକ୍ଷକ ଚମ୍ପେଶ୍ୱର ମିଶ୍ର ଯୋଗଦେଇ ୫୦ଜଣ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

## ପାଲଲହଡ଼ା



ସ୍ଥାନୀୟ ଉପଜିଲ୍ଲାପାଙ୍କ ସମ୍ମିଳନୀ କକ୍ଷ ପରିସରରେ ସୋମବାର ଠାରୁ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଶୃଙ୍ଖଳିତ, ନିରପେକ୍ଷ ନିର୍ବାଚନ ପରିଚାଳନା ସହିତ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ ନେଇ ପ୍ରଶିକ୍ଷଣ ଦିଆଯିବ ବୋଲି ସ୍ଥାନୀୟ ନିର୍ବାଚନ ଅଧିକାରୀ ତଥା ସ୍ଥାନୀୟ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ ପ୍ରକାଶ କରିଛନ୍ତି। ଏହି ଶିବିର ଆସନ୍ତା ୧୧ ତାରିଖ ଜାରି ରହିବ। ଶିବିରରେ ଭୋଟର ପଞ୍ଜୀକରଣ ଅଧିକାରୀ ରବୀନ୍ଦ୍ର କୁମାର ପଟେଲ, ଡେପୁଟି କଲେକ୍ଟର ଶୁଭଶ୍ରୀ ଟୁଡୁ, ତହସିଲଦାର ଆକାଂକ୍ଷା ମହାପାତ୍ର, ସହକାରୀ ଜିଲ୍ଲାପାଳ ଗିରିଶ ଚନ୍ଦ୍ର ସିଂ ପ୍ରମୁଖ ଯୋଗଦେଇଛନ୍ତି।

# ବ୍ଲକ୍ କୃଷି ଅଧିକାରୀଙ୍କ ଯୋଗଦାନ



କିଶୋରନଗର,୮।୭(ସମିସ): କିଶୋରନଗର ବ୍ଲକ୍ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ନୂତନ ବ୍ଲକ୍ କୃଷି ଅଧିକାରୀଭାବେ ଦେବବ୍ରତ ପୃଷ୍ଟି କାର୍ଯ୍ୟରେ ଯୋଗଦାନ କରିଛନ୍ତି। ପୂର୍ବରୁ ଥିବା ବ୍ଲକ୍ କୃଷି ଅଧିକାରୀଙ୍କ ଅବସର ପରେ ପଦବୀଟି ବହୁଦି ହେଲା ଖାଲି ପଡ଼ିଥିଲା। ଶ୍ରୀ ପୃଷ୍ଟି ଯୋଗଦାନ କରିବା ପରେ ଚାଷୀ ଓ ଚାଷର ଉନ୍ନତି ପାଇଁ ସଦାସର୍ବଦା ଚେଷ୍ଟା କରିବି ବୋଲି କହିଛନ୍ତି।

# ପିବିକେ ହାଇସ୍କୁଲରେ ଚାରାରୋପଣ




ଅନୁଗୋଳ,୮।୭(ସମିସ): ବଅଁରପାଳ ପିବିକେ ହାଇସ୍କୁଲ ଖେଳପଡ଼ିଆ ଚତୁପାର୍ଶ୍ୱରେ ଆଜି ବୃକ୍ଷ ରୋପଣ କରାଯାଇଛି। ବଅଁରପାଳ ବିଡିଓ ଲୋଚନ ଦାସ, ତହସିଲଦାର ସୁଶାନ୍ତ ମିଶ୍ର, ବିଇଓ ମାନସ ରଞ୍ଜନ ପୃଷ୍ଟି, ପ୍ରଧାନ ଶିକ୍ଷକ ପବିତ୍ର ମୋହନ ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଗହଣରେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ଶିକ୍ଷକ ସଂଗ୍ରାମ କେଶରୀ ମହାନ୍ତି ଏବଂ ବନକର୍ମଚାରୀ କୁଶଦ୍ୱଜ ନାୟକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଛାତ୍ରଛାତ୍ରୀ ଶହେରୁ ଊର୍ଦ୍ଧ୍ୱ ଚାରା ରୋପଣ କରିଥିଲେ। ପ୍ରତ୍ୟେକ ଗଛର ସୁରକ୍ଷା ଓ ଯତ୍ନ ନେବାକୁ ଛାତ୍ରଛାତ୍ରୀଙ୍କୁ ବିଡିଓ ଶ୍ରୀ ଦାସ ପରାମର୍ଶ ଦେଇଥିଲେ।

# ଶ୍ମଶାନ ଓ ବିଶ୍ରାମ ଗୃହ ଉଦ୍‌ଘାଟିତ





ଅନୁଗୋଳ,୮।୭(ସମିସ): ବଅଁରପାଳ ବ୍ଲକ୍ ନାଲ୍‌କୋ ନିକଟସ୍ଥ କାଣ୍ଡସର ଗ୍ରାମ ଶ୍ମଶାନ ଭୂଇଁର ଉନ୍ନତିକରଣ କାର୍ଯ୍ୟ ନାଲ୍‌କୋ ସିଏସ୍‌ଆର୍ ଯୋଜନାରେ ନିର୍ମାଣ ହୋଇଥିବାବେଳେ ଏହା ଉଦ୍‌ଘାଟିତ ହୋଇଯାଇଛି। ନୂତନ ଶବ ଦାହ ପାଇଁ ଶ୍ମଶାନ ଗୃହ ଓ ଆଶ୍ରୟ ଗୃହ ନିର୍ମାଣ ହୋଇଛି। ଶବ ଦାହ ଗୃହକୁ ବୈକୁଣ୍ଠ ଦ୍ୱାର ଏବଂ ଆଶ୍ରୟ ଗୃହକୁ ହରିଶ୍ଚନ୍ଦ୍ର ଗୃହ ଭାବେ ନାମିତ କରାଯାଇଛି। ଏହି ଦୁଇଟି ଗୃହ ହେବା ଦ୍ୱାରା ବର୍ଷା ଓ ଗ୍ରୀଷ୍ମ ଦିନରେ ଶବଦାହରେ ସମସ୍ୟା ରହିବ ନାହିଁ। ଗ୍ରାମବାସୀଙ୍କ ଅନୁରୋଧକ୍ରମେ ନାଲ୍‌କୋ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ନାଲ୍‌କୋ ଜିଜିଏମ୍ ଶୁଭେନ୍ଦୁ କୁମାର ନାୟକ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କାଣ୍ଡସର ସରପଞ୍ଚ ସବିତା ମହାଳିକ, ସମିତି ସଭ୍ୟା ପ୍ରମିତା ବେହେରା, କାଣ୍ଡସର ଗ୍ରାମ୍ୟ କମିଟି ସଭାପତି ବଂଶୀଧର ପ୍ରଧାନ, ସାମାଜିକ କର୍ମୀ ଅନନ୍ତ ବାରିକଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ତାଳଚେର ଗଣେଶ ପୂଜା ପ୍ରସ୍ତୁତି; ଡିଜେକୁ ବାରଣ




ତାଳଚେରସଦର,୮।୭(ସମିସ)

ତାଳଚେରର ପ୍ରସିଦ୍ଧ ଗଣେଶ ପୂଜା ନେଇ ପ୍ରସ୍ତୁତି ବୈଠକ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଦେଉଳବେଢ଼ାସ୍ଥିତ ଡିସିଆଇ କ୍ଲବ୍‌ଠାରେ ଆୟୋଜିତ ବୈଠକରେ କେନ୍ଦ୍ରୀୟ ଗଣେଶ ପୂଜା କମିଟିର ସଭାପତି ତଥା ତାଳଚେର ଉପଜିଲ୍ଲାପାଳ ସମିର କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ସର୍ବସମ୍ମତିକ୍ରମେ ନିଆଯାଇଥିବା ପ୍ରସ୍ତାବ ଗୁଡ଼ିକ ଗୃହୀତ ହୋଇଥିଲା। ଗଣେଶ ପୂଜା ଆସନ୍ତା ଅଗଷ୍ଟ ୨୭ତାରିଖରେ ପଡୁଥିବାବେଳେ ସେପ୍ଟେମ୍ବର ୭ତାରିଖ ଇନ୍ଦୁପୂର୍ଣ୍ଣିମା ତିଥିରେ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ। ଚଳିତବର୍ଷ ଘୋଡ଼ାଶାଳଠାରୁ ଆରମ୍ଭକରି ହାଣ୍ଡିଧୂଆଁ ପର୍ଯ୍ୟନ୍ତ ପୂଜାମଣ୍ଡପ ଗୁଡ଼ିକୁ ଅଧିକ ଆକର୍ଷଣୀୟ କରାଯିବ। ଏଥିସହ ଶାନ୍ତିଶୃଙ୍ଖଳା ସହିତ ପାଳନ କରିବାକୁ ସମସ୍ତ ପୂଜାକମିଟିର କର୍ମକର୍ତ୍ତାମାନଙ୍କୁ ଅନୁରୋଧ କରାଯାଇଥିଲା। ସେହିପରି ଶବ୍ଦ ପ୍ରଦୂଷଣ ରୋକିବା ନେଇ ଡିଜେକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପୂଜାସମୟରେ ଶାନ୍ତିଶୃଙ୍ଖଳାର ସହ କରାଯିବାକୁ ନେଇ ପୂଜାକମିଟି ଗୁଡ଼ିକ ତତ୍ପରତା ପ୍ରକାଶ କରିଥିଲେ। ଭସାଣି ପୂର୍ବଦିନ ହେଉଥିବା ୩ଟନ୍ ୫ଶହ କେଜିର ଲଡ୍ଡୁକୁ ଚଳିତବର୍ଷ ଅଧିକ ଆକର୍ଷିତ କରିବାକୁ ମତପ୍ରକାଶ ପାଇଥିଲା। ସେହିପରି ଅଧିକ ଓଜନର ଲଡୁ କରାଯିବା ନେଇ ନିଲାମ ଡାକିବାକୁ ପ୍ରସ୍ତାବ ଆଗତ କରାଯାଇଥିଲା। ବୈଠକରେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ତଥା କେନ୍ଦ୍ରୀୟ ପୂଜାକମିଟିର କାର୍ଯ୍ୟକାରୀ ସଭାପତି କୌଣସି କାରଣରୁ ଅନୁପସ୍ଥିତ ଥିବାରୁ ଦାୟିତ୍ୱରେ ଥିବା ତାଳଚେର ଥାନା ଅଧିକାରୀ, କୋଲିୟରୀ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ। କମିଟିର ଉପସଭାପତି ଡ. ରଶ୍ମୀରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ସହ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟତମ ଉପସଭାପତି ପ୍ରକାଶ ମହାରଣା କାର୍ଯ୍ୟକ୍ରମ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସାଧାରଣ ସମ୍ପାଦକ ଦିଲ୍ଲୀପ ପାଣି ବିବରଣୀପାଠ ଓ ଅଶୋକ ସତପଥୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ପୂଜା କମିଟିଗୁଡ଼ିକର ସଭାପତି, ସମ୍ପାଦକ ଓ କେନ୍ଦ୍ରୀୟ ଗଣେଶ ପୂଜା କମିଟି ସଦସ୍ୟମାନେ ଯୋଗଦେଇ ଆଲୋଚନା କରିଥିଲେ।



# ଉପାନ୍ତରେ ପୁଣି କାୟାବିସ୍ତାର କଲାଣି ମ୍ୟାଲେରିଆ





ପାଲଲହଡ଼ା, ୮।୭ (ସମିସ)

ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡର ଉପାନ୍ତ ଅଞ୍ଚଳ ପୂର୍ବରୁ ମ୍ୟାଲେରିଆ ପ୍ରବଣ ଭାବେ ଜଣାଶୁଣା ଥିବା ବେଳେ ବିଗତ ଦିନରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମ୍ୟାଲେରିଆ ମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯାଇଥିଲା। ଏବେ ମଧ୍ୟ ମ୍ୟାଲେରିଆକୁ ଏ ଅଞ୍ଚଳରୁ ଦୂରେଇ ରଖିବା ପାଇଁ ସରକାର ଅନେକ ଯୋଜନା କରିବା ସହ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ପାଣି ପରି ଖର୍ଚ୍ଚ ହେଉଛି। ହେଲେ ସରକାରଙ୍କ ଏହି ମିଶନ ସମ୍ପୂର୍ଣ୍ଣ ଫେଲ ମାରିଥିବା ଜଣାପଡ଼ିଛି।

ସୂଚନା ଅନୁସାରେ ପାଲଲହଡା ଉପାନ୍ତ ଅଞ୍ଚଳର ସିବିଡ଼ା ଶିକ୍ଷା ନିକେତନର ଛାତ୍ରଛାତ୍ରୀ ନିବାସରେ ଚାରି ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ରହୁଥିବାବେଳେ ସେଥିରୁ ଅନେକ

**● ୫ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଡାକ୍ତରଖାନାରେ ଭର୍ତ୍ତି**

ଏବେ ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି। ରବିବାର ୭ ଜଣ ଛାତ୍ରଛାତ୍ରୀ ଅସୁସ୍ଥ ହେବାରୁ ପାଲଲହଡ଼ା ଡାକ୍ତରଖାନାକୁ ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ ଦୁଇ ଜଣ ଛାତ୍ରୀଙ୍କ ମ୍ୟାଲେରିଆ ପଜିଟିଭ୍ ରିପୋର୍ଟ ଆସିବାରୁ ଚିକିତ୍ସା ପାଇଁ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେହିପରି ସୋମବାର ସନ୍ଧ୍ୟାରେ ଆହୁରି ୮ଜଣ ଛାତ୍ର ଛାତ୍ରୀ ଗୁରୁତର ଅସୁସ୍ଥ ହୋଇପଡ଼ିବାରୁ ପାଲଲହଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତୁରନ୍ତ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ନିରୀକ୍ଷା କରି ଚିକିତ୍ସା ଆରମ୍ଭ କରିଛନ୍ତି। ସେମାନଙ୍କ ମଧ୍ୟରୁ ତିନିଜଣଙ୍କର ମ୍ୟାଲେରିଆ ପଜିଟିଭ ବାହାରି ଥିବା ଜଣାପଡ଼ିଛି। ପୁଣିଥରେ ଉପାନ୍ତରେ ମ୍ୟାଲେରିଆ ଆରମ୍ଭ ହୋଇଥିବା ଖବର ପାଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖମାର ପକ୍ଷରୁ ମଙ୍ଗଳବାର ଉପାନ୍ତରେ ଥିବା ଶିକ୍ଷା କେନ୍ଦ୍ରର ଛାତ୍ରଛାତ୍ରୀ ନିବାସରେ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଛି। ଆଜିର ଯାଞ୍ଚରେ ସିବିଡ଼ା ଶିକ୍ଷା ନିକେତନର ୪୫୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭ ଜଣ ଏବଂ ଜମରଡିହସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟରେ ୩୦୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩ ଜଣ ଛାତ୍ରଛାତ୍ରୀଙ୍କର ମ୍ୟାଲେରିଆ ପଜିଟିଭ ବାହାରିଥିବା ସୂଚନା ମିଳିଛି। ତେବେ ସରକାରଙ୍କ ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ସମସ୍ତ ଯୋଜନା ଫେଲ୍ ମାରିଥିବା ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି। ସବୁଠାରୁ ବଡ଼କଥା ଦାୟିତ୍ୱରେ ଥିବା ଅଧିକାରୀମାନେ ନିୟମିତ ଏହି ଉପାନ୍ତ ଅଞ୍ଚଳକୁ ଗସ୍ତ କରୁନଥିବା ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କର୍ତ୍ତୃପକ୍ଷ ନିଦାବିଷ୍ଟୁ ପାଲଟିଛନ୍ତି ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି।

## ବ୍ଲକ୍ ଅଫିସ୍ ସମ୍ମୁଖରେ ଧାରଣା ଦେଲେ ସମିତିସଭ୍ୟ

କିଶୋରନଗର, ୮।୭ (ସମିସ): କିଶୋରନଗର ବ୍ଲକରେ ସମିତି ସଭ୍ୟଙ୍କୁ ସବୁ କ୍ଷେତ୍ରରେ ଉପେକ୍ଷା କରାଯାଉଥିବା ନେଇ କିଛି ସଭ୍ୟ ବ୍ଲକ ଅଫିସ୍ ତଥା ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ବ୍ଲକକୁ ଆସୁଥିବା ସମିତି ଅନୁଦାନ ସଭ୍ୟଙ୍କୁ ଜଣାଇବା, ୩ ବର୍ଷ



ହେବ ବକେୟା ସମିତି ବୈଠକର ଭତ୍ତା ପ୍ରଦାନ କରିବା, ସମିତି ଅନୁଦାନର କାର୍ଯ୍ୟଗୁଡ଼ିକର ବିଲ ଶୀଘ୍ର କରାଯିବା, ପଞ୍ଚାୟତକୁ ବିଭିନ୍ନ ଗସ୍ତରେ ଯାଉଥିବା ବିଡ଼ିଓ, ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ସମ୍ପୃକ୍ତ ପଞ୍ଚାୟତର ସମିତି ସଭ୍ୟଙ୍କୁ ଜଣାଇବା, ମନରେଗା କାର୍ଯ୍ୟଗୁଡ଼ିକ ସମିତିରୁ ଫାଇଲ ଖୋଲିବା ଆଦି ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆଜି ପୂର୍ବାହ୍ନରେ ବିଡିଓଙ୍କ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ସମିତି ସଭ୍ୟ ଆନୁକୂଲ୍ୟ ବେହେରା, ବାବୁଲା ନାୟକ, ମମତା ମେହେର, ଧନେଶ୍ୱର ସାହୁ, ଲବ ପ୍ରଧାନ, ଦ୍ରୌପଦୀ ନାଏକ, ସାବିତ୍ରୀ ନାଏକ, ଉର୍ମିଳା ସେଠୀ, ସସ୍ମିତା ସାହୁ ପ୍ରମୁଖ ଧାରଣାରେ ବସିଥିଲେ। ବିଡିଓ ସୁବ୍ରତ ବେହେରା ଓ ବିଭିନ୍ନ କାର୍ଯ୍ୟରେ ଆସିଥିବା ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା ବୁଝାସୁଝା କରି ସମିତିସଭ୍ୟଙ୍କ ଦାବି ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

## ହିଙ୍ଗୁଳା ପାଠାଗାର ପକ୍ଷରୁ ବନ ମହୋତ୍ସବ

ତାଳଚେରସଦର, ୮।୭ (ସମିସ): ତାଳଚେର ବ୍ଲକ କଳମଛୁଇଁ ଗ୍ରାମସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ହିଙ୍ଗୁଳା ପାଠାଗାର ପକ୍ଷରୁ ୭୬ତମ ବନ ମହୋତ୍ସବ ପାଳନ କରାଯାଇଛି। ଏହି ଅବସରରେ ଅନୁଗୋଳ ବାରସିଂହା ଗ୍ରାମସ୍ଥିତ ଶ୍ରୀଅଭିରାମ ପରମହଂସ ଆଶ୍ରମ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାଠାଗାରର ସମ୍ପାଦକ ପ୍ରକୃତିବନ୍ଧୁ ବିଭୂତି ଭୂଷଣ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ଶିକ୍ଷାବିତ୍ ଡ.ପ୍ରଶାନ୍ତ କୁମାର ରଥ ଓ ସମ୍ମାନୀତ ଅତିଥି ଭାବରେ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ସାହୁ, ଅଧ୍ୟାପିକା ବିନୋଦିନୀ ପାଣି, ସମାଜସେବୀ ବୀରବିକ୍ରମ ସିଂ ସାମଲ ଓ ସୁକାନ୍ତି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ମଠ ପରିସରରେ ଶ୍ରୀଅଭିରାମ ପରମହଂସଙ୍କ ପ୍ରତିଛବି ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପାଠାଗାରର ସଦସ୍ୟମାନେ ମଠ ପରିସରରେ ଆମ୍ବ, ପିଜୁଳି, ଲେମ୍ବୁ, ନଡ଼ିଆ, ବେଲ ଆଦି ୩୦ଟି ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପଚାନନ ବେହେରା, ସାଲିନା ସ୍ୱାଇଁ, ପ୍ରମିଳା ସ୍ୱାଇଁ ଓ ତପସ୍ୱିନୀ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## କୁଟୁଣିଆ ପୁଷ୍କରିଣୀର ଉନ୍ନତୀକରଣ

ଢେଙ୍କାନାଳ, ୮।୭ (ସମିସ) ଢେଙ୍କାନାଳ ଜିଲ୍ଲା ମତ୍ସ୍ୟ ବିଭାଗର ଜିଲ୍ଲା ମତ୍ସ୍ୟ ଅଧିକାରୀ ସଂଗ୍ରାମ କେଶରୀ କରଙ୍କ ସହଯୋଗରେ କୁଟୁଣିଆ ପୁଷ୍କରିଣୀରେ ରୋହି, ମିରିକାଳି ଓ ଭାକୁର ଆଦିର ଆଙ୍ଗୁଳିକା ମାଛ ଯାଆଁଳ ଗତ ସୋମବାର ଦିନ ଝିପି ଝିପି ବର୍ଷା ମଧ୍ୟରେ ଛଡ଼ାଯାଇଛି। ଏହି ସମୟରେ ନନ୍ଦିନୀ ଦେବୀ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟର ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ରଥ, କୋଷାଧ୍ୟକ୍ଷ ମଳୟ ପାଣିଗ୍ରାହୀ, ଶିକ୍ଷକ ସରୋଜ ସାମଲ, କର୍ମଚାରୀ ଚନ୍ଦ୍ରକାନ୍ତ ପଣ୍ଡା, ପ୍ରକାଶ ପାଣିଗ୍ରାହୀ, ରାଜ ପରିଡ଼ା ଓ ଆଲୋକ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଯାଆଁଳ ଛାଡିବାରେ ସହଯୋଗ କରିଥିଲେ। ଚଳିତ ବର୍ଷ ପ୍ରାୟ ୧୦ହଜାର ଟଙ୍କା ବ୍ୟୟରେ ଏହି ପୁଷ୍କରିଣୀର ଚତୁଃପାର୍ଶ୍ୱ ହୁଡ଼ା ଦିଆଯାଇଥିଲା। ୯ନଂ ୱାର୍ଡରେ ଅବସ୍ଥିତ ଏହି ପୁଷ୍କରିଣୀର ସହର ବିକାଶ ଯୋଜନାରେ ଉନ୍ନତୀକରଣ କରାଯିବ ବୋଲି ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ପ୍ରକାଶ କରିଛନ୍ତି।



## ଧର୍ମଘଟକୁ ସଫଳ ପାଇଁ ଶୋଭାଯାତ୍ରା

ଅନୁଗୋଳ, ୮।୭ (ସମିସ): କେନ୍ଦ୍ର ବିଜେପି ସରକାର ଦ୍ୱାରା ଶ୍ରମିକ ଶ୍ରେଣୀର କଷ୍ଟାର୍ଜିତ ୨୯ଟି ଶ୍ରମ ଆଇନକୁ ଉଚ୍ଛେଦ କରି ପ୍ରଣୟନ କରାଯାଇଥିବା ଶ୍ରମିକ ବିରୋଧୀ ଓ କର୍ପୋରେଟ୍ ସପକ୍ଷବାଦୀ ୪ଟି ଶ୍ରମକୋଡକୁ ବାତିଲ କରିବା, ନାଲ୍କୋ, ଏନ୍‌ଟିପିସି, ଏମ୍‌ସିଏଲ୍ ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓ ସରକାରୀ ସଂସ୍ଥାଗୁଡ଼ିକର ଘରୋଇକରଣ ବନ୍ଦ କରିବା, ପଛଦ୍ୱାର ବାଟଦେଇ ଘରୋଇକରଣର ନୂଆ ଫର୍ମାଟ୍ ଜାତୀୟ ମୁଦ୍ରୀକରଣ ପାଇପ୍ ଲାଇନକୁ ବାତିଲ କରିବା, ବିଦ୍ୟୁତ୍ ସଂଶୋଧନ ବିଲ୍ ୨୦୨୩କୁ ବାତିଲ କରିବା ଓ ସ୍ମାର୍ଟ ମିଟର ବସାଇବା ବନ୍ଦ କରିବା, ଦୈନିକ କର୍ମ ସମୟ ବୃଦ୍ଧି ନକରି ୮ଘଣ୍ଟା ଓ ସପ୍ତାହକୁ ୪୮ଘଣ୍ଟା କର୍ମ ଦିବସ ନିଶ୍ଚିତ କରିବା, ସ୍ଥାୟୀ କର୍ମ ସଂସ୍ଥାନରେ ନିଯୁକ୍ତି ଲୋକଙ୍କ ସଂଖ୍ୟା ବ୍ୟାପକ ହ୍ରାସ ବନ୍ଦ କରିବା ଆଦି ଦାବିରେ ଦାବିରେ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ୍‌ର ମିଳିତ ମଞ୍ଚ ପକ୍ଷରୁ ଆସନ୍ତା କାଲି ଆନ୍ଦୋଳନ କରାଯାଉଛି। ଏହି ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ଆଜି କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ମିଳିତ ଶୋଭାଯାତ୍ରା ଅନୁଗୋଳ ବଜାର ପରିକ୍ରମା କରିଥିଲା।




ଏହି ଶୋଭାଯାତ୍ରାରେ ଆଇଏନ୍‌ଟିୟୁସିର ଶ୍ରମିକ ନେତା ବିମ୍ବାଧର ସାମଲ, ସିଆଇଟିୟୁ ରାଜ୍ୟ ଉପସଭାପତି ତଥା ଜିଲ୍ଲା ସାଧାରଣ ସମ୍ପାଦକ ଡକ୍ଟର ଉପେନ୍ଦ୍ର କୁମାର ଶର୍ମା, ପ୍ରଶାନ୍ତ କିଶୋର ବରାଳ, ରଞ୍ଜନ କୁମାର ନନ୍ଦ, ସତ୍ୟରଞ୍ଜନ ତ୍ରିପାଠୀ, ସାଗର ସଂଗ୍ରାମ ମହାପାତ୍ର, କ୍ରିଷ୍ଣା ଚାଉଡା, ମନୋଜ ଆଚାର୍ଯ୍ୟ, ପ୍ରହଲ୍ଲାଦ ରଥ, ଏଚ୍‌ଏମ୍‌ଏସ୍ ଜିଲ୍ଲା ନେତା ପବିତ୍ର କୁମାର ବିଶ୍ୱାଳ, ଏଆଇୟୁଟିୟୁସି. ରାଜ୍ୟ ଉପସଭାପତି ଭିକାରୀ ପ୍ରଧାନ, ଜିଲ୍ଲା ସଭାପତି ପ୍ରହଲ୍ଲାଦ ଚନ୍ଦ୍ର ସାହୁ, ସମ୍ପାଦକ ବ୍ରଜବନ୍ଧୁ ସାହୁ, ସୁକାନ୍ତ ସାହୁ, ଏଆଇସିସିଟିୟୁ ଜିଲ୍ଲା ସଂଗଠକ ତପନ କୁମାର ମହାନ୍ତି, ଏଆଇକେକେଏମ୍‌ଏସ୍ ଜିଲ୍ଲା ସଭାପତି ସୁବାସ ପ୍ରଧାନ, ଉପସଭାପତି ନବକିଶୋର ପ୍ରଧାନ, କୁମର ସାହୁ, ଗୋକୁଳାନନ୍ଦ ସାହୁ, ଏଆଇଡିୱାଇଓ ଜିଲ୍ଲା ସଭାପତି ନିରଞ୍ଜନ ନାୟକ, ସଂଗଠକ ଦୁଃଖବନ୍ଧୁ ବେହେରା, ସଂଗ୍ରାମ ସାହୁ, ଏଆଇଡିଏସ୍‌ଓ ଜିଲ୍ଲା ସମ୍ପାଦକ ନାରାୟଣ ନାୟକ ପ୍ରମୁଖ ସାମିଲ ରହି ବନ୍ଦକୁ ସଫଳ କରିବା ପାଇଁ ନିବେଦନ କରିଥିଲେ।

## ରାହୁଲଙ୍କ ଓଡ଼ିଶା ଗସ୍ତ ନେଇ କଂଗ୍ରେସର ପ୍ରସ୍ତୁତି

ଅନୁଗୋଳ, ୮।୭ (ସମିସ): ଆସନ୍ତା ୧୧ ତାରିଖରେ ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ନେଇ କଂଗ୍ରେସର ପ୍ରସ୍ତୁତି ଆରମ୍ଭ ହୋଇଛି। ଏ ନେଇ କଂଗ୍ରେସ ସଭାପତି ଅମ୍ବିକା ପ୍ରସାଦ ଭଟ୍ଟଙ୍କ ସଭାପତିତ୍ୱରେ ଏକ ବୈଠକ କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସାମାଜିକ ଗଣମାଧ୍ୟମ ପ୍ରଭାରୀ ଅମିୟ ପାଣ୍ଡବ ମୁଖ୍ୟ ଅତିଥି ରୂପେ ଯୋଗଦେଇ ରାହୁଲଙ୍କ ଗସ୍ତ ରାଜ୍ୟରେ ଏକ ପରିବର୍ତ୍ତନର ସ୍ପର୍ଶ ଦେବ ବୋଲି କହିଥିଲେ। ବିଜେପି ଶାସନରେ ରାଜ୍ୟ ସମେତ ଅନୁଗୋଳ ଜିଲ୍ଲାରେ ମହିଳାଙ୍କ ଉପରେ ଅତ୍ୟାଚାର, ଅସଦାଚରଣ, ଦୁର୍ନୀତି, ଅପରାଧ ଯେଭଳି ବଢ଼ିଛି ତାର ଦୃଢ଼ ନିନ୍ଦା କରାଯାଇଥିଲା। ବୈଠକରେ ତାଳଚେର କଂଗ୍ରେସ ନେତା ପ୍ରଫୁଲ୍ଲ ଦାସ, ମିଡିଆ ପ୍ରଭାରୀ ଗୋପାଳ ନାଥଙ୍କ ସମେତ ରାଜ୍ୟ ଆଇଏନ୍‌ଟିୟୁସିର ଯୁବ ଶାଖା ସଭାପତି ପ୍ରକାଶ ବେହେରା ଉପସ୍ଥିତ ଥିଲେ।

## ନବ ନିର୍ବାଚିତ ବିଜେପି ରାଜ୍ୟ ସଭାପତିଙ୍କୁ ଶୁଭେଚ୍ଛା

ଢେଙ୍କାନାଳ, ୮।୭ (ସମିସ) ଭାରତୀୟ ଜନତା ପାର୍ଟି ଓଡ଼ିଶା ପ୍ରଦେଶର ନବ ନିର୍ବାଚିତ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଢେଙ୍କାନାଳ ଜିଲ୍ଲା ବିଜେପି ତରଫରୁ ବରିଷ୍ଠ ନେତା ତଥା ସାଂସଦ ରୁଦ୍ର ନାରାୟଣ ପାଣି, ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲ୍ଲା ସଭାପତି ରାସ ବିହାରୀ ବେହେରା, ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପ୍ରେମାନନ୍ଦ ଜେନା, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ଜିଲ୍ଲା ମିଡିଆ ପ୍ରଭାରୀ ନବ କିଶୋର ଗୁରୁ, ପୂର୍ବତନ ନଗରପାଳ ସୁନିଲ୍ ଶର୍ମା, ଜିଲ୍ଲା ଉପସଭାପତି ପବିତ୍ର କୁମାର ବିଶ୍ୱାଳ, ବିଷ୍ଣୁ ପ୍ରସାଦ ଲେଙ୍କା, ମାତୃ ପ୍ରସାଦ ନନ୍ଦ, ଶିବପ୍ରସାଦ ସାହୁ, ସନାତନ ବେହେରା, ଇତିଶ୍ରୀ ସାହୁ, ଭାରତୀ ସ୍ୱାଇଁ, ଜିଲ୍ଲା ସାଧାରଣ ସମ୍ପାଦକ ରତିକାନ୍ତ ସାହୁ, ଜିଲ୍ଲା ଯୁବ ମୋର୍ଚ୍ଚା ମହାଦୀପ ଯଶୋବନ୍ତ ମହିମା, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ସ୍ୱାଇଁ, ଜିଲ୍ଲା ବୁଦ୍ଧିଜୀବ ସେଲ୍‌ଫ ଆବାହକ ପ୍ରମୋଦ ନନ୍ଦ, ବରିଷ୍ଠ ନେତା ହର୍ଷବର୍ଦ୍ଧନ ସିଂ, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ପୂର୍ବତନ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ କୁମାର ମହାନ୍ତି, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ପ୍ରଶାନ୍ତ ପ୍ରଧାନ, ଜିଲ୍ଲା କୃଷକ ମୋର୍ଚ୍ଚା ସହଦେବ ପୃଷ୍ଟି, ଜିଲ୍ଲା ଅନୁସୂଚିତ ଜାତି ସଭାପତି ଲକ୍ଷ୍ମୀଧର ଦଳେଇ ପ୍ରମୁଖ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## କୁଜଙ୍ଗରେ ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

କୁଜଙ୍ଗ, ୮।୭ (ସମିସ): ରାଜ୍ୟ ଡ୍ରାଇଭର ମହାସଂଘର କୁଜଙ୍ଗ ଶାଖା ଡ୍ରାଇଭର ୭ ଦଫା ଦାବି ନେଇ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରୁଛନ୍ତି। ଯାତ୍ରୀବାହୀ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିବାବେଳେ ଭାରୀଯାନ ଟ୍ରକ, ମିନି ଟ୍ରକ, ଜିପ ଆଦି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏହି ଆନ୍ଦୋଳନରେ ସଂଘର କୁଜଙ୍ଗ ଶାଖା ସଭାପତି ସନ୍ତୋଷ ସାହୁ, ଉପସଭାପତି ବିଜୟ ମହାପାତ୍ର, ସମ୍ପାଦକ ମଳୟ ସୂତାର, କୋଷାଧ୍ୟକ୍ଷ ଅରୁଣ ବାରିକ, ଉପଦେଷ୍ଟା ନାସିର ଖାନ୍, ବରିଷ୍ଠ ସଦସ୍ୟ ରମେଶ ମହାନ୍ତି, ଚନ୍ଦ୍ରକାନ୍ତ ଦାସ, ବିରଞ୍ଚି ସାହୁ, ମଣ୍ଟୁ ମହାପାତ୍ର, ତୃପ୍ତିରଞ୍ଜନ ମଲ୍ଲିକ, ସୋମେନ୍ଦ୍ର ସାମଲ, ରଞ୍ଜିତ ସ୍ୱାଇଁ, ଲିଟୁ ନନ୍ଦ, ଚିନ୍ମୟ ସ୍ୱାଇଁ, ଚନ୍ଦନ ସାମଲ, ପ୍ରମୋଦ ମହାନ୍ତି, ଦିଲ୍ଲୀପ ବେହେରା, ପ୍ରଦୀପ ଖଟୁଆ, ସତ୍ୟଶିବ ପ୍ରଧାନ, ବିଜୟ ସେଠୀ, କୁମରବର ପ୍ରଧାନ, ଶୁଭେନ୍ଦୁ ମଲ୍ଲ, ଅରୁଣ ରାଉତ, ଜ୍ଞାନରଞ୍ଜନ ଗୁରୁ, ଶଶୀକାନ୍ତ ବିଶ୍ୱାଳ, ରତନ ସାହାଣୀ ପ୍ରମୁଖ ସାମିଲ ହୋଇଛନ୍ତି।

# ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

## ■ ରାସ୍ତାଘାଟ ଶୂନଶାନ୍, ଯାତ୍ରୀ ହୀନସ୍ତା





ତାଳଚେରସଦର, ୮।୭ (ସମିସ)


ପୂର୍ବନିଷ୍ପତିକ୍ରମେ ଓଡ଼ିଶା ଡ୍ରାଇଭରସଂଘ ପକ୍ଷରୁ ଷ୍ଟେରିଙ୍ଗ ଛା? ଆନ୍ଦୋଳନ ?।କରା ଦେଇଥିବାରୁ ଆଜି ତାଳଚେର ଅଞ୍ଚଳରେ ଯାତ୍ରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା। ଓଡିଶା ଡ୍ରାଇଭର ସଂଘ ପକ୍ଷରୁ ୭ଦଫା ଦାବିନେଇ ବିଗତବର୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ ସେମାନଙ୍କର ଏପର୍ଯ୍ୟନ୍ତ କୌଣସି ସମାଧାନର ବାଟ ଖୋଲିଲା ନାହିଁ ବୋଲି ଆଜି ଏହି ଆନ୍ଦୋଳନ ସା।ମିଲ ଡ୍ରାଇଭରମାନେ ଏହା ପ୍ରକାଶ କରିଛନ୍ତି। ତାଙ୍କ କହିବା କଥା ହେଲା ଯେ, ନିଜର ପରିବାର ଓ ମୋହମାୟା ସଂସାରକୁ ଛା? ରାସ୍ତା ଉପରେ ନିଜର ଜୀବନକୁ ବାଜି ଲଗାଇ ସର୍ବସାଧାରଣଙ୍କୁ ସବୁପ୍ରକାର ସୁବିଧା ଯୋଗାଇ ଦେଇ ଆସୁଛନ୍ତି ଏବଂ ନା ଖରା ନା ବର୍ଷା ଦିନରାତି ସମାନ କରି ସେବା ଯୋଗାଇ ଦେଇଥାନ୍ତି। ମାତ୍ର ସରକାରଙ୍କୁ ପୂର୍ବରୁ ଯେଉଁ ୭ଦଫା ଦାବି ଜଣାଇ ଆସଥିଲେ ମଧ୍ୟ ସରକାର ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟକାରୀ କଲେ ନାହିଁ। ତେଣୁ ଓ?ଶା ?୍ରାଇଭର ମହାସଂଘର ନିଷ୍ପତିକୁ ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ହୋଇଛୁ ବୋଲି ତାଳଚେର ?୍ରାଇଭରମାନେ ଏହା ପ୍ରକାଶ କରିଛନ୍ତି। ଆନ୍ଦୋଳନ ଯୋଗୁଁ ଆଜି ତାଳଚର ଅଞ୍ଚଳର ରାଜପଥ ଗୁ?ିକରେ କାଁ ଭାଁ କେତୋଟି ଭାରୀଯାନ ଚଳପ୍ରଚଳ କରୁଥିବା ବେଳେ ପ୍ରାୟ ଯାତ୍ରୀବାହୀ ବସ୍ ଓ ଛୋଟମୋଟ ଗା? ମଧ୍ୟ ଦେଖିବାକୁ ମିଳିନଥିଲା।

**କଣିହାଁ:** କଣିହାଁ ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ଏନ୍‌ଟିପିସିର ଏମ୍‌ଜିଆରଠାରେ ଆନ୍ଦୋଳନ କରାଯାଇଛି। ଧାରଣାସ୍ଥଳରେ ଅନୁଗୋଳ ଜିଲ୍ଲା ଡ୍ରାଇଭର ମହାସଂଘର ସଭାପତି ଲକ୍ଷ୍ମୀଧର କବି, କଣିହାଁ ବ୍ଲକ ଡ୍ରାଇଭର ମହାସଂଘର ସଭାପତି ବିପିନି ବିହାରୀ ପ୍ରଧାନ, ଉପସଭାପତି ହୃଷୀକେଶ ସାହୁ, ସମ୍ପାଦକ ଧୀରେନ୍ଦ୍ର ବିଶ୍ୱାଳ, ସହସମ୍ପାଦକ ବିଷ୍ଣୁ ଚରଣ ବିଳାସ, କୋଷାଧ୍ୟକ୍ଷ କ୍ଷେତ୍ରବାସୀ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଆନ୍ଦୋଳନ ଯୋଗୁଁ କଣିହାଁ ବ୍ଲକରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଆନ୍ଦୋଳନ ଯୋଗୁଁ ଯାତ୍ରୀ, ଛାତ୍ରଛାତ୍ରୀଙ୍କ ଯାତାୟାତ ବନ୍ଦ ରହିଥିଲା।

# ୭୦ ୟୁନିଟ୍ ରକ୍ତ ସଂଗୃହୀତ

ଢେଙ୍କାନାଳ, ୮।୭ (ସମିସ) ସ୍ଥାନୀୟ ଅଗ୍ରଣୀ ସ୍ୱେଚ୍ଛାସେବୀ ଓ ସାଂସ୍କୃତିକ ଅନୁଷ୍ଠାନ ସୂର୍ଯ୍ୟାଲୋକ ଫାଉଣ୍ଡେସନ ଓ ଛାୟା ଟ୍ରେଡର୍ସ ମିଳିତ ଆନୁକୂଲ୍ୟରେ 'ରକ୍ତଦାନ ଆପଣାଅ, ସଭିଁଙ୍କ ଜୀବନ ବଞ୍ଚାଅ'କୁ ଆପଣାଇ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓଡାପଡ଼ା ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଶିବିରରେ ୭୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଭାତ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ କୁସୁପଙ୍ଗା ଗ୍ରାମପଞ୍ଚାୟତ ସରପଞ୍ଚ ଅନିତା ନାୟକ, କଣ୍ଟାବଣିଆଁ ଭାରପ୍ରାପ୍ତ ଅଧିକାରୀ ତୁଳସୀ ଭୂୟାଁ ଓ ଉପ ନିରୀକ୍ଷକ ଏନ୍. ଖାନ୍, ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ମୁଖ୍ୟ ସୌରଭ କୁମାର, ଧର୍ମାନନ୍ଦ ସେନାପତି, ପର୍ବତ ଆରୋହିଣୀ ବିଭାରାଣୀ ପାତ୍ର ଯୋଗ ଦେଇଥିବାବେଳେ ସୂର୍ଯ୍ୟାଲୋକ ଫାଉଣ୍ଡେସନର ଅଧ୍ୟକ୍ଷ ଦୀପକ କୁମାର ମିଶ୍ର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ସ୍ମିତା ପ୍ରିୟଦର୍ଶିନୀ ଷଡଙ୍ଗୀ ଓ ନିର୍ଦ୍ଦେଶିକା ଶୁଭଦର୍ଶିନୀ ପରିଡ଼ା ଏବଂ ଛାୟା ଟ୍ରେଡର୍ସର ମୁଖ୍ୟ ଚିତ୍ତରଞ୍ଜନ ନାଥ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ଦୀପ୍ତିରଞ୍ଜନ ନାଥ, ରାଜେଶ ପଣ୍ଡା, ଅକ୍ଷୟ ନାୟକ, ନିଶିକାନ୍ତ ମାଝୀ, ଅନିଲ ଦାସ, ବିଜୟ ବରାଳ, ପ୍ରମୋଦ କୁମାର ନାୟକ ଓ ମାନସ ନାୟକ ପ୍ରମୁଖ ସହଯୋଗ କରିଥିଲେ। ରକ୍ତ ଭଣ୍ଡାର ତରଫରୁ ଡା. ସ୍ୱରୂପ ରଞ୍ଜନ ସାହୁ, ବିନୋଦିନୀ ଯୋଗାଣିଆ, କାର୍ତ୍ତିକ ପଣ୍ଡା, ଆଟେଣ୍ଡାଣ୍ଟ ତପନ୍ ଜେନା ଓ ବାହାନ ଚାଳକ ଅଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ।





ଗଣତନ୍ତ୍ରରୁ ହିଁ ସ୍ୱାଭାବିକ ଭାବରେ ଏକଛତ୍ରବାଦୀ ଶାସନ ସୃଷ୍ଟି ହୁଏ । ସେହିପରି ମାତ୍ରାଧିକ ସ୍ୱାଧୀନତାରୁ ହିଁ ଦାସତ୍ୱ ଓ ଅତ୍ୟାଚାର ଜନ୍ମ ନିଏ ।
-ପ୍ଲାଟୋ

ସକାଳ
THE SAKALA

# ସାର ସଙ୍କଟ

ଚଳିତ ବର୍ଷ ଆଗୁଆ ମୌସୁମୀ ଆସିବା ସହିତ ସାରାଦେଶରେ ବେଉଷଣ ଓ ରୁଆ କାମ ପ୍ରାୟତଃ ସରିଯାଇଛି । ଓଡ଼ିଶା ସମେତ ଆମ ଦେଶର ଚାଷୀମାନଙ୍କର ମୁଖ୍ୟ ସମସ୍ୟା ହେଲା ଜଳସେଚନ, ବିହନ ଓ ସାର । ସୌଭାଗ୍ୟବଶତଃ ଏଥର ବିହନ ସମସ୍ୟା ପ୍ରାୟତଃ ନାହିଁ । ମନୁଆ ମୌସୁମୀ ଯଦି ତା'ର ମତିଗତି ଅନୁକୂଳ ରଖିଲା ତେବେ ଜଳସେଚଦନ ସମସ୍ୟା ମଧ୍ୟ ସେତେ ଉତ୍କଟ ହେବ ନାହିଁ । ତେବେ ଏ ପର୍ଯ୍ୟନ୍ତ ସାର ସମସ୍ୟାର ସମାଧାନ ହୋଇପାରିନାହିଁ । ଓଡ଼ିଶା ଚାଷୀମାନଙ୍କ ଏ ସମସ୍ୟା ଏବର୍ଷ ଶୀଘ୍ର ଦୂର ହୋଇଥିବା ବେଳେ ଅନ୍ୟାନ୍ୟ କୃଷିପ୍ରଧାନ ରାଜ୍ୟରେ ବଢ଼ିବାରେ ଲାଗିଛି ।

ଭାରତୀୟ କୃଷିରେ ଡିଏପି ଓ ୟୁରିଆର ଚାହିଦା ଅଧିକ । ଠିକ୍ ସମୟରେ ଏହି ଦୁଇ ସାର ନ ମିଳିଲେ ସ୍ୱାଭାବିକ ମୌସୁମୀର ଲାଭ ଚାଷୀକୁଳ ପାଇପାରିବେ ନାହିଁ । କୃଷିଋଣ ମଧ୍ୟ ପାଇବାରେ ଚାଷୀ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ଅଥଚ ହରିଆଣା, ପଞ୍ଜାବ, ବିହାର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଆଦି ରାଜ୍ୟର ଚାଷୀମାନେ ସାର ପାଇଁ ରାତି ଅଧରୁ ଲମ୍ବା ଧାଡ଼ିରେ ଠିଆ ହେଉଥିଲେ ମଧ୍ୟ ଖାଲି ହାତରେ ଫେରୁଥିବା ଦେଖିବାକୁ ମିଳୁଛି । କେତେକ ସ୍ଥାନରେ ପୁଲିସ୍ ଉପସ୍ଥିତିରେ ସାର ବିତରଣ ହେଉଛି । ଆଉ କେତେକ ରାଜ୍ୟରେ ସାରର କଳାବଜାରୀ ଓ ବର୍ଦ୍ଧିତ ମୂଲ୍ୟରେ ବିକ୍ରି ହେଉଥିବା ଅଭିଯୋଗମାନ ଆସିଛି । କେତେକ ସ୍ଥାନରେ ପରିସ୍ଥିତିର ଫାଇଦା ଉଠାଇ ଅସାଧୁ ବ୍ୟବସାୟୀମାନେ ୟୁରିଆ ସହିତ ଅନ୍ୟ କେତେକ ଉତ୍ପାଦ ବାଧ୍ୟତାମୂଳକ ଭାବେ ବିକ୍ରି କରୁଥିବା ଦେଖାଯାଉଛି । ଡିଏପିର ଅଭାବରେ କାମ ଚଳିବା ପାଇଁ ସିଙ୍ଗଲ ସୁପରଫସଫେଟ୍ ବ୍ୟବହାର କରିବାକୁ କୃଷି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି । କିନ୍ତୁ ଏହା ଫଳରେ ଚାଷୀଙ୍କ ଉତ୍ପାଦନ ଖର୍ଚ୍ଚ ବହୁଗୁଣା ବୃଦ୍ଧି ପାଇବାକୁ ଥିବାରୁ ଚାଷୀମାନେ ଅମଙ୍ଗ ହେଉଛନ୍ତି । ଏଭଳି ପରିସ୍ଥିତିରେ ସାର ସଙ୍କଟର ଶୀଘ୍ର ସମାଧାନ ନ ହେଲେ ଦେଶର ବିଶାଳ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମ ପ୍ରଭାବିତ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି ।

ସବୁଜ ବିପ୍ଳବ ପ୍ରଭାବରେ ଆମ ଦେଶର ଚାଷୀ ଓ ଚାଷର ସଙ୍କରଜାତୀୟ ବିହନ ଓ ସାର ଉପରେ ନିର୍ଭରଶୀଳତା କ୍ରମଶଃ ବଢ଼ିବାରେ ଲାଗିଛି । ବିଡ଼ମ୍ବନା ହେଉଛି ସବୁଜ ବିପ୍ଳବ ପରେ ଭାରତ ଖାଦ୍ୟ ଶସ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ ଏବଂ କେତେକ ଶସ୍ୟରେ ବଳକା ଦେଶ ହେବାର ରେକର୍ଡ ସୃଷ୍ଟି କରିଥିଲେ ମଧ୍ୟ ସାର ପାଇଁ ଏ ପର୍ଯ୍ୟନ୍ତ ଆମଦାନୀ ଉପରେ ହିଁ ନିର୍ଭର କରିବାକୁ ପଡୁଛି । ଭାରତ ଏବେ ୟୁରିଆ ଚାହିଦାର ୨୦%, ଡିଏପିର ୬୦% ଓ ଏମ୍‌ଓପିର ୧୦୦% ଆମଦାନୀ କରୁଛି । ତେଣୁ ବିଶ୍ୱ ଭୂରାଜନୈତିକ ସ୍ତରରେ ଅସ୍ଥିରତା ସୃଷ୍ଟି ହେଲେ ତାହାର ସିଧାସଳଖ ପ୍ରଭାବ ଭାରତୀୟ କୃଷି ଉପରେ ପଡୁଛି । ଉଦାହରଣ ସ୍ୱରୂପ ଡିଏପି ପାଇଁ ଭାରତୀୟ କୃଷି ମୁଖ୍ୟତଃ ଚୀନ୍ ଉପରେ ନିର୍ଭରଶୀଳ । ଚୀନ୍‌ରୁ ଭାରତ ବାର୍ଷିକ ହାରାହାରି ୨୨ ଲକ୍ଷ ୯୦ ହଜାର ଟନ୍ ଡିଏପି ଆମଦାନୀ କରୁଛି । କିନ୍ତୁ ଇଲେକ୍ଟ୍ରୋନିକ୍ ଯାନରେ ବ୍ୟବହୃତ ବ୍ୟାଟେରି ଉତ୍ପାଦନ ପାଇଁ ଡିଏପିର ଘରୋଇ ଚାହିଦା ବୃଦ୍ଧି ପାଉଥିବାରୁ ଚୀନ୍ ଇତିମଧ୍ୟରେ ଡିଏପି ରପ୍ତାନୀ କାଣ୍ଟଛାଣ୍ଟ କରିଛି । ତେଣୁ ଭାରତ ବାଧ୍ୟ ହୋଇ ମଧ୍ୟପ୍ରାଚ୍ୟ ଆଡ଼କୁ ମୁହାଁଇଛି । ସେଠାରେ ମଧ୍ୟ ଅସ୍ଥିରତା ଯୋଗୁଁ ପଣ୍ୟବାହୀ ଜାହାଜମାନ ଲୋହିତ ସାଗର ପରିବର୍ତ୍ତେ 'କେପ୍ ଅଫ୍ ଗୁଡ୍ ହୋପ୍' ଦେଇ ଆସୁଥିବାରୁ ପରିବହନ ଖର୍ଚ୍ଚ ବୃଦ୍ଧି ପାଉଛି ଏବଂ ସାର ପହଞ୍ଚିବାରେ ବିଳମ୍ବ ହେଉଛି । ଏହିସବୁ କାରଣ ସହିତ କଳାବଜାରୀ ମିଶି ଯିବାରୁ ଦେଶରେ ସାର ସଙ୍କଟ ଉତ୍କଟ ହେବାରେ ଲାଗିଛି । ଗତ ଜୁନ୍ ୧ ତାରିଖ ସୁଦ୍ଧା ଭାରତରେ ମୋଟ ଡିଏପି ମହଜୁଦ ପରିମାଣ ୯ ଲକ୍ଷ ଟନ୍ ଥିଲା, ଯାହା ପୂର୍ବବର୍ଷର ଏହି ସମୟ ତୁଳନାରେ ୪୨% କମ୍ । ଭାରତୀୟ କୃଷି ପାଇଁ ଆଶ୍ୱସ୍ତିର କଥା ଯେ ଇସ୍ରାଏଲ୍-ଇରାନ୍ ଯୁଦ୍ଧରେ ମାତ୍ର ୧୨ ଦିନ ପରେ ବିରାମ ଲାଗିଲା । ଯୁଦ୍ଧ ଅଧିକ ଦିନ ଲାଗି ରହିଥିଲେ ଅଶୋଧିତ ତୈଳ ତୁଳନାରେ ଭାରତର ସାର ସଙ୍କଟ ଅଧିକ ଉତ୍କଟ ହୋଇଥା'ନ୍ତା ଏବଂ ଡିଏପି ଓ ୟୁରିଆ ଆମଦାନୀ ୨୫% ପର୍ଯ୍ୟନ୍ତ ହ୍ରାସ ପାଇଥା'ନ୍ତା ।

ସାର ସଙ୍କଟ ସମାଧାନ ଦିଗରେ ସରକାର ମଧ୍ୟ ନିରୂପାୟ । ରାସାୟନିକ ସାର ଯୋଗାଣ ପାଇଁ ସମସ୍ତ ରାଜ୍ୟ କେନ୍ଦ୍ର ସରକାରଙ୍କ ଉପରେ ନିର୍ଭରଶୀଳ । ଏଥିପାଇଁ ସାର ଓ ରସାୟନ ମନ୍ତ୍ରଣାଳୟ ପକ୍ଷରୁ ପ୍ରତ୍ୟେକ ରାଜ୍ୟ ନିମନ୍ତେ ମାସିକ କୋଟାର ବ୍ୟବସ୍ଥା କରାଯାଇଛି । ଆମଦାନୀ ପରେ ଭାରତ ସରକାର ଚାହିଦା ଓ କୋଟା ଭିତ୍ତିରେ ରାଜ୍ୟମାନଙ୍କୁ ସାର ଯୋଗାଇ ଦେଇ ଆସୁଛନ୍ତି । ଇଫ୍‌କୋ, ଆରସିଏଫ୍ ଓ ଏନ୍‌ଏଫ୍‌ଏଲ୍ ପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗମାନେ ଯେତିକି ସାର ମହଜୁଦ ରଖୁଛନ୍ତି ତାହା କେବଳ ୩୦ରୁ ୪୦ ଦିନର ଚାହିଦା ପୂରଣ କରିବାରେ ସକ୍ଷମ । ଯଦି ବିଶ୍ୱସ୍ତରରେ ଅଧିକ ଦିନ ଅସ୍ଥିରତା ଦେଖାଦିଏ ତେବେ ଭାରତର କୃଷି ଉତ୍ପାଦନ ଗୁରୁତର ବ୍ୟାହତ ହେବ ।

ଏଭଳି ସମ୍ବେଦନଶୀଳ ସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ଯଥାଶୀଘ୍ର ସାର ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ । ଏ ଦିଗରେ ପ୍ରମୁଖ ପ୍ରତିବନ୍ଧକ ହେଉଛି କଞ୍ଚାମାଲ । କଞ୍ଚାମାଲ୍ ଆମଦାନୀ ସୁଗମ ଓ ସୁଲଭ କରିବା ପାଇଁ ଭାରତ କୂଟନୈତିକ-ବାଣିଜ୍ୟିକ-ରଣନୀତିରେ ଆବଶ୍ୟକ ପରିବର୍ତ୍ତନ କରିବାକୁ ହେବ । ଏହାଛଡ଼ା ଭାରତରେ ସାର ଉତ୍ପାଦନ ଶିଳ୍ପର ଯନ୍ତ୍ରାଂଶଗୁଡ଼ିକ ପୁରୁଣାକାଳିଆ ଏବଂ ଅଧିକ ଶକ୍ତି ଆହରଣକାରୀ । ଏହାକୁ ଆମୂଳଚୂଳ ପରିବର୍ତ୍ତନ ନ କରିବା ପର୍ଯ୍ୟନ୍ତ ଘରୋଇ ସାର ଉତ୍ପାଦନ ଆମଦାନୀ ତୁଳନାରେ ମହଙ୍ଗା ପଡ଼ିବ । ତେଣୁ ଏ ଦିଗରେ ଦୀର୍ଘମିଆଦୀ ପୁଞ୍ଜିନିବେଶ ପାଇଁ ସରକାର ଯୋଜନା କରିବାକୁ ହେବ । ଏହାଛଡ଼ା ବିତରଣ ବ୍ୟବସ୍ଥାରେ ମଧ୍ୟ ଉନ୍ନତି ଆଣିବାକୁ ପଡ଼ିବ । ଏବେ ୟୁରିଆ ସାର ଉପରେ ସରକାର ସମ୍ପୂର୍ଣ୍ଣ ରିହାତି ଦେଉଥିବାରୁ ଏହାର କଳାବଜାରୀ ଅଧିକ ହେଉଥିବା ଅଭିଯୋଗ ଆସୁଛି । ଡିଏପି ଓ ଏମ୍‌ଓପିରେ ଚାଷୀ ପାଉଥିବା ଆଂଶିକ ରିହାତି ବଜାରଭିତ୍ତିକ । ଅର୍ଥାତ୍ ବିଶ୍ୱ ବଜାରରେ ମୂଲ୍ୟ ବୃଦ୍ଧି ପାଇଲେ ଚାଷୀ ମଧ୍ୟ ଅଧିକ ଦାମରେ କିଣିବାକୁ ବାଧ୍ୟ, ଠିକ୍ ରୋଷେଇ ଗ୍ୟାସ୍ କିଣିବା ପରି । ବିଶେଷକରି ସାର ଏଭଳି ଏକ ପ୍ରସଙ୍ଗ, ଯାହା କୋଟିକୋଟି ଲୋକଙ୍କ ଜୀବନ ଜୀବିକା ସହିତ ଜଡ଼ିତ । ତେଣୁ ସାର ରିହାତି ବାବଦ ବୋଝ ବୃଦ୍ଧି ପାଉଥିଲେ ମଧ୍ୟ ସରକାର ଏ ଦିଗରେ ବିଶେଷକିଛି କରିବା ଅବସ୍ଥାରେ ନାହାନ୍ତି; ଅଥଚ କୃଷି-ଶିଳ୍ପ ସଂସ୍ଥାମାନେ ଏଥିରୁ ଭରପୂର ଫାଇଦା ଉଠାଉଛନ୍ତି ।

ଏବେ ସମୟ ଆସିଛି କେନ୍ଦ୍ର ସରକାର ସାରକୁ ଜାତୀୟ ଅତ୍ୟାବଶ୍ୟକ ନୀତିରେ ସାମିଲ୍ କରିବା ଦିଗରେ ଅଧିକ ବିଚାରବିମର୍ଶ ଲାଗି ପଥ ଉନ୍ମୋଚନ କରିବା ଆବଶ୍ୟକ । ଓଡ଼ିଶା ସରକାର ଭଳି ସାରକୁ ଅନ୍ୟ ରାଜ୍ୟ ସରକାରମାନେ ଅତ୍ୟାବଶ୍ୟକ ସାମଗ୍ରୀ ବର୍ଗରେ ତାଲିକାଭୁକ୍ତ କଲେ ବେଆଇନ ମହଜୁଦ, କୃତ୍ରିମ ଅଭାବ ଏବଂ କଳାବଜାରୀ ଆଇନତଃ ଦଣ୍ଡନୀୟ ହୋଇପାରିବ ଏବଂ ଚାଷୀଙ୍କ ସାର କଷଣ କେତେକାଂଶରେ ଦୂର ହୋଇପାରିବ ।

# ଡାହାଣୀ ହତ୍ୟା: ଏକ ସାମାଜିକ ମହାମାରୀ!

**ଡକ୍ଟର ଅବଶ ପରିଡ଼ା**

ଆମ ଦେଶରେ ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହରେ ହତ୍ୟା ଏକ ସାମାଜିକ ସମସ୍ୟା । ପ୍ରାୟ ତିନିଶହ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ଏହି ସମସ୍ୟା ଆଜିର କୃତ୍ରିମ ବୁଦ୍ଧିମତ୍ତା ଓ ଅନ୍ତରୀକ୍ଷ ବିଜ୍ଞାନ ଯୁଗରେ ମଧ୍ୟ ଲାଗି ରହିଛି । ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ପରେ ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହ ହତ୍ୟା ଘଟଣାରେ ଓଡ଼ିଶାର ସ୍ଥାନ ଜାତୀୟସ୍ତରରେ ଦ୍ୱିତୀୟ । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ଦ୍ୱାରା ପ୍ରଦତ୍ତ ତଥ୍ୟରେ ଉଲ୍ଲେଖ ଅଛି ଯେ ଗତ ଦଶନ୍ଧିରେ ଓଡ଼ିଶାରେ ଡାହାଣୀ ସନ୍ଦେହରେ ନିର୍ଯାତିତ ଏବଂ ପ୍ରଭାବିତ ସଂଖ୍ୟା ତିନି ହଜାରରୁ ଅଧିକ । ସେଥିମଧ୍ୟରୁ ସତୁରିରୁ ଅଧିକ ଜଣଙ୍କୁ ଡାହାଣୀ ଓ ଗୁଣିଗାରେଡ଼ି ସନ୍ଦେହରେ ନିର୍ମମ ହତ୍ୟା କରାଯାଇଥିଲା । କିନ୍ତୁ ପରିସଂଖ୍ୟାନ ସରକାରଙ୍କ ପ୍ରଦତ୍ତ ତଥ୍ୟ ଠାରୁ ଢେର୍ ଅଧିକ ବୋଲି କିଛି ନାଗରିକ ସମାଜ ଦାବି କରନ୍ତି । ସେହିପରି କିଛି ହେତୁବାଦୀ ସଂଗଠନ ଦୃଢ଼ୋକ୍ତି କରନ୍ତି ଯେ ପ୍ରତିବର୍ଷ ଓଡ଼ିଶାରେ ୭୫ରୁ ଅଧିକ ଲୋକଙ୍କୁ ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହରେ ହତ୍ୟା କରାଯାଉଛି ।

ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ରାୟଗଡ଼ା, ମାଲକାନଗିରି, ଗଜପତି ଓ ନୂଆପଡ଼ା ଜିଲ୍ଲାରେ ହେଉଥିବା ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହ ହତ୍ୟା ମାମଲା ସମଗ୍ର ଓଡ଼ିଶାରେ ହେଉଥିବା ଘଟଣାର ଶତକଡ଼ା ୮୩ ଭାଗ । ଏବେ କିଛି ବର୍ଷ ହେଲାଣି ଗଞ୍ଜାମ ଓ ବାଲେଶ୍ୱର ପରି ଦୁଇଟି ଉପକୂଳବର୍ତ୍ତୀ ଜିଲ୍ଲାରେ ମଧ୍ୟ ଏହି ଭଳି ହତ୍ୟାକାଣ୍ଡ ନିୟମିତ ବ୍ୟବଧାନରେ ଦେଖିବାକୁ ମିଳୁଛି । ଗୁଣିଗାରେଡ଼ିକୁ ନେଇ ଘଟୁଥିବା ସମସ୍ତ ହିଂସକ ଘଟଣାରେ ତିରିଶ ପ୍ରତିଶତ ହତ୍ୟାର ଶିକାର ହୁଅନ୍ତି ଏବଂ ବାକି ସତୁରି ଭାଗ ଲୋକ ନିଜ ବାସସ୍ଥାନ ବା ନିଜ ଗାଁ ଛାଡ଼ି ଦେଉଛନ୍ତି ବୋଲି ଓଡ଼ିଶା ମହିଳା ଆୟୋଗର ଏକ ରିପୋର୍ଟରେ ଉଲ୍ଲେଖ ଅଛି ।

ସମାଜବିଜ୍ଞାନର ଏକ ଅଧ୍ୟୟନ କୁହେ ଯେ ଡାଇନି, ଡାହାଣୀ ବା ଡାୟନ ଏକ ପୁରୁଣା ଲିଙ୍ଗ - ନିରପେକ୍ଷ ଶବ୍ଦ । ଯାହା କେବଳ ମହିଳା ନୁହେଁ ବରଂ ପୁରୁଷମାନଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ । ଏବେ ମଧ୍ୟ ଭାରତର ଅନେକ ସ୍ଥାନରେ ପୁରୁଷଙ୍କୁ ଡାହାଣୀ ରୂପେ ପରିଚୟ ଦିଆଯାଏ ଓ ହତ୍ୟା ମଧ୍ୟ କରାଯାଏ । ଭାରତର ପୁରୁଷ ଡାହାଣୀମାନେ 'ତୋହାନା' ନାମରେ ବେଶ୍ ପରିଚିତ । ଗୁଣିଗାରେଡ଼ି କିମ୍ବା ଡାହାଣୀର ନାମକରଣ, ଚୟନ ଓ ଦଣ୍ଡ ପ୍ରକ୍ରିୟା ତିନୋଟି ସୋପାନ ଦେଇ ଗତିକରେ । ପ୍ରଥମ, ନାମକରଣ ପ୍ରକ୍ରିୟାରେ ଗପସପ ମାଧ୍ୟମରେ କଳାଯାଦୁ କିମ୍ବା ଡାହାଣୀ ବିଦ୍ୟା ହେଉଥିବାର ଚର୍ଚ୍ଚା ଆରମ୍ଭ ହୁଏ । ସମ୍ପୃକ୍ତ ପୁରୁଷ କିମ୍ବା ମହିଳା ହେଉଛନ୍ତି ଭୟଙ୍କର, ବିନାଶକାରୀ ଓ ନକାରାତ୍ମକ ଶକ୍ତି ଏବଂ ସେମାନେ ଶିଶୁ ମୃତ୍ୟୁ, ହଇଜା, ମହାମାରୀ, କୂଅ ଓ ପୋଖରୀ ଶୁଖିଯିବା, ମରୁଡ଼ି କିମ୍ବା ଅପମୃତ୍ୟୁ ପାଇଁ ସିଧାସଳଖ ଦାୟୀ ବୋଲି ଧରି ନିଆଯାଏ । ଅନେକଯାଗାରେ ଦେଖା ଯାଇଛି ଯେ ପଡ଼ୋଶୀ(ଗାଁରେ ପଡ଼ୋଶୀ ସାଧାରଣତଃ କୁଟୁମ୍ବ), ଗାଁ ପୂଜକ ବା ଗୁଣିଆ, ଉଚ୍ଚ ଜାତି ଓ ସମ୍ପର୍କୀୟମାନେ ଏହି ନାମକରଣ କରନ୍ତି । ଏପରି କିଛି ଉଦାହରଣ ଅଛି ଯେଉଁଠି ସ୍ୱାଧୀନ, ସଶକ୍ତ ମହିଳା ଓ ଅନ୍ଧବିଶ୍ୱାସ ବିରୁଦ୍ଧରେ ଲଢୁଥିବା ସମାଜସେବୀଙ୍କୁ ନିୟନ୍ତ୍ରଣ କରିବା ପାଇଁ ମଧ୍ୟ ଡାହାଣୀ ନାମକରଣ କରଯାଇଛି ।

ଦ୍ୱିତୀୟ ପ୍ରକ୍ରିୟାଟି ହେଉଛି ଡାହାଣୀ ବା କଳା ଯାଦୁକରକୁ ଚୟନ କରିବା । ପ୍ରାୟତଃ ଏହି ଚୟନର ଦାୟିତ୍ୱ ଓ ପ୍ରକ୍ରିୟାକୁ ନିୟନ୍ତ୍ରଣ କରନ୍ତି ଗାଁ ପୂଜକ ଯେଉଁମାନେ ଗୁଣିଆ କିମ୍ବା ଭୋପା କିମ୍ବା ଓଝା ନାଁ ରେ ପରିଚିତ । ଭାରତରେ ଅନ୍ଧବିଶ୍ୱାସରେ ଭରପୂର ଅସଂଖ୍ୟ ଚିହ୍ନଟ ପ୍ରକ୍ରିୟା ଅଛି । ଏଠାରେ କିଛି ଲୋକପ୍ରିୟ ଡାହାଣୀ ଚୟନ ପ୍ରକ୍ରିୟା କଥା ଆଲୋଚନା କରିବା । ଓଡ଼ିଶା ଓ ଛତିଶଗଡ଼ର କିଛି ଆଦିବାସୀ ଅଞ୍ଚଳରେ ସନ୍ଦିଗ୍ଧ ଡାହାଣୀଙ୍କ ନାଁରେ ଓଝା ଏକ ପାଣିପାତ୍ରରେ ମସୁର ଡାଲିକୁ ପକାଏ । ଯଦି ଡାଲି ପାଣିରେ ବୁଡ଼ିଯାଏ ତେବେ ସମ୍ପୃକ୍ତ ବ୍ୟକ୍ତିକୁ ଡାହାଣୀ ଭାବେ ଚୟନ କରାଯାଏ । ସେହିପରି ଅନ୍ୟ କିଛି ଗୋଷ୍ଠୀରେ ଓଝାମାନେ କିଛି ଗଛର ପତ୍ରରେ ସନ୍ଦିଗ୍ଧ ନାମଗୁଡ଼ିକ ଲେଖନ୍ତି, ଯାହା ନାଁ ପତ୍ରରୁ ଲିଭିଯାଏ, ସେ ବ୍ୟକ୍ତିଙ୍କୁ ଡାହାଣୀ ଭାବେ ଚିହ୍ନଟ କରାଯାଏ ।

ତୃତୀୟ ବା ଶେଷ ପ୍ରକ୍ରିୟା ହେଉଛି ଦଣ୍ଡବିଧାନ । ଗୁଣିଗାରେଡ଼ି ସନ୍ଦେହ ଅଭିଯୁକ୍ତଙ୍କ ପାଇଁ ଚରମ ଦଣ୍ଡ ହେଉଛି ମୃତ୍ୟୁ । ଏହାର ମଧ୍ୟ ପ୍ରକାରଭେଦ ଅଛି । ଯେପରିକି ଅଭିଯୁକ୍ତକୁ ପଥରରେ ଛେଚି କରି ହତ୍ୟା କରିବା, ନିଆଁରେ ଫିଙ୍ଗିଦେବା କିମ୍ବା ଉପର ତଳକୁ ଝୁଲାଇ ମୃତ୍ୟୁ ଦଣ୍ଡ ଦେବା ଇତ୍ୟାଦି । ଏପରି ଅନେକ ଉଦାହରଣ ଅଛି, ଯେଉଁଠି ପୀଡ଼ିତଙ୍କ ବ୍ୟତୀତ ସେମାନଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ନିର୍ଯାତନା ଦିଆଯାଏ କିମ୍ବା ହତ୍ୟା କରାଯାଏ । ଦଣ୍ଡ ଦେବା ସମୟରେ ମହିଳାମାନଙ୍କୁ ବଳାତ୍କାର ଓ ନିର୍ଯାତନା ମଧ୍ୟ ଦିଆଯାଉଥିବାର ବହୁଳ ଅଭିଯୋଗମାନ ପ୍ରମାଣିତ ହୋଇଛି । ଡାହାଣୀ ସନ୍ଦେହରେ ବିଚାର ପ୍ରକ୍ରିୟାକୁ ନେଇ ହୋଇଥିବା ଏକ ଅଧ୍ୟୟନରେ କୁହାଯାଇଛି ଯେ ଗୁଣିଗାରେଡ଼ି ବା ଡାହାଣୀ ବିଚାରରେ ଶତକଡ଼ା ୭୩ ଭାଗ ଅଭିଯୁକ୍ତଙ୍କୁ ହତ୍ୟା କରାଯାଉଛି, ୮% ଅଭିଯୁକ୍ତଙ୍କୁ ଗାଁରୁ ବାହାର କରି ଦିଆଯାଉଛି ଏବଂ ୧୯ % ଲୋକ ଆକ୍ରମଣ କିମ୍ବା ହିଂସାର ଶିକାର ହେଉଛନ୍ତି ।

ଗୁଣିଗାରେଡ଼ି, କଳା ଯାଦୁ ଓ ଡାହାଣୀ ପ୍ରସଙ୍ଗର ଅନେକ ସାମାଜିକ ଦିଗ ଅଛି । ଯେପରିକି ଦାରିଦ୍ର୍ୟ, ସମ୍ପତ୍ତି ଲୋଭ, ଅର୍ଥ, ଜମି, ଜାତି, ଲିଙ୍ଗ ଓ ପ୍ରାଧାନ୍ୟକୁ ନେଇ ଏହା ଏକ ଅଘୋଷିତ ଯୁଦ୍ଧ । ମହିଳାଙ୍କ ଉପରେ ହେଉଥିବା ନିର୍ଯାତନା ଓ ଲିଙ୍ଗଭିତ୍ତିକ ହିଂସାର ଏକ ସାମାଜିକ ଅନୁମୋଦିତ ପ୍ରକ୍ରିୟା । ସମାଜର ଅବହେଳିତ ଗୋଷ୍ଠୀଙ୍କ ଉପରେ ଗୁଣିଗାରେଡ଼ି ସନ୍ଦେହ ହେଉଛି ଏକ ପ୍ରକାର ଅତ୍ୟାଚାର ଓ ପ୍ରାଧାନ୍ୟର ପ୍ରତୀକ । ଅନେକ ସମୟରେ ଏହା ଗୋଷ୍ଠୀ ହିଂସା ଓ ଭିଡ଼ ହତ୍ୟାର ଏକ ଯୋଜନାବଦ୍ଧ ଦିଗ ମଧ୍ୟ ପାଲଟୁଛି । ଅନୁଧ୍ୟାନରୁ ଜଣାପଡ଼େ ଯେ, ଗୁଣିଗାରେଡ଼ି ହତ୍ୟା ଦୁଇଟି ଉପାୟରେ ଘଟିଥାଏ । ପ୍ରଥମଟି ହେଉଛି ମନୁଷ୍ୟ ବଳି, ଯେଉଁଠି କୌଣସି ଅଲୌକିକ ଶକ୍ତି ବା ଆତ୍ମାଙ୍କୁ ସନ୍ତୁଷ୍ଟ କରିବା ନାମରେ ମଣିଷକୁ ହତ୍ୟା କରାଯାଏ, ଯାହା ଗୁଣିଗାରେଡ଼ି ଦ୍ୱାରା ପ୍ରବର୍ତ୍ତିତ । ଏହି ହତ୍ୟାର ଉଭୟ ବ୍ୟକ୍ତିଗତ ଓ ସମ୍ପ୍ରଦାୟର ସ୍ୱାର୍ଥ ଲୁଚି ଥାଏ ।

କିଛିବର୍ଷ ତଳେ ବଲାଙ୍ଗୀରରେ ଏକ ଶିଶୁ ବଳି ଘଟଣା ପୂରା ଓଡ଼ିଶାକୁ ସ୍ତବ୍ଧ କରିଥିଲା । ଗୁଣିଆ କଥାରେ ପ୍ରଲୋଭିତ ହୋଇ ଏକ ଶିଶୁପୁତ୍ରକୁ ତା'ର ନିଜ ଦାଦା ଓ ଭାଇ ବଳି ଦେଇଥିଲେ । କଳା ଯାଦୁ, ବଶୀକରଣ ଏବଂ ଦେବାଦେବୀଙ୍କୁ ସନ୍ତୁଷ୍ଟ ପାଇଁ ଶିଶୁ ବଳି ଓ ନାବାଳିକା ବଳି ଭଳି ଅଘଟଣ ଆମ ସଭ୍ୟ ସମାଜରେ ଏବେ ବି ଘଟୁଛି । ଏଠି ଜାଣି ରଖିବାକୁ ହେବ ଯେ ମନୁଷ୍ୟ ବଳି ପ୍ରଥାକୁ ସାମାଜିକ ସ୍ୱୀକୃତି ମଧ୍ୟ ମିଳିଥିଲା । ଏହି ପ୍ରଥାର ନାଁ ଥିଲା 'ମେରିଆ ବଳି' । ଏହା ପ୍ରାଚୀନ ସମୟର ବଳି ପ୍ରଥା, ଯେଉଁଠି ବଳି ଦେବା ପାଇଁ ବଜାରରେ ମଣିଷ ବିକ୍ରି ହେଉଥିଲେ । ଅବଶ୍ୟ ଏ ପ୍ରଥାଟି ଏବେ ଆଉ ନାହିଁ ।

ଦ୍ୱିତୀୟଟି ହେଉଛି, ବ୍ୟାପକ ରୂପେ ଦେଖାଯାଉଥିବା ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହରେ ହତ୍ୟା । ଏ ହତ୍ୟାର କାରଣ କେବଳ ଅନ୍ଧବିଶ୍ୱାସ ନୁହେଁ, ବରଂ ଅନେକ କ୍ଷେତ୍ରରେ ବ୍ୟକ୍ତିଗତ, ସାମାଜିକ ଓ ଅର୍ଥନୈତିକ କାରଣ ମଧ୍ୟ ରହିଥାଏ । ଏହାର ଶିକାର ବିଶେଷତଃ ମହିଳାମାନେ ହିଁ ହୋଇଥା'ନ୍ତି । ଏହା ଏକ ସଂଗଠିତ ଲିଙ୍ଗଭିତ୍ତିକ ହିଂସା । ବିହାର, ଓଡ଼ିଶା ଓ ଛତିଶଗଡ଼ରେ ଗୁଣିଗାରେଡ଼ି ଓ ଡାହାଣୀ ସନ୍ଦେହ ମୃତ୍ୟୁ ଉପରେ ଆଧାରିତ ଏକ ରିପୋର୍ଟରେ ଦର୍ଶାଯାଇଛି ଯେ ସମୁଦାୟ ଡାହାଣୀ ହତ୍ୟା ଓ ଗୁଣିଗାରେଡ଼ି ନିର୍ଯାତିତଙ୍କ ମଧ୍ୟରେ ମହିଳାମାନଙ୍କ ସଂଖ୍ୟା ନବେ ପ୍ରତିଶତ । ଏ ସମସ୍ତ ମହିଳା ପ୍ରାୟତଃ ଦରିଦ୍ର, ବିଧବା, ନିଃସହାୟ, ଦଳିତ କିମ୍ବା ଗ୍ରାମୀଣ ଆଦିବାସୀ ଶ୍ରେଣୀର । ସବୁଠାରୁ ମୁଖ୍ୟ କଥା ହେଲା ମୁଖ୍ୟତଃ ୫୦ ରୁ ୬୫ ବର୍ଷ ବୟସର ମହିଳାମାନେ ଅଭିଯୁକ୍ତ ହେବାର ସର୍ବାଧିକ ଆଶଙ୍କା ଥାଏ । ଏକ ଜାତୀୟ ସଂସ୍ଥା ଦ୍ୱାରା କରାଯାଇଥିବା ପରିସଂଖ୍ୟାନର ଏକ ତଥ୍ୟରୁ ଜଣାପଡ଼େ ଯେ ଆମ ଦେଶରେ ୨୦୧୦ ମସିହାରୁ ୨୦୨୧ ମସିହା ମଧ୍ୟରେ ପ୍ରାୟ ୧୫୦୦ ବୃଦ୍ଧା ମହିଳାଙ୍କୁ ଡାହାଣୀ ସନ୍ଦେହରେ ହତ୍ୟା କରାଯାଇଛି । ଗୁଣିଗାରେଡ଼ି ସନ୍ଦେହ ହତ୍ୟାର ମଧ୍ୟ ବିବର୍ତ୍ତନ ହେଉଛି । ଏ କିଛି ଦଶନ୍ଧି ହେଲା, ଏହା ମବ୍‌ଲିଂଚିଂ ବା ଭିଡ଼ହତ୍ୟା ସହ ଯୋଡ଼ି ହୋଇଯାଇଛି । ଯେଉଁଠି ଭିଡ଼ ବା ଏକ ଗୋଷ୍ଠୀ ନ୍ୟାୟ ଦେବା ନାମରେ ହତ୍ୟା କରୁଛି ।

ଡାହାଣୀ ହତ୍ୟାକୁ ନେଇ ବଳିଷ୍ଠ ନିୟମ କାନୁନ ଥିବା ସତ୍ତ୍ୱେ ଏହା ଏକ ସାମାଜିକ ସଂକ୍ରମିତ ବ୍ୟାଧି ହୋଇଗଲାଣି । ଓଡ଼ିଶା ସରକାରଙ୍କ ଡାହାଣୀ ହତ୍ୟା ପ୍ରତିରୋଧ ବିଲ୍ ୨୦୧୩ର ପ୍ରୟୋଗ ଅନେକ ମାତ୍ରାରେ ଏ ସାମାଜିକ ବ୍ୟାଧିକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇପାରିଛି । କିନ୍ତୁ ଏ ନିୟମରେ କିଛି ସଂଶୋଧନର ଆବଶ୍ୟକତା ଅଛି । ଯେପରିକି, ଅପରାଧୀ ଓ ହତ୍ୟାକାରୀ ଅପେକ୍ଷା ଡାହାଣୀ ହତ୍ୟାର ପ୍ରରୋଚକଙ୍କ ପାଇଁ କଠୋର ଦଣ୍ଡବିଧାନର ଆବଶ୍ୟକତା ଅଛି । ବ୍ୟାପକ ଶିକ୍ଷା, ଆଇନର ଉପଯୋଗିତା, ସମୂହ ଯୋଗଦାନ, ରାଜନୈତିକ ଇଚ୍ଛାଶକ୍ତି ଓ ମହିଳା ସଶକ୍ତୀକରଣ ଇତ୍ୟାଦି ଡାହାଣୀ ହତ୍ୟା ଭଳି ସାମାଜିକ ସମସ୍ୟାକୁ ଓଡ଼ିଶାରେ ରୋକିପାରିବ ବୋଲି ଆଶା । କିନ୍ତୁ ଏହା ମଧ୍ୟରେ ଆଶଙ୍କା ଉପୁଜୁଛି ଯେ ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା ଏକ ରହସ୍ୟମୟ ସାମାଜିକ ମହାମାରୀର ରୂପ ନେଉନାହିଁ ତ ?

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ବରିଷ୍ଠ ବନାମ ବଳିଷ୍ଠ ନାଗରିକ

**ଅନନ୍ତ ଚରଣ ସ୍ୱାଇଁ**

ସେପରି କିଛି ଅପ୍ରୀତିକର ସ୍ଥିତି ନ ଆସିଲେ ଜୀବନରେ ବରିଷ୍ଠ ନାଗରିକ ହେବା ନିଶ୍ଚିତ । ବରିଷ୍ଠ ନାଗରିକମାନେ ନିଜର ସ୍ୱାସ୍ଥ୍ୟ, ବିତ୍ତ ଓ ଚିତ୍ତଜନିତ ସମସ୍ୟା ଭିତରେ ଘାଣ୍ଟି ହୁଅନ୍ତି । ଜେଜେ ବାପାଙ୍କଠାରୁ ଶୁଣିଥିଲି, ମନୁଷ୍ୟ, ବଳଦ, କୁକୁର ଓ ପେଚା ପରି ଚାରୋଟି ଜୀବ ଈଶ୍ୱର ସୃଷ୍ଟି କରି ପ୍ରତ୍ୟେକଙ୍କୁ ଚାଳିଶ ବର୍ଷ ଲେଖାଏଁ ଆୟୁଷ ଦେଲେ । ମଣିଷ ଏତିକି ଆୟୁଷରେ ସନ୍ତୁଷ୍ଟ ନଥିଲା । ସେ ଈଶ୍ୱରଙ୍କୁ ଗୁହାରୀ କରି ବଳଦ, କୁକୁର ଓ ପେଚାଠାରୁ କୋଡ଼ିଏ ବର୍ଷ ଲେଖାଏଁ ଆୟୁଷ ମାଗି ନେଲା । ଏହାପରେ ମନୁଷ୍ୟର ଆୟୁ ହେଲା ଶହେବର୍ଷ । ପ୍ରଥମ ଚାଳିଶ ବର୍ଷ ନିଜ ଆୟୁ ହୋଇଥିବାରୁ ଜୀବନ ଭଲ ଭଲରେ କଟେ । ପରବର୍ତ୍ତୀ କୋଡ଼ିଏ ବର୍ଷ ବଳଦଠାରୁ ଆସିଥିବାରୁ ତା' ପରି କଷ୍ଟ ସହେ । ଷାଠିଏରୁ ଅଶୀ ବର୍ଷ କୁକୁରଠାରୁ ଆସିଥିବା ଆୟୁରେ ବଞ୍ଚୁଥିବାରୁ ଜଗୁଆଳିର କାମ କରେ ଏବଂ ଅଶୀରୁ ଶହେ ବର୍ଷ ପେଚାଠାରୁ ଧାର ନେଇଥିବାରୁ ତା' ପରି କେବେଳ ନୀରବଦ୍ରଷ୍ଟା ସାଜେ ।

ଜନ୍ମ-ମୃତ୍ୟୁ ମଧ୍ୟରେ ମନୁଷ୍ୟ ଶିଶୁ, କିଶୋର, ଯୌବନ ଓ ବାର୍ଦ୍ଧକ୍ୟ ଅବସ୍ଥା ଦେଇ ଗତି କରେ । ଭିନ୍ନ ଭିନ୍ନ ସମୟର ସମସ୍ୟା ଭିନ୍ନ । ଆଜିର ଶିଶୁ ଆସନ୍ତା କାଲିର ବରିଷ୍ଠ ନାଗରିକ । ଏମାନେ ସମାଜର ଏକ ଅଭିନ୍ନ ଅଂଶ । ବରିଷ୍ଠ ନାଗରିକଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି । । ଏକ ଆକଳନ ଅନୁସାରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ୨୦୨୨ ମସିହାରେ ସମୁଦାୟ ଜନସଂଖ୍ୟାର ୧୦.୫ ପ୍ରତିଶତ ଥିଲା । ୨୦୫୦ ମସିହା ବେଳକୁ ଏହା ବୃଦ୍ଧି ପାଇ ୨୦.୮ ପ୍ରତିଶତରେ ପହଞ୍ଚିବ ଏବଂ ଶତାବ୍ଦୀ ଶେଷ ବେଳକୁ ମୋଟ ଜନସଂଖ୍ୟାର ୩୬ ପ୍ରତିଶତକୁ ଟପିଯିବ । ଜାତିସଂଘର ଏକ ତଥ୍ୟ ଅନୁଯାୟୀ, ୨୦୪୬ ସୁଦ୍ଧା ଭାରତରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ଶିଶୁଙ୍କ (୦ ରୁ ୧୫ ବର୍ଷ) ସଂଖ୍ୟାକୁ ଅତିକ୍ରମ କରିଯିବ । ୨୦୨୨ ରୁ ୨୦୫୦ ମଧ୍ୟରେ ୮୦ ଓ ତଦୂର୍ଦ୍ଧ୍ୱ ବୟସର ଲୋକଙ୍କ ସଂଖ୍ୟା ପ୍ରାୟ ୨୭୯% ବୃଦ୍ଧି ପାଇବ । ଏମାନଙ୍କ ମଧ୍ୟରେ ବିଧବା ଓ ଅତ୍ୟଧିକ ନିର୍ଭରଶୀଳ ବୃଦ୍ଧ ମହିଳାଙ୍କ ସଂଖ୍ୟା ଅଧିକ ରହିବ ।

ସମାଜରେ ବରିଷ୍ଠ ନାଗରିକମାନେ ଅବହେଳିତ । ପାରିବାରିକ ସମସ୍ୟା, ଆର୍ଥିକ ସମସ୍ୟା, ସ୍ୱାସ୍ଥ୍ୟ ସମସ୍ୟା ଓ ଏକାକୀତ୍ୱ ବା ଏକଲାପଣିଆ ସେମାନଙ୍କ ମନୋବଳ ଭାଙ୍ଗିଦିଏ । ବରିଷ୍ଠ ନାଗରିକଙ୍କ ପ୍ରତି ସହାନୁଭୂତି ବଦଳରେ ସେମାନେ ବୃଦ୍ଧାବସ୍ଥାରେ ପ୍ରତାରିତ ହେବା ସହ ବିଭିନ୍ନ ପ୍ରକାରର ଉତ୍ପୀଡ଼ନର ଶିକାର ହେବା ଦୃଷ୍ଟାନ୍ତ ଅନେକ । ବୟସ ବଢ଼ିବା ସହ ସ୍ୱାସ୍ଥ୍ୟଗତ ସମାସ୍ୟା ବୃଦ୍ଧି ପାଏ । ତେଣୁ ପରିଣତ ବୟସରେ ଉତ୍ତମ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ଆବଶ୍ୟକ । ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ନିୟମିତ ବ୍ୟାୟାମ ଏବଂ ହସ ଖୁସିରେ ଜୀବନ କାଟିବା ଦରକାର । ମନ ଉପରେ ନିୟନ୍ତ୍ରଣ ଜୀବନ ପାଇଁ ସୁଖଦାୟକ । ମନକୁ ସ୍ଥିର ଓ ନିଜ ନିୟନ୍ତ୍ରଣରେ ରଖିବାକୁ ଯୋଗ, ଧ୍ୟାନ, ପ୍ରାଣାୟମ ଅଭ୍ୟାସ ଜରୁରୀ । ମନକୁ ନିଜ ଆୟତ୍ତରେ ରଖିବାକୁ ଚେଷ୍ଟା କରିବା ଦରକାର । କାରଣ ମନର ଅଧୀନକୁ ଚାଲିଗଲେ ନିଜର ବୋଲି କିଛି ନଥାଏ । ଏହାଦ୍ୱାରା ଅନେକପ୍ରକାର ସମସ୍ୟା ଦେଖାଦିଏ ।

ତନ ଓ ମନ ବ୍ୟତୀତ ଧନ ପ୍ରତ୍ୟେକ ବ୍ୟକ୍ତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିତ୍ତୀୟ ସ୍ୱାଧୀନତା ବା ବିତ୍ତୀୟ ସମ୍ପନ୍ନତା ବ୍ୟକ୍ତିକୁ ବଳିଷ୍ଠ କରିବାରେ ସହାୟକ ହୋଇଥାଏ । ପାଖରେ ଧନ ଥିଲେ ଅନ୍ତତଃ ବୃଦ୍ଧାବସ୍ଥାର ଅବହେଳିତ ହେବାର ଆଶଙ୍କା ହ୍ରାସ ପାଏ । ଆର୍ଥିକ ଅଭାବ ରହିଲେ ଅନ୍ୟମାନଙ୍କ ଉପରେ ନିର୍ଭର କରିବାକୁ ପଡ଼େ । ବୃଦ୍ଧାବସ୍ଥାରେ ଯେପରି ଆର୍ଥିକ ଅଭାବ ନ ରହିବ ସେଥିପାଇଁ ବହୁପୂର୍ବରୁ ପ୍ରସ୍ତୁତି ଦରକାର । ରୋଜଗାରକ୍ଷମ ହେବା ସଙ୍ଗେ ସଙ୍ଗେ ସଞ୍ଚୟ ଓ ନିବେଶ ଆରମ୍ଭ କରିବା । ନିଜ ପାଇଁ ବଞ୍ଚିବା । ଅନ୍ୟର ପସନ୍ଦ ଅନୁସାରେ ପିନ୍ଧିବା, ଖାଇବା, ଚଳିବା ଦ୍ୱାରା ଅଯଥାରେ ଅନେକ ଖର୍ଚ୍ଚ ହୋଇଯାଏ । ଆର୍ଥିକ ସଙ୍କଟ ଦେଖାଯାଏ । ବଜେଟ ପ୍ରସ୍ତୁତି କରି ତଦନୁଯାୟୀ ଚାଲିଲେ ଖର୍ଚ୍ଚ ନିୟନ୍ତ୍ରଣ ହେବା ସହ ଆର୍ଥିକ ସମୃଦ୍ଧି ଆସିଥାଏ ।

ଆକସ୍ମିକ କ୍ରୟ ବା ପ୍ରେରଣା କ୍ରୟ(ଇମ୍ପଲ୍ସ ବାଇଂ) ରୁ ଦୂରେଇ ରହିବା ଆବଶ୍ୟକ । ଆକସ୍ମିକ କ୍ରୟ ହେଉଛି ପୂର୍ବଯୋଜନା ନଥିବା କିମ୍ବା ଆବଶ୍ୟକ ନଥିବା ଜିନିଷ ହଠାତ କିଣିବା । ବଞ୍ଚିଥିବା ବେଳେ କିମ୍ବା ମୃତ୍ୟୁ ପରେ ସମ୍ପତ୍ତି ପାଇବା ପାଇଁ ଉତ୍ତରାଧିକାରୀମାନଙ୍କ ମଧ୍ୟରେ ଯେପରି ଅସନ୍ତୋଷ ଓ କଳହ ନହୁଏ ସେଥିପାଇଁ ଇଷ୍ଟେଟ ପ୍ଲାନିଂର ଆବଶ୍ୟକ । ଏହାଦ୍ୱାରା ବରିଷ୍ଠ ନାଗରିକଙ୍କ ନିଜର ମାନସିକ ଶାନ୍ତି ବୃଦ୍ଧି ପାଇବ । ଜୀବିତାବସ୍ଥାରେ ସ୍ୱଅର୍ଜିତ ସମ୍ପତ୍ତିର ସୁରକ୍ଷା, ସୁପରିଚାଳନା ଓ ମୃତ୍ୟୁ ପରେ ସେସବୁର ଉତ୍ତରାଧିକାରୀଙ୍କ ମଧ୍ୟରେ ବଣ୍ଟନର ସୁବ୍ୟବସ୍ଥା କରିବା ହେଉଛି ଇଷ୍ଟେଟ ପ୍ଲାନଂର ଉଦ୍ଦେଶ୍ୟ । ବରିଷ୍ଠ ନାଗରିକମାନେ ନିଜ ଅର୍ଜିତ ଧନସମ୍ପତ୍ତି ଭୋଗ କରିବା ଅଧିକାରରୁ ବଞ୍ଚିତ ନହେବା, ଜୀବନକୁ ଅଧିକ ସରସ ସୁନ୍ଦର କରିବା ପାଇଁ ଇଷ୍ଟେଟ ପ୍ଲାନିଂହେଉଛି ଏକ ସୁରକ୍ଷିତ ଆୟୁଧ ।

ବରିଷ୍ଠ ନାଗରିକମାନଙ୍କର ଅନେକ ସମସ୍ୟା । ବରିଷ୍ଠ ହେବା ସହ ନିଜକୁ ବଳିଷ୍ଠ କରିପାରିଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ । ତେଣୁ ବରିଷ୍ଠ ନାଗରିକଙ୍କ ପାଖରେ ବଳିଷ୍ଠ ହେବାର ସମସ୍ତ ଉପାଦାନ ଥିଲେ ସୁଖ ଶାନ୍ତିରେ ଜୀବନ ବିତିଥାଏ । ଜୀବନକୁ ସରସ ସୁନ୍ଦର କରିବାକୁ ବରିଷ୍ଠ ନାଗରିକମାନେ ନିଜକୁ ବଳିଷ୍ଠ କରିବାର ଆବଶ୍ୟକ ରହିଛି ।

ଭୁବନେଶ୍ୱର, ମୋ: ୭୩୮୧୦୪୬୪୭୭

# ଶ୍ରୀମନ୍ଦିର ବେଢ଼ାରେ ଜ୍ୱର ଦେବତା

## ଲୋକକଥାରେ ଲୋକଦେବତା

**ସ୍ୱପ୍ନେଶ୍ୱର**

ଶ୍ରୀମନ୍ଦିର ଦେବଗ୍ରାମରେ କ୍ଷେତ୍ରାଧିପତି ଶ୍ରୀଜଗନ୍ନାଥଙ୍କ ସହ ଅନେକ ଦେବାଦେବୀ ଆରାଧିତ ହେଉଛନ୍ତି । ସେମାନେ ସମସ୍ତେ ମହାପ୍ରଭୁଙ୍କର କିଛି ନା କିଛି ନିଜ କାନ୍ଧରେ ବହନ କରିଛନ୍ତି । ପ୍ରଭୁ ଲୋକନାଥ ଶ୍ରୀମନ୍ଦିରର ଭଣ୍ଡାରରକ୍ଷକ ଓ ଯମେଶ୍ୱର ମହାଦେବ ସାଆନ୍ତଙ୍କ ହିସାବ ରଖନ୍ତି ବା ମୁନସୀର କାମ କରନ୍ତି । ଈଶାନେଶ୍ୱର ମହାଦେବ ମହାପ୍ରଭୁଙ୍କର ଗୁରୁ ଗୋସେଇଁ । ଅଷ୍ଟଶମ୍ଭୁ, ଅଷ୍ଟଚଣ୍ଡି ଓ ଅଷ୍ଟମହାବୀର କ୍ଷେତ୍ରକୁ ସୁରକ୍ଷା ପ୍ରଦାନ କରୁଛନ୍ତି । ରୋଷ ଗଣେଶ ରୋଷଘରର ଭଣ୍ଡାର ଜଗୁଛନ୍ତି । ଦକ୍ଷିଣ କାଳୀକା ରୋଷଘରର ତତ୍ତ୍ୱାବଧାରିକା । କୁତାମ ଚଣ୍ଡୀ ବା ଶ୍ୱାନ ଭୈରବୀ ଶ୍ରୀକ୍ଷେତ୍ର ପରିସରକୁ କୁକୁରମାନଙ୍କ ଉପଦ୍ରବରୁ ରକ୍ଷା କରୁଛନ୍ତି । ସେହିକ୍ରମରେ ବଡ଼ଦେଉଳ ବେଢ଼ାରେ ଜଣେ ବିଚିତ୍ର ଦେବତା ବିରାଜମାନ କରିଛନ୍ତି । ମହାପ୍ରଭୁଙ୍କ ଭକ୍ତମାନେ ଜ୍ୱର ରୋଗରେ ପୀଡ଼ିତ ହେଲେ ସେ ଦେବତା ତା'ର ଉପଶମ କରନ୍ତି । ତେଣୁ ତାଙ୍କର ନାମ 'ଜ୍ୱର ଦେବତା' ରଖାଯାଇଛି ।

ମହାଲକ୍ଷ୍ମୀଙ୍କ ମନ୍ଦିର ସାମନାରେ ବେଢ଼ାର ଦ୍ୱିତୀୟ ବୃହତ୍ତମ ମନ୍ଦିରରେ ସୂର୍ଯ୍ୟନାରାୟଣ ଦେବ ଆରାଧିତ ହେଉଛନ୍ତି । ସେହି ମନ୍ଦିରର ଜଗମୋହନର ଏକ ଠଣାରେ 'ଜ୍ୱର ଦେବତା' ବିଜେ କରିଛନ୍ତି । ତିନି ପାଦ ଓ ତିନି ମୁଣ୍ଡ ବିଶିଷ୍ଟ ଏହି ବିଚିତ୍ର ଦିଅଁଙ୍କ ବିଗ୍ରହର ଛଅ ଗୋଟି ହାତ ଅଛନ୍ତି । କ୍ଷୀରରେ କଦଳୀ ଚକଟା ହୋଇଥିବା ପଣା ତାଙ୍କର ପ୍ରିୟ ପ୍ରସାଦ । ଜ୍ୱରରେ ପୀଡ଼ିତମାନେ ଏହି ପଣା ଭୋଗ ସହ 'ଜ୍ୱର ଦେବତା'ଙ୍କୁ ଆରାଧନା କରନ୍ତି । ପୂଜକ ରୋଗୀର ନାମ ଓ ଗୋତ୍ର ଉଚ୍ଚାରଣ କରି ପଣା ପ୍ରସାଦ ଦିଅଁଙ୍କୁ ସମର୍ପଣ କଲା ପରେ ପ୍ରସାଦକୁ ମେଘନାଦ ପାଚେରୀ ବାହାରେ ଫିଙ୍ଗି ଦିଆଯାଏ । ଆରାଧନା ପରେ ଦୁରାରୋଗ୍ୟ ଜ୍ୱର ମଧ୍ୟ ଭଲ ହୋଇଯାଏ ବୋଲି ଭକ୍ତମାନେ ବିଶ୍ୱାସ କରନ୍ତି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅତ୍ୟନ୍ତ ଭଲ ପାଉଥିବା ଅନେକ ଭକ୍ତ କୋଟିବ୍ରହ୍ମାଣ୍ଡର ମାଲିକ ମହାପ୍ରଭୁଙ୍କର ଜ୍ୱରର ଉପଶମ ପାଇଁ ତାଙ୍କର ଅଧସ୍ତନ 'ଜ୍ୱର ଦେବତା'ଙ୍କୁ ପଣା ଭୋଗ ଦେଇ ପୂଜା କରନ୍ତି । ସ୍ନାନପୂର୍ଣ୍ଣିମା ଦିନ ଅଣ୍ଟାପାଣିରେ ପ୍ରତ୍ୟକ୍ଷ ସ୍ନାନ କଲା ପରେ ଜଗନ୍ନାଥ ଜ୍ୱରରେ ପୀଡ଼ିତ ହୋଇ ଅନବସରରେ ରହନ୍ତି । ବୈଦ୍ୟଙ୍କ ପରାମର୍ଶ କ୍ରମେ ପଥିପାଚନ ଖାଆନ୍ତି । ତାଙ୍କର ଏ ଅବସ୍ଥା କଥା ଶୁଣି ଭକ୍ତମାନେ ଦୁଃଖ କରନ୍ତି । କେତେକ ଭକ୍ତ ମହାପ୍ରଭୁଙ୍କର ଆରୋଗ୍ୟ କାମନା କରି ଜ୍ୱର ଦେବତାଙ୍କ ପାଖରେ କାତ୍ୟାୟନ ଗୋତ୍ରୀ ଜଗନ୍ନାଥଙ୍କ ନାମ ନେଇ ପଣା ପ୍ରସାଦ ଭୋଗ କରନ୍ତି ଏବଂ ଭୋଗ ସମର୍ପଣ ପରେ ପାଚେରୀ ବାହାରକୁ ଫିଙ୍ଗି ଦିଅନ୍ତି ।

ଏହି ଦେବତାଙ୍କ ଆବିର୍ଭାବକୁ ନେଇ ଏକ ରୋଚକ ଲୋକକଥା ଶୁଣାଯାଏ । ଦ୍ୱାପର ଯୁଗରେ ବାଣାସୁର ନାମରେ ଜଣେ ପ୍ରବଳ ପ୍ରତାପୀ ଅସୁର ରାଜା ଥିଲା । ସେ ବଡ଼ ଶିବ ଭକ୍ତ ଥିଲା ଏବଂ ବିଷ୍ଣୁ ଅବତାର ଶ୍ରୀକୃଷ୍ଣଙ୍କୁ ହୀନ ଦୃଷ୍ଟିରେ ଦେଖୁଥିଲା । ଉଷା ନାମରେ ତା'ର ଜଣେ ଅନନ୍ୟା ସୁନ୍ଦରୀ କନ୍ୟା ଥିଲା । ସେ କନ୍ୟାର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ କୃଷ୍ଣଙ୍କ ନାତି (ରୁକ୍ମିଣୀଙ୍କ ବଡ଼ପୁଅ ପ୍ରଦ୍ୟୁମ୍ନଙ୍କ ପୁଅ) ଅନିରୁଦ୍ଧ ତା'କୁ ବିବାହ କରିବା ପାଇଁ ଇଚ୍ଛା କଲା । ଉଷାକୁ ଦେଖା କରିବାକୁ ଯାଇଥିବା ବେଳେ ବାଣାସୁର ତାଙ୍କୁ ବନ୍ଦୀ କରି ରଖିଲା । ଏ ଖବର ପାଇ କୃଷ୍ଣବଳରାମ ଯାଦବ ସେନାବାହିନୀ ସହ ଯୁଦ୍ଧଯାତ୍ରା କଲେ । ଦୁଇ ପକ୍ଷ ଭିତରେ ପ୍ରବଳ ଯୁଦ୍ଧ ହେଲା । ବାଣାସୁର ଯାଦବ ବଳଙ୍କଠାରୁ ପରାଜୟ ଆଶଙ୍କା କରି ମହେଶ୍ୱର ଶିବଙ୍କ ଶରଣାଗତ ହେଲା । ଭୋଳାନାଥ ଶିବ ଭକ୍ତର ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ତା' ପକ୍ଷରେ ଯୋଗ ଦେଲେ ଏବଂ କୃଷ୍ଣଙ୍କ ସହ ଯୁଦ୍ଧ କଲେ । ଶ୍ରୀକୃଷ୍ଣଙ୍କ ଶରାଘାତରେ ଶିବ ଜ୍ୱରରେ ପୀଡ଼ିତ ହେଲେ । ତାଙ୍କର ସର୍ବାଙ୍ଗ ଥରିବାକୁ ଲାଗିଲା । ସେ ନିଜର ଶକ୍ତି ପ୍ରୟୋଗ କରି ନିଜ ଶ୍ରୀଅଙ୍ଗରୁ ଜଣେ ଦେବତାଙ୍କୁ ସୃଷ୍ଟି କଲେ । ତିନି ପାଦ, ତିନି ମୁଣ୍ଡ ଓ ଛଅ ହାତ ବିଶିଷ୍ଟ ଏହି ଅଦ୍ଭୁତ ଦେବତା ଶିବଙ୍କ ଆଦେଶମାତ୍ରେ ତାଙ୍କୁ ରୋଗମୁକ୍ତ କରିଦେଲେ । ଏଥିରେ ଖୁସି ହୋଇ ଶିବ ତାଙ୍କୁ କ୍ଷୀର ଓ କଦଳୀର ପଣା ପ୍ରସାଦ ପୁରସ୍କାର ସ୍ୱରୂପ ପ୍ରଦାନ କଲେ । ଶ୍ରୀକୃଷ୍ଣ ଏ କଥା ଜାଣିଥିଲେ । କଳି ଯୁଗରେ ସେ ନୀଳାଚଳରେ ଜଗନ୍ନାଥ ନାମ ବହନ କରି ଦାରୁରୂପେ ଆରାଧିତ ହେଲେ । ଏ ଯୁଗର ମଣିଷମାନେ ବହୁଳଭାବେ ଜ୍ୱରରେ ପୀଡ଼ିତ ହେବେ ବୋଲି ତାଙ୍କୁ ଜଣାଥିଲା । ତେଣୁ ତାଙ୍କ ମନ୍ଦିର ପରିସରରେ ଉପସ୍ଥିତ ରହି ଭକ୍ତମାନଙ୍କୁ ଜ୍ୱର ରୋଗରୁ ମୁକ୍ତି ଦେବା ପାଇଁ ସେ ଜ୍ୱର ଦେବତାଙ୍କୁ ଆଦେଶ ଦେଲେ ।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରତ୍ନବେଦୀରେ ତିନିଠାକୁର...

ପୁଷ୍ପାଞ୍ଜଳି ପ୍ରଦାନ ପରେ ବାଜିଥିଲା ବିଜେକାହାଳୀ। ପ୍ରଥମେ ତାଳଧ୍ୱଜ ପରେ ନନ୍ଦିଘୋଷ ଓ ଶେଷରେ ଦେବଦଳନ ରଥରେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ ମୁଦିରସ୍ତ। ପରେ ଡୋରଲାଗି ହୋଇ ସନ୍ଧ୍ୟା ୭ଟା ୨୫ରେ ପହଣ୍ଡି ଆରମ୍ଭ ହୋଇଥିଲା। ହରିବୋଲ, ହୁଳହୁଳି ଓ ଜୟଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସିଂହଦ୍ୱାର। ନନ୍ଦିଘୋଷ ରଥରୁ ମଦନମୋହନ ଓ ତାଳଧ୍ୱଜ ରଥରୁ ରାମ, କୃଷ୍ଣଙ୍କୁ ମହାଜନ ସେବକମାନେ ହାତରେ ଦକ୍ଷିଣୀ ଘରକୁ ବିଜେ କରାଇଥିଲେ। ପରେ ଆରମ୍ଭ ହୋଇଥିଲା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି। ଗୋଟି ପହଣ୍ଡିରେ ରଥରୁ ନୀଳକନ୍ଦର ଅଭିମୁଖେ ବାହାରିଥିଲେ ଠାକୁର।

କାଳିଆ ସାଆନ୍ତ ରଥରୁ ଓହ୍ଲାଉଥିବା ଦେଖି ଲକ୍ଷ୍ମୀ ସାଆନ୍ତାଣୀ ଚାହାଣୀ ମଣ୍ଡପକୁ ବିଜେ କରିଥିଲେ। ଭେଟ ମଣ୍ଡପରୁ ଭିତରଚ୍ଛ ମହାପାତ୍ର ମହାଲକ୍ଷ୍ମୀଙ୍କୁ ମହାପ୍ରଭୁଙ୍କ ସହ ଭେଟ କରାଇଥିଲେ। ପରେ ଶ୍ରୀଜଗନ୍ନାଥ ରତ୍ନସିଂହାସନ ଅଭିମୁଖେ ବାହାରିଥିଲେ। କିନ୍ତୁ ଲକ୍ଷ୍ମୀ ଠାକୁରାଣୀ ଅଭିମାନରେ ସିଂହଦ୍ୱାରକୁ ବନ୍ଦ କରିଦେଇଥିଲେ। କିଛି ସମୟ ପରେ ସିଂହଦ୍ୱାର ଖୋଲି ଭିତରକୁ ପଳାଇଥିଲେ ମହାଲକ୍ଷ୍ମୀ। ପରେ ଶ୍ରୀମନ୍ଦିର ଭିତରକୁ ବିଜେ କରିଥିଲେ ମହାପ୍ରଭୁ। କିନ୍ତୁ ସେତେବେଳେ ଜୟବିଜୟ ଦ୍ୱାର ବନ୍ଦ ରହିଥିଲା। ସେଠାରେ ବଚନିକା ସରିବା ପରେ ଶ୍ରୀଜଗନ୍ନାଥଙ୍କର ଭଣ୍ଡାର ଘର ନିକଟରେ ଲକ୍ଷ୍ମୀଙ୍କ ସହ ଭେଟ ହାଇଥିଲା। ସେଠାରେ ବିବାହର ଗଇଁଠାଳ ଫିଟାଯାଇଥିଲା। ଏହି ନୀତିକୁ ଭିତରଚ୍ଛ ମହାପାତ୍ର ସମ୍ପାଦନ କରିଥିଲେ। ପରେ ସେଠାରେ ବନ୍ଦାପନା ଏବଂ ରସଗୋଲା ଭୋଗ ହୋଇଥିଲା। ଅର୍ଥାତ୍ କାଳିଆ ସାଆନ୍ତ ରସଗୋଲା ଖୁଆଇ ଲକ୍ଷ୍ମୀ ସାଆନ୍ତାଣୀଙ୍କ ମାନଭଞ୍ଜନ କରିଥିଲେ। ଘଷାବିଡ଼ିଆ ଓ ମଣୋହି ପରେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥିଲେ।

### ଏଥର ଡିଜିଟାଲ୍...

ଆଧାର କରି ଲୋକସଭା ଏବଂ ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀର ସୀମା ପୁନଃନିର୍ଦ୍ଧାଣ କରାଯିବ ବୋଲି କୁହାଯାଉଛି। ଆସନ୍ତା ସାଧାରଣ ନିର୍ବାଚନ ୨୦୨୯ରେ ହେବାକୁ ଯାଉଥିବା ବେଳେ ଏହା ପୂର୍ବରୁ ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି।

ରେଜିଷ୍ଟ୍ରାର ଜେନେରାଲଙ୍କ ପକ୍ଷରୁ କୁହାଯାଇଛି ଯେ ଏପ୍ରିଲ ୨୦୨୬ରୁ ପ୍ରଥମ ପର୍ଯ୍ୟାୟ ଆରମ୍ଭ ହେବ ଏବଂ ଏହି ପର୍ଯ୍ୟାୟରେ ବାସଗୃହ ଓ ଆସବାବପତ୍ର ସଂପର୍କରେ ତଥ୍ୟ ସଂଗ୍ରହ କରାଯିବ। ଫେବୃଆରୀ ୨୦୨୭ରୁ ଆରମ୍ଭ ହେଉଥିବା ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ସଂକ୍ରାନ୍ତ ତଥ୍ୟ ସଂଗ୍ରହ କରାଯିବ। ତେବେ ଜନଗଣନା ପୂର୍ବରୁ ଚଳିତ ବର୍ଷ ଡିସେମ୍ବର ୩୧ ସୁଦ୍ଧା ପ୍ରଶାସନିକ ସୀମା ନିର୍ଦ୍ଧାରଣ କାର୍ଯ୍ୟ ଶେଷ କରିବା ଲାଗି ରାଜ୍ୟମାନଙ୍କୁ କୁହାଯାଉଛି। ଏହି ତାରିଖ ପରେ ଆଉ ଜିଲ୍ଲା/ବ୍ଲକ୍ ଗଠନ କିମ୍ବା ନାମକରଣକୁ ଅନୁମତି ମିଳିବ ନାହିଁ। ଜନଗଣନା ପ୍ରକ୍ରିୟା ସଂପନ୍ନ ହେବା ପର୍ଯ୍ୟନ୍ତ ଏହାକୁ ନିଷିଦ୍ଧ କରାଯାଇଥିବା ରେଜିଷ୍ଟ୍ରାର ଜେନେରାଲ ସ୍ପଷ୍ଟ କରିଦେଇଛନ୍ତି।

୨୦୨୧ରେ ହେବାକୁ ଥିବା ଜନଗଣନା ପାଇଁ ନାଗରିମାନଙ୍କ ଠାରୁ ୩୧ଟି ବିଷୟରେ ତଥ୍ୟ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ବାସଗୃହ, ପରିବାର ସଂପର୍କରେ ତଥ୍ୟ ସହିତ ପାଣି, ପାଇଖାନା, ରୋଷେଇ ପାଇଁ ଇନ୍ଧନ, ରେଡିଓ, ଟିଭି, ଲାପଟପ୍ କଂପ୍ୟୁଟର, କାର, ମୋବାଇଲ ନମ୍ବର ଏବଂ ଖାଦ୍ୟ ସାମଗ୍ରୀ ସଂପର୍କରେ ତଥ୍ୟ ରହିଥିଲା। କିନ୍ତୁ ଏଥର ଜନଗଣନାରେ ଜାତି ସଂପର୍କରେ ମଧ୍ୟ ତଥ୍ୟ ସଂଗ୍ରହ କରାଯିବ। ଏଥିଲାଗି ୩୪ ଲକ୍ଷ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ସେମାନଙ୍କୁ ତାଲିମ ଦେବାଲାଗି ତ୍ରିସ୍ତରୀୟ ବ୍ୟବସ୍ଥା କରାଯାଇଥିବା ରେଜିଷ୍ଟ୍ରାଲ ଜେନେରାଲଙ୍କ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ ୨୦୨୧ରେ ହେବାକୁ ଥିବା ଜନଗଣନାକୁ କୋଭିଡ୍ ମହାମାରୀ ପାଇଁ ସ୍ଥଗିତ କରି ଦିଆଯାଇଥିଲା।

### ସାରା ରାଜ୍ୟରେ...

ଆଲୋଚନା ବିଫଳ ହୋଇଛି ଏବଂ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଡ୍ରାଇଭର ସଂଘ ଚରମବାଣୀ ଶୁଣାଇଛି। ଡ୍ରାଇଭରମାନଙ୍କ ଆନ୍ଦୋଳନ ଯୋଗୁଁ ସାରା ରାଜ୍ୟରେ ଯାତ୍ରୀ ପରିବହନ ବ୍ୟବସ୍ଥାକୁ ପୂରା ଠପ୍ କରିଦେଇଛି। ବହୁ ସ୍ଥାନରେ ମଝି ରାସ୍ତାରେ ଆନ୍ଦୋଳନରତ ଡ୍ରାଇଭରମାନେ ସରକାରୀ ବସରୁ ଯାତ୍ରୀଙ୍କୁ ଓହ୍ଲାଇ ଦେଇଛନ୍ତି। ଫଳରେ ଗନ୍ତବ୍ୟସ୍ଥଳରେ ପହଞ୍ଚି ନ ପାରି ଅନେକ ଯାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସଂଘ ପକ୍ଷରୁ ରଖାଯାଇଥିବା ଦାବି ପୂରଣ ନ ହେବା ଯାଏଁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ମହାସଂଘ କହିଛି। ଗତ ମାସେ ତଳେ ମହାସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କ ଆଗରେ ଦାବି ଉପସ୍ଥାପନ କରାଯାଇଥିବା ବେଳେ ଏହି ଦାବି ପୂରଣ ହୋଇ ନ ଥିବାରୁ ମଙ୍ଗଳବାରଠାରୁ ରାଜ୍ୟର ସମସ୍ତ ଗାଡ଼ି ଚାଳକ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ହୋଇଛି। ଗାଡି ଚାଳକମାନଙ୍କ ଦ୍ୱାରା ଡାକରା ଦିଆଯାଇଥିବା ଏହି ଆନ୍ଦୋଳନକୁ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଓ ଟ୍ରକ୍ ମାଲିକ ସଂଘ ସମର୍ଥନ ଜଣାଇଥିବାରୁ ସାରା ରାଜ୍ୟରେ ଆନ୍ଦୋଳନର ଜୋରଦାର ପ୍ରଭାବ ପଡ଼ିଛି।

ମହାସଂଘ ପକ୍ଷରୁ କୁହାଯାଇଛି ଯେ ଡ୍ରାଇଭର ମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ସରକାରଙ୍କୁ ଅବଗତ କରାଯାଇଛି। ଏହି ସମୟ ମଧ୍ୟରେ ଡ୍ରାଇଭରମାନଙ୍କର କେବଳ ଗୋଟିଏ ଦାବି ପୂରଣ ହୋଇଛି। ଗତ ମାର୍ଚ୍ଚ ୨୯ରୁ ୬ ଦିନ ପର୍ଯ୍ୟନ୍ତ ଗାନ୍ଧୀମାର୍ଗରେ ଡ୍ରାଇଭରମାନେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ହେଲେ ସରକାର ଡ୍ରାଇଭରମାନଙ୍କ ଦାବି ପୂରଣ ନେଇ କୌଣସି ପଦକ୍ଷେପ ନେଇ ନାହାନ୍ତି। ଯାହାଦ୍ୱାରା ଡ୍ରାଇଭରମାନଙ୍କ ମଧ୍ୟର ଅସନ୍ତୋଷ ପ୍ରକାଶ ପାଉଛି ଏବଂ ସମସ୍ତ ଡ୍ରାଇଭର ବଡ଼ ଆନ୍ଦୋଳନକୁ ଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ମହାସଂଘ ପକ୍ଷରୁ ରହିଥିବା ଦାବି ମଧ୍ୟରେ ଡ୍ରାଇଭର ଉନ୍ନୟନ ବୋର୍ଡରେ ଅଟୋ ଚାଳକଙ୍କୁ ସାମିଲ କରିବା ସହ ଜନ ସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ୍, ୬୦ ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା, ଗାଡ଼ି ପାଇଁ ପାର୍କିଂ ସ୍ଥଳୀ ଓ ଡ୍ରାଇଭରଙ୍କ ବିଶ୍ରାମ ପାଇଁ ସ୍ଥାନ, ଖଣି ଖାଦାନ ଏବଂ କାରଖାନାରେ ୭୦ ପ୍ରତିଶତ ଓଡ଼ିଆ ଡ୍ରାଇଭର ନିଯୁକ୍ତି ଓ ସେପ୍ଟେମ୍ବର ୧କୁ ଡ୍ରାଇଭର ଦିବସ ଘୋଷଣା ଆଦି ଦାବି ରହିଛି।

ଡ୍ରାଇଭର ସଂଘର ଆନ୍ଦୋଳନ ପରେ ସରକାରଙ୍କ ପକ୍ଷରୁ ସଂଘ ସହିତ ଆଲୋଚନା କରାଯାଇଛି। ମାତ୍ର ଏହି ଆଲୋଚନାରେ କୌଣସି ସନ୍ତୋଷ ଜନକ ପ୍ରତିଶ୍ରୁତି ମିଳି ନ ଥିବାରୁ ଆନ୍ଦୋଳନ ପ୍ରତ୍ୟାହାର ହେବ ନାହିଁ ବୋଲି ଡ୍ରାଇଭର ସଂଘର ସମ୍ପାଦକ ଚଇତନ ପ୍ରଧାନ କହିଛନ୍ତି। ଏହି ଆନ୍ଦୋଳନ ପରେ ମଙ୍ଗଳବାର ସନ୍ଧ୍ୟାରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଏସ୍‌ଟିଏ ଅଧ୍ୟକ୍ଷ ଅମିତାଭ୍ ଠାକୁର ପ୍ରମୁଖ ଡ୍ରାଇଭର ସଂଘ ସହିତ ଆଲୋଚନା କରିଥିଲେ। ଏହି ଆଲୋଚନା ବିଫଳ ହୋଇଥିବା ଜଣାପଡ଼ିଛି।

### ଚାଲିଗଲା ଜୀବନ...

ପ୍ରତି ସପ୍ତାହରେ ତାଙ୍କର ଦୁଇଥର ଡାଏଲିସିସ୍ ହେଉଥିଲା। ମଙ୍ଗଳବାର ସକାଳୁ ଝିଅ ସହ ସେ ଡାଏଲିସିସ୍ ପାଇଁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ଯିବା ପାଇଁ ବାହାରି କାକଟପୁରରେ ପହଞ୍ଚିଥିଲେ। କିନ୍ତୁ ଡ୍ରାଇଭର ସଂଘର ଧର୍ମଘଟ ଯୋଗୁଁ ବସ୍ ସେବା ବନ୍ଦ ଥିଲା ଏବଂ ସେ ଭୁବନେଶ୍ୱର ଯାଇ ପାରିନଥିଲେ। ସେଠାରୁ ଘରକୁ ଫେରିବା ବେଳେ ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଖବର ପାଇ ସାଙ୍ଗସାଥୀମାନେ ଏକ କାର୍ ଭଡ଼ା କରି ତାଙ୍କୁ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମବାସୀଙ୍କ ସହାୟତାରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ଏକମାତ୍ର ନାବାଳିକା କନ୍ୟା ଅଞ୍ଜଳି ଓ ପୁତୁରା ମୁଖାଗ୍ନି ଦେଇଥିଲେ। ରାଜକିଶୋରଙ୍କ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ସୂଚନାଯୋଗ୍ୟ, ସ୍ତ୍ରୀ ହୃଦ୍‌ରୋଗରେ ପୀଡ଼ିତ ହୋଇ ଅସ୍ତ୍ରୋପଚାର ହେବା ପରେ ରାଜକିଶୋରଙ୍କ କିଡ୍‌ନୀଜନିତ ସମସ୍ୟା ଦେଖାଦେଇଥିଲା। ପ୍ରତି ସପ୍ତାହରେ ଦୁଇଥର ଡାଏଲିସିସ୍ ଯୋଗୁଁ ତାଙ୍କର ସବୁ ସଞ୍ଚିତ ଅର୍ଥ ସେହି ବାଟରେ ଖର୍ଚ୍ଚ ହୋଇଯାଇଥିଲା। ଅପରପକ୍ଷେ, କିଛି ଦିନ ତଳେ ତାଙ୍କ ବାପାଙ୍କର ମଧ୍ୟ ମୃତ୍ୟୁ ହୋଇଯାଇଥିଲା। ବର୍ତ୍ତମାନ ତାଙ୍କ ପରିବାରରେ ବୃଦ୍ଧା ରୋଗୀଣା ମା', ହୃଦ୍‌ରୋଗରେ ପୀଡ଼ିତ ସ୍ତ୍ରୀ ଓ ଏକମାତ୍ର ନାବାଳିକା କନ୍ୟା ଅଛନ୍ତି। ରାଜକିଶୋରଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ପୁରୁଷଶୂନ୍ୟ ହୋଇପଡ଼ିଛି। ତେଣୁ ଏ ଅସମୟରେ ତାଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀମାନେ ରାଜ୍ୟ ସରକାରଙ୍କୁ ଅନୁରୋଧ କରୁଛନ୍ତି।

### ମିଳିଛି ପଟ୍ଟା...

ପାଲଟିଯାଇଛି। କେବଳ ରାଜଧାନୀ ନୁହେଁ, ରାଜ୍ୟର ଅଧିକାଂଶ ସ୍ଥାନରେ ସମାନ ଅବସ୍ଥା।

ୟୁନିଟ୍-୮ ଅଞ୍ଚଳର ବୈକୁଣ୍ଠନାଥ ସେନାପତି। ୨୦୧୭ ମସିହାରେ ଗାଡ଼କଣ ମୌଜାରେ ବିଲ୍ଡର ସଂସ୍ଥା ଜରିଆରେ ୧୫ଲକ୍ଷ ଟଙ୍କା ଦେଇ ୧୨୦୦ ବର୍ଗଫୁଟ୍‌ର ଜମି ଖଣ୍ଡେ କିଣି ପାଚେରୀ ବୁଲାଇଲେ। ଭୁବନେଶ୍ୱର ତହସିଲ୍ କାର୍ଯ୍ୟାଳୟରୁ ପଟ୍ଟା ବି ପାଇଲେ। ୨୦୨୫ ମସିହାରେ ଘର କରିବା ପାଇଁ ଉକ୍ତ ଜମିକୁ ଗଲାବେଳକୁ ସେଠି ୩ମହଲା କୋଠା ଛିଡ଼ା ହୋଇଛି। ହତବାକ୍ ବୈକୁଣ୍ଠ ଉକ୍ତ ବିଲ୍ଡର ସଂସ୍ଥାକୁ ଯୋଗାଯୋଗ କଲେ; ହେଲେ ସେଠାରୁ କୌଣସି ସହଯୋଗ ମିଳିଲାନି। ଶେଷରେ ପୁଲିସ ନିକଟକୁ ଗଲେ। ଦଲିଲ୍, ପଟ୍ଟା ସବୁ ପୁଲିସକୁ ଦେଖାଇଲେ। ପୁଲିସ ତାଙ୍କୁ ସରକାରୀ ଭାବେ ତହସିଲ୍ କାର୍ଯ୍ୟାଳୟରେ ଜମି ଚିହ୍ନଟ(ଡିମାର୍‌କେସନ୍) ପ୍ରକ୍ରିୟାରେ ଆବେଦନ ପାଇଁ ପ୍ରସ୍ତାବ ଦେଲା।

ବୈକୁଣ୍ଠନାଥ ତହସିଲ୍ କାର୍ଯ୍ୟାଳୟକୁ ଦୌଡ଼ିଲେ, ସେଠି ଆବଶ୍ୟକ ଫି' ଓ କାଗଜପତ୍ର ଜମା କରି ଆବେଦନ ବି କଲେ। ହେଲେ ତାଙ୍କ ଜମି ଚିହ୍ନଟ ପାଇଁ ସରକାରୀ ଅମିନ ଆସିଲେନି। ପ୍ରାୟ ୩ମାସ ଦୌଡ଼ିବା ପରେ ତହସିଲ୍ କାର୍ଯ୍ୟାଳୟର 'ଲ୍ୟାଣ୍ଡ ସର୍ଭେ ବିଭାଗ' କହିଲା, ଆଉ ୩ ବର୍ଷ ପରେ ଜମି ଚିହ୍ନଟ ହେବ। ଏବେ ଆମ ପାଖରେ ୩ହଜାର ଆବେଦନ ପଡ଼ିଛି। ଆମ ପାଖରେ ମାତ୍ର ଦୁଇ ଜଣ ସରକାରୀ ଅମିନ ଅଛନ୍ତି। ସେମାନେ ଦିନକୁ ଅତି ବେଶୀରେ ଦୁଇଟି ଜମି ଚିହ୍ନଟ କରିପାରୁଛନ୍ତି। ଏହାଶୁଣି ବୈକୁଣ୍ଠ ନିଜର ଜୀବନ ଯାକର ଜମା ପୁଞ୍ଜି ଦେଇ କିଣିଥିବା ଜମି ଖଣ୍ଡକ କୋଉଠି ବୋଲି ତାଙ୍କ ଜୀବଦଶରେ ଚିହ୍ନଟ କରିପାରିବେ ନା ନାହିଁ, ତାକୁ ନେଇ ଚିନ୍ତାରେ ପଡ଼ିଛନ୍ତି।

ଜମି ଚିହ୍ନଟ ପାଇଁ ରାଜସ୍ୱ ବିଭାଗ ଡିମାର୍‌କେସନ୍ ବ୍ୟବସ୍ଥା ରଖିଛି। ଏହି ପ୍ରକ୍ରିୟାରେ ଜମି ମାଲିକ ଆବେଦନ କଲେ, ସରକାରଙ୍କ ପକ୍ଷରୁ ଜମିର ଚଉହଦୀ ଜମି ଗୁଡ଼ିକୁ ଚିହ୍ନଟ କରି ସେମାନଙ୍କ ପାଖକୁ ଡାକ ଯୋଗେ ଚିଠି ପଠାଇବେ। ଏଥିପାଇଁ ଆବେଦନକାରୀଙ୍କ ଆବେଦନକୁ ଭିତ୍ତିକରି ପ୍ରତିବେଦୀମାନଙ୍କୁ ତହସିଲ୍ କାର୍ଯ୍ୟାଳୟ ତରଫରୁ ଡକାଯିବ। ସେମାନଙ୍କ ଖାତା ନମ୍ବର ଓ ପ୍ଲଟ୍ ନମ୍ବର ଆବେଦନକାରୀଙ୍କ ଖାତା ନମ୍ବର ଓ ପ୍ଲଟ୍ ନମ୍ବର ଉକ୍ତ ମଉଜାରେ କେଉଁଠି ଅଛି ତାକୁ ସରକାରୀ ପ୍ରଦତ୍ତ ମ୍ୟାପ୍ ଅନୁଯାୟୀ ଚିହ୍ନଟ କରି ଜମି ଚିହ୍ନଟ କରାଯିବ। ଏହି ପ୍ରକ୍ରିୟା ଦ୍ୱାରା ଜଣେ ଜମି ମାଲିକ ବାସ୍ତବରେ ନିଜର ଜମି କେଉଁଟା ଜାଣିପାରିବ। ହେଲେ ତହସିଲ୍ କାର୍ଯ୍ୟାଳୟରେ ଆବଶ୍ୟକ ଅମିନ ନାହାନ୍ତି। ୧୦ଟି ମଞ୍ଜୁରପ୍ରାପ୍ତ ଅମିନ ପଦବୀ ଥିବାବେଳେ ଅଛନ୍ତି ମାତ୍ର ୨ଜଣ। ତେଣୁ ଜମି ଚିହ୍ନଟ ପ୍ରକିୟା ପୁରା ଧୀମା ଗତିରେ ଚାଲୁଛି। ତେଣୁ ଏହି ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

### ମନମୋହନଙ୍କ ମଥାରେ...

ବିଜେପି ସଭାପତି ଘୋଷଣା ହେବା ପରେ ମନମୋହନ ସାମଲଙ୍କ ପାଇଁ ଦଳୀୟ କାର୍ଯ୍ୟାଳୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ, ସାଂସଦ, ବିଧାୟକ, ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା, ଜିଲାସ୍ତରରୁ ଆସିଥିବା ନବ ନିର୍ବାଚିତ ମଣ୍ଡଳ ଓ ଜିଲ୍ଲା ସଭାପତିମାନେ ଉପସ୍ଥିତ ଥିଲେ।

ଏହି ଅବସର ଶ୍ରୀ ସାମଲ କହିଛନ୍ତି ଯେ ମୋତେ ମିଳିଥିବା ଦାୟିତ୍ୱ ସଂଗଠନ କର୍ମକର୍ତ୍ତାଙ୍କର । ସେମାନଙ୍କର ପରିଶ୍ରମ ପାଇଁ ଆମେ ରାଜ୍ୟରେ ସରକାର କରିପାରିଛୁ। ସରକାର ଆଣିବା ଯେତିକି କଷ୍ଟ, ସଂକଳ୍ପ ପୂରଣ ପାଇଁ ସେତିକି କଷ୍ଟ । ରାଜ୍ୟରେ ବିଜେପି ସରକାର ଲମ୍ବା ସମୟ ଧରି ରହିବ। ଆମ ପାଖରେ ଯୋଗ୍ୟ ମୁଖ୍ୟମନ୍ତ୍ରୀ ଓ ଯୋଗ୍ୟ କର୍ମକର୍ତ୍ତା ଅଛନ୍ତି। ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମେ ଆମର ପ୍ରତିବଦ୍ଧତାକୁ ପୂରଣ କରିବା। ସରକାର ସହ ଦଳ ଖୁଣ୍ଟ ହୋଇ ଠିଆ ହୋଇ ରହିବ। ଓଡ଼ିଶାରେ ଲମ୍ବା ସମୟ ଧରି ଆମର ଶାସନ ରହିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ମନମୋହନଙ୍କ ନେତୃତ୍ୱକୁ ଭୂୟସୀ ପ୍ରଶଂସା କରିଥିଲେ। ମନମୋହନଙ୍କ ନେତୃତ୍ୱ ଯୋଗୁଁ ରାଜ୍ୟରେ ସରକାର ଗଠନ କରିପାରିଛୁ ଓ ରାଜ୍ୟରେ ୨୧ରୁ ୨୦ ସାଂସଦ ଜିତିବା ମନମୋହନ ଭାଇଙ୍କ ନେତୃତ୍ୱ ପାଇଁ ସମ୍ଭବ ହୋଇଛି। ପୋଷ୍ଟରୁ ଲଗାଇ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିବା ମନମୋହନ ଦଳର ୪ ଥର ନେତୃତ୍ୱ ନେଇ ଇତିହାସ ରଚିଛନ୍ତି। ଏହି ଅବସରରେ ତାଙ୍କୁ ମୁଁ ଅଭିନନ୍ଦନ ଜଣାଉଛି। ମନମୋହନଙ୍କ ନେତୃତ୍ୱରେ ଦଳ ନିରନ୍ତର ଭାବେ ଆଗକୁ ବଢ଼ିବ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ ଆଶା ପ୍ରକାଶ କରିଛନ୍ତି।

### ଆଗରେ ଆହ୍ୱାନ...

ତେବେ ଚଳିତ ଥର ମନମୋହନଙ୍କ ପାଇଁ ଦଳ ପରିଚାଳନା ସହଜ ହେବନାହିଁ ବୋଲି ଯୁକ୍ତି ବାଢ଼ିଛନ୍ତି ରାଜନୈତିକ ବିଶେଷଜ୍ଞ। ନିଗମ ଓ ବୋଡର୍‌ଗୁଡ଼ିକରେ ନିଯୁକ୍ତି ଆଶାରେ ଆତୁର ନେତାଙ୍କୁ ସନ୍ତୁଷ୍ଟ କରିବା ଦଳ ସଭାପତି ଓ ସରକାରଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେବ। ଅନୁରୂପ ଭାବରେ ବିଶୃଙ୍ଖଳିତ ନେତା, ବିଧାୟକଙ୍କ ଉପରେ ଲଗାମ କଷିବା ଏବଂ ସରକାର ଓ ସଂଗଠନ ମଧ୍ୟରେ ତାଳମେଳ ରଖିବା ମନମୋହନଙ୍କ ପାଇଁ କାଠିକର ପାଠ ହେବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଲାଣି।

ସରକାରଙ୍କୁ ୧୩ ମାସ ପୂରିବାକୁ ଯାଉଛି। ମାତ୍ର ଏଯାବତ୍ ବିଭିନ୍ନ ନିଗମ, ବୋର୍ଡ, ଅକାଦେମୀ ଏବଂ କମିଶନରେ ନିଯୁକ୍ତି ହୋଇପାରିଲା ନାହିଁ। ଦଳ ମଧ୍ୟରେ ତୀବ୍ର ଗୋଷ୍ଠୀକନ୍ଦଳ ଏବଂ ବରିଷ୍ଠଙ୍କ ମଧ୍ୟରେ ଛକାପଞ୍ଝା କାରଣରୁ ଏହା ସମ୍ଭବ ହୋଇପାରୁ ନାହିଁ। ନିଜ ନିଜ ଅନୁଗତଙ୍କୁ ଥଇଥାନ ପାଇଁ ପ୍ରମୁଖ ନେତାଙ୍କ ମଧ୍ୟରେ ଏକପ୍ରକାର ରେସ୍ ଲାଗିଥିବା ବେଳେ ନେତୃତ୍ୱ ସହମତି ଆଣିପାରୁ ନାହାନ୍ତି। ନିଗମ ନିଯୁକ୍ତି ପାଇଁ ଗତ ବର୍ଷକ ମଧ୍ୟରେ ଏକାଧିକ ଥର ପ୍ରୟାସ ହୋଇଥିଲେ ହେଁ ଶେଷରେ ଏହା ବିଫଳ ସାବ୍ୟସ୍ତ ହୋଇଛି। ଅତଏବ, ପୁନର୍ବାର ସଭାପତି ଦାୟିତ୍ୱ ନେବା ପରେ ଛାମୁଆଙ୍କ ମଧ୍ୟରେ ସହମତି ଆଣି ନିଗମ, ବୋର୍ଡ ନିଯୁକ୍ତିକୁ ସାକାର ରୂପ ଦେବା ମନମୋହନଙ୍କ ପାଇଁ ପ୍ରମୁଖ ଆହ୍ୱାନ ସାଜିବ ବୋଲି କୁହାଯାଉଛି। ପୁନଶ୍ଚ ଦଳରେ ବଢୁଥିବା ବିଶୃଙ୍ଖଳାକୁ ପ୍ରଶମନ କରିବା ମଧ୍ୟ ମନମୋହନଙ୍କ ପାଇଁ କାଠିକର ପାଠ ହେବ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

ନିକଟରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଏବଂ ଭୁବନେଶ୍ୱର ବିଜେପିର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନଙ୍କ କ୍ଷେତ୍ରରେ ଦଳର ନିରବତା ସଂଗଠନରେ ରହିଥିବା ଦୁର୍ବଳତାକୁ ପରିପ୍ରକାଶ କରିଛି। ଦଳରେ ଶୃଙ୍ଖଳାର ଅଭାବ ଯୋଗୁଁ କେହି କାହାରିକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି। ଯାହାପାଇଁ ନେତାମାନେ ଦିନକୁ ଦିନ ଲଗାମ ଛଡ଼ା ହେବାକୁ ବସିଥିବା ବେଳେ ଦଳକୁ ଏଥିପାଇଁ ସାଧାରଣରେ ଅପଦସ୍ତ ହେବାକୁ ପଡୁଛି। ତୃଣମୂଳସ୍ତରରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ବିଜେପି ନେତାମାନେ ଏକପ୍ରକାର ନିଜ କବଜାକୁ ନେଇଥିବା ବେଳେ ସରକାରୀ ଅଧିକାରୀ ଏବଂ କର୍ମଚାରୀମାନେ ମୁକ୍ତ ଭାବେ କାର୍ଯ୍ୟ କରି ପାରୁନାହାନ୍ତି। ଯାହାର ପ୍ରଭାବ ବିକାଶମୂଳକ କାମ ଉପରେ ସିଧାସଳଖ ପଡୁଛି। ତେଣୁ ଦଳରେ କିପରି ଶୃଙ୍ଖଳା ଫେରାଇ ଅଣାଯିବ, ତାହା ମନମୋହନଙ୍କ ଆଗରେ ଅନ୍ୟତମ ବଡ଼ ଆହ୍ୱାନ ସାଜିବ ବୋଲି ତଥ୍ୟଭିତ୍ତିକ ମହଲ ଯୁକ୍ତି ବାଢ଼ିଛନ୍ତି।

ଅପରପକ୍ଷେ ଗତ ଏକବର୍ଷରେ ସଫଳତା ଅପେକ୍ଷା ବିଭିନ୍ନ କ୍ଷେତ୍ରରେ ବିବାଦ, ବିଶୃଙ୍ଖଳା ଉଭୟ ସରକାର ଏବଂ ସଂଗଠନ ପାଇଁ ବଦନାମ ଆଣିଛି। ଆଉ ଦେଢ଼ ବର୍ଷ ପରେ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ହେବ। ୨୦୨୪ ସାଧାରଣ ବିଜୟ ଯେ ଆକସ୍ମିକ ନଥିଲା, ଏହାକୁ ପ୍ରମାଣିତ କରିବାକୁ ହେଲେ ଦଳକୁ ପଞ୍ଚାୟତ ଓ ପୌର ନିର୍ବାଚନରେ ଆଖିଦୃଶିଆ ସଫଳତା ହାସଲ କରିବାକୁ ପଡ଼ିବ। ଏଥିପାଇଁ ସରକାରଙ୍କୁ ବିକାଶ ମୂଳକ କାର୍ଯ୍ୟକ୍ରମ ଏବଂ ସଂଗଠନକୁ ସଶକ୍ତ ହେବାର ଆବଶ୍ୟକତା ରହିଛି। ଏହା ମନମୋହନଙ୍କ ପାଇଁ ଅନ୍ୟତମ ଆହ୍ୱାନ ସାଜିବ ବୋଲି ସାଧାରାଣରେ ମତପ୍ରକାଶ ପାଉଛି।


GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA

email- serwsbd2003@yahoo.com

O-381

**e- Procurement Notice for Road Work**

1 Name of the work : Periodical Renewal work of 5 year post DLP PMGSY Roads (14 Nos)

3 Class of contractor : "B" & "A" Class of (Odisha PWD) or relevant class of other licensing authority .

3 Estimated Cost : Varies from Rs.73.95 Lakhs to Rs. 283.61 Lakhs (Approximately)

4 Details projects as per Annexure attached. :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD – Online – 07/2025-26 | 10.07.2025 at 11.00 A.M. | 30.07.2025 up to 5.00 P.M. | 29.07.2025 up to 2.00 P.M. | 31.07.2025 at 11.00 A.M. | To be intimated separately |

5. The details of works can be seen from the web site https://www.tendersodisha.gov.in
6. Any Corrigendum/Addendum will be displayed in the above e-tender web site.

OIPR-25182/11/0064/2526

Chief Construction Engineer,
Rural Works Circle, Sunabeda

C-618

e-mail: eephbhpt@gmail.com

GOVERNMENT OF ODISHA
OFFICE OF THE SUPERINTENDING ENGINEER, PUBLIC HEALTH DIVISION, BHAWANIPATNA
Parmanandpur, Railway Station Road, Bhawanipatna, Dist: Kalahandi, PIN -766002

**NATIONAL COMPETITIVE BIDDING THROUGH e-Procurement**
**Identification No.SEPH-BHPT– 07 of 2025-26/ Dt. 04.07.2025**
e-Procurement Notice

01. Name of the Work : 3no Work.
02. Type of Bid. : Single Bid System
03. Estimated Cost : Rs. 6.65 to Rs. 10.44 lakh
04. Period of Completion : 01 (One) Calendar Months
05. Date & Time of availability of bid document in the portal : From 11.00 AM of dt. 08.07.2025 to 5.00 PM of 17.07.2025
06. Last date / time of receipt of bids in the portal : 5.00 PM of 17.07.2025.
07. Date & Time of opening of technical bids : At 11.30 AM of 18.07.2025
08. Name and Address of the Officer Inviting Bid : Superintending Engineer, P.H. Division, Bhawanipatna , Railway Station Road, At/Po- Parmanandpur, 766002 Dist- Kalahandi.

Further details can be seen from the web site http://tenders.ori.nic.in or www.tendersorissa.gov.in

OIPR-13059/11/0028/2526

Superintending Engineer,
P.H. Division, Bhawanipatna

**ODISHA LIFT IRRIGATION CORPORATION LTD**

CAD-995

(A GOVERNMENT OF ODISHA UNDERTAKING)
PLOT NO.17/2, NAYAPALLI, BHUBANESWAR-12

Phone : (0674) 2390195,
Fax : (0674)2395844
E-mail : olicltd123@bsnl.com
olicltd@ymail.com

**No. 4P-24/2025, 5427/OLIC, Dated: 03.07.2025**

**NATIONAL COMPETITIVE BIDDING THROUGH e-Procurement**

The Managing Director, OLIC Ltd., Bhubaneswar invites online tender through e-procurement with Technical and Commercial bids for supply of Control Panel with DOL Starter in conformity with detail tender call notice from reputed manufactures as per the following schedule.

| Sl. No. | Tender Specification No. | Brief Description | Approx. Quantity Required in Nos. | Estimated cost in (Rs. in lakhs) | Bid Security Declaration to be submitted for EMD (Rs. In lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-11 (E) 2025-26 | Control panel with DOL starter suitable for 3.0 HP submersible pump sets coupled with induction motor | 19400 | 814.412 | 8.14412 | 11,800/- (inclusive of 18% GST) |

1. Period of Completion :- 60 days from the date of issue of purchase order.
2. Date& Time of availability of bid document in the portal:- From Dt.10.07.2025 to Dt. 08.08.2025
3. Last date/Time for receipt of bids in the portal:-Dt.08.08.2025 upto17.00 hrs.
4. Last date of seeking clarification: Dt. 18.07.2025 up to 17.00 hrs
5. Date of opening of Technical Bid : Dt. 11.08.2025 at 11.00 hours.
6. Name and address of the Officer inviting Bid:- M.D , OLIC,. Plot No. N- 17/2, Nayapalli, P.B No.155 Bhubaneswar-751 012
7. Further details can be seen from the e-procurement portal https://tendersodisha.gov.in

Any Addendum/ corrigendum/ Cancellation of tender will be available in the said website. Authority reserves the right to reject any or all the tenders without assigning any reasons thereof .

OIPR-32135/11/0051/2526

EXECUTIVE DIRECTOR

बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ସ୍କୋୟାର ନିକଟ, ଭୁବନେଶ୍ୱର - ୭୫୧୦୨୨, ଇ-ମେଲ୍: dzmbbsr@mahabank.co.in

**ଲକର ନୋଟିସ୍**

| କ୍ର. ନଂ. | ଲକର ନଂ. | ଗ୍ରାହକମାନଙ୍କ ନାମ ଏବଂ ଠିକଣା |
|---|---|---|
| | | ଭୁବନେଶ୍ୱର ଶାଖା, ସା: ପ୍ଲଟ୍ ନଂ.: ୪୨୬/୨୨୬୦, ଏନ୍.ବି.ଟାୱାର, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୨ |
| ୧ | ୬ | ପବିତ୍ର ରାଉତରାୟ, ପ୍ଲଟ୍ ନଂ.: ୧୨୪୮, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨ |
| ୨ | ୩୯ | ପ୍ରତାପ ପଟ୍ଟନାଏକ, ବ୍ଲକ୍-ଏ, କ୍ୱାର୍ଟର ନଂ.: ୬୦୨, କ୍ରୀଷ୍ଣା ଟାୱାର୍ସ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨ |
| ୩ | ୮୬ | ଅଶୋକ କାନୁନ୍‌ଗୋ, ଏମ୍/୫-୨୪, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର-୭୫୧୦୧୩ |

ବ୍ୟାଙ୍କ ଦ୍ୱାରା ଉପରଦର୍ଶିତ ଲକରଧାରୀମାନଙ୍କୁ ବ୍ୟାଙ୍କରେ ପଞ୍ଜିକୃତ ଥିବା ସେମାନଙ୍କର ଠିକଣାରେ ବାରମ୍ବାର ନୋଟିସ୍ ଦିଆଯାଇଥିଲେ ମଧ୍ୟ ସେମାନେ ସେମାନଙ୍କର ଲକର ଫିସ୍ ପୈଠ କରିବାରେ ବିଫଳ ହୋଇଛନ୍ତି ଏବଂ ଶାଖା ସହିତ ଯୋଗାଯୋଗ କରୁନାହାଁନ୍ତି। ତେଣୁ ସେମାନଙ୍କୁ ଜଣାଇ ଦିଆଯାଉଛି କି, ଏହି ନୋଟିସ୍ ତାରିଖ ଠାରୁ ୯୦ ଦିନ ମଧ୍ୟରେ ସେମାନେ ସେମାନଙ୍କର ବ୍ୟାଙ୍କ ଶାଖା ସହ ଯୋଗାଯୋଗ କରନ୍ତୁ ଏବଂ ବ୍ୟାଙ୍କର ବକେୟା ଦେୟ ସଙ୍ଗେ ସଙ୍ଗେ ପୈଠ କରନ୍ତୁ। ଆପଣମାନେ ବକେୟା ଦେୟ ପୈଠ କରୁନଥିବାରୁ ବ୍ୟାଙ୍କ ପକ୍ଷରୁ ଦେୟ ପୈଠ ନିମନ୍ତେ ବାରମ୍ବାର ଅନୁରୋଧ କରାଯାଉଛି ତଥାପି ଆପଣମାନେ ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି, ଫଳସ୍ୱରୂପ ଆପଣଙ୍କର ଭଡା ଲକରର ସମସ୍ତ ଅଧିକାର ବାଜ୍ୟାପ୍ତି ହୋଇଯିବ ଏବଂ ଆପଣଙ୍କୁ ଆବଣ୍ଟିତ ଲକରକୁ ବ୍ୟାଙ୍କ ପୁନଃ ଦଖଲ କରିବାରେ ହକଦାର ହେବ।

ବ୍ୟାଙ୍କ ଆପଣଙ୍କ ଲକର ଉପରେ ପୁନଃ ଦଖଲ ଅଧିକାର ପ୍ରୟୋଗ କରି, ତାହାକୁ **ତା.୧୩.୧୦.୨୦୨୫ରିଖ (ନୋଟିସ୍ ପ୍ରକାଶନର ୯୦ ଦିନ ଠାରୁ) ମଧ୍ୟାହ୍ନ ୧୨.୦୦ ଘଟିକା (ସମୟ)**ରେ ଆପଣଙ୍କ ଖର୍ଚ୍ଚ ଏବଂ ଦାୟରେ ଭାଙ୍ଗି ଖୋଲିବାକୁ ସ୍ଥିର କରିଛି। ଏଣୁ, ଆପଣଙ୍କୁ ପରାମର୍ଶ କି ଆପଣ ଏହି ନୋଟିସ୍ ପ୍ରକାଶନ ତାରିଖ ଠାରୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ବକେୟା ଦେୟ ବ୍ୟାଙ୍କକୁ ପୈଠ କରନ୍ତୁ।

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୯.୦୭.୨୦୨୫ — ଶାଖା ପ୍ରବନ୍ଧକ/କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

**NOTICE**

By virtue of an affidavit sworn before The Notary Public, Bhubaneswar dated- 07.07.2025. I, **HARAN BIBI**, Address: At-Dibyasinghaprasad, Po- Keranga, Ps/Dist- Khordha, Odisha-752055 and presently residing at Dibyasinghaprasad, Po- Keranga, Ps/Dist- Khordha, Odisha-752055 declare that I have changed my name from **HARUN BIBI** to **HARAN BIBI.** Henceforth, she shall be known as **HARAN BIBI** for all purposes.

**(HARAN BIBI)**

**AFFIDAVIT**

I, Dibyasingha Dash, age about 82 years, S/o- Late Anam Dash, resident of At- Kolar, Po- Desthali, Ps-Kakatpur, Dist- Puri, Pin- 752107, Odisha declared by this affidavit No. 8190, dated- 08.07.2025 that now onwards I Shall be known **DIBYASINHA DASH** for all future purposes.

**AFFIDAVIT**

I, Saikat Dev, S/o- Samir Deb, resident of At- Gali No.7, Pahadi Mandir, PO- K.M. Road, Ps/Dist- Jharsuguda, PIN- 768202, Odisha declared by this affidavit No. 3234, dtd- 07/07/2025 that now onwards I shall be known as **SAIKAT DEB** for all future purposes.

**AFFIDAVIT**

I, Bachana Sahoo, S/o- Late Bairagi Sahoo resident of At- Talamal, Po- Gadakokal, PS- Brahmagiri, Dist- Puri, Pin-752011, Odisha declare by this affidavit no-07, dtd-09/05/2025 that now onwards I shall be known as **BACHAN SAHOO** for all future purposes.

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ସଂ. ELOP-T-06-2025

**କାର୍ଯ୍ୟର ନାମ :** 02 ବର୍ଷ ଅବଧି ନିମନ୍ତେ ସବ୍‌ସିଡ୍ ପ୍ରାପ୍ତ ଭୋଜନ ବ୍ୟବସ୍ଥା ସହିତ ଅନୁଗୁଳ ଠାରେ କ୍ଲବି ଏବଂ ରନିଙ୍ଗ୍ ରୁମ୍‌ର ରକ୍ଷଣାବେକ୍ଷଣ।

**ବିଜ୍ଞାପିତ ମୂଲ୍ୟ :** ₹ 1,49,76,774.36, EMD : ₹ 2,24,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 5,900/-, ଶେଷ ହେବା ଅବଧି : 730 ଦିନ।

(2) ଟେଣ୍ଡର ସଂ. ELOP-T-07-2025

**କାର୍ଯ୍ୟର ନାମ :** 02 ବର୍ଷ ଅବଧି ନିମନ୍ତେ ବାହାର ଏଜେନ୍ସି ଜରିଆରେ ସବ୍‌ସିଡ୍ ପ୍ରାପ୍ତ ଭୋଜନ ବ୍ୟବସ୍ଥା ସହିତ ପାରାଦ୍ୱୀପ ଠାରେ କ୍ଲ ଲବି ଏବଂ ରନିଙ୍ଗ୍ ରୁମ୍‌ର ରକ୍ଷଣାବେକ୍ଷଣ।

**ବିଜ୍ଞାପିତ ମୂଲ୍ୟ :** ₹ 3,06,70,684.98, EMD : ₹ 3,03,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 11,800/-, ଶେଷ ହେବା ଅବଧି : 730 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.10.07.2025ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.24.07.2025ରିଖ 1600 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ **www.ireps.gov.in**ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ଼

PR-332/Q/25-26

**AFFIDAVIT**

I, Bikash Agrawal, S/o- Ramniwas Agrawal, Resident of Ward No.11, Shaktinagar, Bargarh, P.O./P.S./ Dist.- Bargarh, Pin- 768028 (Odisha), declare by this Affidavit No. 92, Dated 07.07.2025, that now onwards I shall be known as **Bikash Agrawala** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar on dated 05.07.2025 vide C.F.No.01 Dated 05.07.2025, I Rohit Mahakhud (New Name) employed as AAO ZAO, CBDT, Bhubaneswar, Odisha declare that, I have changed my name from Rohita Mahakhuda (Old Name) to Rohit Mahakhud (New Name). Henceforth I shall be known as **Rohit Mahakhud** for all purpose.

**AFFIDAVIT**

By virtue of an affidavit sworn before Executive Magistrate: Papadahandi, on 26-06-2025. I Daimati Bindhani, W/o Damu Bindhani, residing At/Po: Biriguda Ps: Kodinga Dist: Nabarangpur, declare that I have changed my name from Dayamati Bindhani to Daimati Bindhani. Henceforth I shall be known as **Daimati Bindhani** for all purposes.

**AFFIDAVIT**

By virtue of an affidavit sworn before Executive Magistrate: Papadahandi, on 07-07-2025. I Durjyan Goud, residing At: SilokgudaPo: Mokia Ps: Papadahandi Dist: Nabarangpur, declare that I have changed my Son's name from Dama Goud to Sripati Goud. Henceforth he shall be known as **Sripati Goud** for all purposes.

**AFFIDAVIT**

I, Ajay Kumar Pradhan, S/o- Laxmidhar Pradhan, resident of At/Po- Dandamukundapur, Ps- Pipili, Pin- 752104, Dist- Puri, Odisha declared by this affidavit No- 8189, dated- 08.07.2025, that now onwards I shall be known as **AJAYA KUMAR PRADHAN** for all future purposes.

**AFFIDAVIT**

I, Swarnamudra Dev, W/o- Saikat Deb, resident of At- Gali No.7, Pahadi Mandir, PO- K.M. Road, Ps/Dist- Jharsuguda, PIN- 768202, Odisha declared by this affidavit No. 3233, dtd- 07/07/2025 that now onwards I shall be known as **SWARNAMUDRA DEB** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Pattamundai on dated- 08/07/2025. I, **Jharana Das**, D/o-Debendra Swain, resident of Village-Chhedara, Po- Gunupur, PS- Pattamundai, Dist. Kendrapada, Odisha. My Name has been recorded as **Mataji Jharana Dash** in my postal NSC Ac No- 6275385402 and **Mataji Jharana Dash** in my postal SB Ac No. 6274869013. I declare that **Jharana Das, Matji Jharana Dash & Mataji Jharana Dash** is one and same person for all future purposes.

**AFFIDAVIT**

By virtue of an affidavit before Notary public, Kantabanji, I, **Bijay Kumar Agrawal**, formally called Bijaya Kumar Agrawal, S/o.: Basanta Lal Agrawal, permanent resident of Kaushalyapara, Bangomunda, Bolangir, Odisha-767040, currently residing at Kaushalyapara, Bangomunda, Bolangir, Odisha-767040 declared for and on behalf of myself I wholly renounce, relinquish and abandon the use of my former name of Bijaya Kumar Agrawal and in place thereof do assume from the date hereof the name of **Bijay Kumar Agrawal** and as that may thereafter be called, known and distinguished not by my former name of Bijaya Kumar Agrawal but by my assumed name of **Bijay Kumar Agrawal.**

## ଷ୍ଟେସନକୁ ନାହିଁ ଟାଉନ ବସ୍ ସୁବିଧା

# ଦୁର୍ଦ୍ଦଶା ଭୋଗୁଛନ୍ତି ପାରାଦୀପର ଟ୍ରେନ ଯାତ୍ରୀ

ପାରାଦୀପ, ୮।୭(ସମିସ):

ଶିଳ୍ପ ସହର ପାରାଦୀପରେ ଟ୍ରେନ ଯାତ୍ରୀଙ୍କ ଦୁର୍ଦ୍ଦଶା ଦିନକୁ ଦିନ ବଢ଼ିଚାଲିଛି। ପାରାଦୀପ ବନ୍ଦର ସମେତ ବହୁ ଛୋଟବଡ ଶିଳ୍ପ ରହିଛି। ଶିଳ୍ପ ଓ ବନ୍ଦରକୁ ଆଖି

- ୭ କିମି ରାସ୍ତା ପାଇଁ ଅଟୋ ଭଡ଼ା ୨୦୦
- ବାଟରେ ରହିଛି ଦୁଇଟି ଲେବଲ କ୍ରସିଂ

ଆଗରେ ରଖି ପାରାଦୀପରୁ ଗମନାଗମନ ସୁବିଧା ପାଇଁ ଭାରତୀୟ ରେଳ ବିଭାଗ ପକ୍ଷରୁ ରେଳ ସେବା ମଧ୍ୟ ଯୋଗାଇ ଦିଆଯାଇଛି। ପୂର୍ବରୁ ବଉରିଆ ପାଳନ୍ଦା ନିକଟରେ ଥିବା ଷ୍ଟେସନ ଏବେ ଆଉ ଗୋଟିଏ କିମି ଦୂରକୁ ଉଠାଇ ଦିଆଯାଇଛି। ଏହି ୧ କିମି ମଧ୍ୟରେ ଦୁଇ ଦୁଇଟି ଲେବୁଲ କ୍ରସିଂ ରହିଛି। ଯାତ୍ରୀବାହୀ ଟ୍ରେନ ଛାଡିବା ସମୟରେ ଯଦି ମାଲବାହୀ ଟ୍ରେନ ଯିବା ପାଇଁ ଲେବୁଲ କ୍ରସିଂ ପଡ଼ିଯାଏ, ତେବେ ଯାତ୍ରୀ ଠିକ୍ ସମୟ



ମଧ୍ୟରେ ଟ୍ରେନ ଧରି ପାରେନାହିଁ। ଟ୍ରେନ ଯାତ୍ରୀଙ୍କ ପାଇଁ ଏହି ଲେବୁଲ କ୍ରସିଂ ବାଧକ ସାଜିଥିବାବେଳେ ବଉରିଆ ପାଳନ୍ଦାରେ ଥିବା ତିନୋଟି ତୈଳ ଟର୍ମିନାଲର ଟ୍ୟାଙ୍କଲର ରାସ୍ତା ଉପରେ ଟ୍ରେନ ଯାତ୍ରୀଙ୍କୁ ବହୁ ସମୟରେ ଅସୁବିଧାରେ ପକାଉଥିବା ଦେଖିବାକୁ ମିଳୁଛି।

ତିନି ଟର୍ମିନାଲର ଟ୍ୟାଙ୍କଲ ପାର୍କିଂ ପାଇଁ ଆବଶ୍ୟକୀୟ ସ୍ଥାନ ନ ଥିବାରୁ ସେଗୁଡିକ ରାସ୍ତାର ଉଭୟ ପାର୍ଶ୍ୱରେ ଲାଇନ ହୋଇ ଛିଡ଼ା ହେବାକୁ ପଡୁଛି। ଫଳରେ ରାସ୍ତା ବହୁ ସମୟ ଜାମ ରହୁଛି। ଏଥିପ୍ରତି ସ୍ଥାନୀୟ ପିପିଏଲ ଫାଣ୍ଡି ଅଧିକାରୀ ନଜର ରଖିବାର ଆବଶ୍ୟକତା ରହିଛି। ସବୁଠୁ ବଡ ସମସ୍ୟା ହେଲା ଜଣେ ଟ୍ରେନ ଯାତ୍ରୀ ସୁରକ୍ଷିତ ଭାବେ ଉଚିତ ମୂଲ୍ୟ ଦେଇ ଷ୍ଟେସନରେ ପହଞ୍ଚିପାରୁନାହିଁ। ପୂର୍ବରୁ ପାରାଦୀପ ବସ୍‌ଷ୍ଟାଣ୍ଡରୁ ଟାଉନ ବସ୍ ଚାଲିଥିଲା। ଲୋକଙ୍କୁ ୭ କିମି ରାସ୍ତାକୁ ସର୍ବାଧିକ ୫ରୁ ୧୦ ଟଙ୍କା ପର୍ଯ୍ୟନ୍ତ ଦେବାକୁ ପଡୁଥିଲା। ଏବେ କିନ୍ତୁ ଟାଉନ ମଧ୍ୟରୁ ଟାଉନ ବସ ସେବା ମିଳୁ ନ ଥିବାବେଳେ ଜଣେ ଟ୍ରେନ ଯାତ୍ରୀଙ୍କୁ ୨୦୦ ଟଙ୍କା ଦେଇ ଅଟୋ ରିଜର୍ଭ କରି ଯିବାକୁ ପଡୁଛି। ବହୁ କମ୍ ସମୟ ପ୍ୟାସେଞ୍ଜର ଅଟୋ ଯଦିବା ମିଳୁଛି, ତାହା ପୁଣି ସେମାନେ ମନଇଚ୍ଛା ୭ କିମି ରାସ୍ତା ପାଇଁ ୪୦ ଟଙ୍କା ନେବା ପାଇଁ ଜୁଲମ କରୁଛନ୍ତି। ସେମାନଙ୍କ ମନମୁଖୀ ଟଙ୍କା ଦାବି ପାଇଁ କେହିବି ପାଟି ଖୋଲୁନାହାନ୍ତି। ପାରାଦୀପରୁ ପ୍ରତିଦିନ ହଜାର ହଜାର ଲୋକ ଜିଲ୍ଲା ତଥା ରାଜ୍ୟ ବାହାରକୁ ଟ୍ରେନ୍‌ରେ ଯାତାୟାତ କରୁଛନ୍ତି। ତେବେ ବନ୍ଦର କିମ୍ବା ମ୍ୟୁନିସିପାଲିଟି ପକ୍ଷରୁ ଟାଉନ ବସ୍ ସେବା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ପୋର୍ଟ ଟାଉନସିପ, ଇଫକୋ ଟାଉନସିପ, ନେହୁର ବଙ୍ଗଳା, ଷଣ୍ଢକୁଦ, ପାରାଦୀପଗଡ ଓ ବିଜୟଚାନ୍ଦପୁର ଅଞ୍ଚଳରୁ ଟ୍ରେନରେ ଯିବାକୁ ଚାହୁଁଥିବା ଲୋକେ ଟାଉନ ବସ୍ ନ ଚାଲିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାବ୍ୟତୀତ ରାତି ୯ଟା ପରେ ପାରାଦୀପରୁ ବିଶାଖାପାଟଣା ଯାଉଥିବା ଟ୍ରେନ ଯାତ୍ରୀ ମଧ୍ୟ ସେଇ ସମାନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୈନିକ ପ୍ରାୟ ୮ ଥର ପ୍ୟାସେଞ୍ଜର ଟ୍ରେନ ପାରାଦୀପରୁ ଯିବାଆସିବା କରୁଛି। ହେଲେ କୌଣସି ଶିଳ୍ପ ସଂସ୍ଥା, ବନ୍ଦର କର୍ତ୍ତୃପକ୍ଷ କିମ୍ବା ମ୍ୟୁନିସିପାଲିଟି କେହି ବି ସାଧାରଣ ଲୋକଙ୍କ ଏହି ସମସ୍ୟା ଉପରେ ନଜର ଦେଉ ନ ଥିବା ଅଭିଯୋଗ ହୋଇଛି।

## ରିଘାଗଡ଼ ବଳଦେବଜୀଉଙ୍କ ନୀଳାଦ୍ରି ବିଜେ



ରାଜନଗର, ୮।୭ (ସମିସ): ରାଜନଗର ବ୍ଲକ୍ ଭିତରକନିକା ଜାତୀୟ ଉଦ୍ୟାନକୁ ସଂଯୋଗ କରୁଥିବା ମୁଖ୍ୟ ସଡ଼କ ପଥ ପାର୍ଶ୍ୱବର୍ତ୍ତୀ ଈଶ୍ୱରପୁର ପଞ୍ଚାୟତ ରିଘାଗଡ଼ ଗ୍ରାମର ବହୁ ପୁରାତନ ଶ୍ରୀବଳଦେବଜୀଉଙ୍କ ନୀଳାଦ୍ରି ବିଜେ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଠାରେ ରଥଟଣା ହୁଏ ନାହିଁ, ନିଆରା ଢଙ୍ଗରେ ଶ୍ରୀବଳଦେବଜୀଉ, ଶ୍ରୀଜଗନ୍ନାଥ, ମା' ସୁଭଦ୍ରାଙ୍କୁ ରତ୍ନ ସିଂହାସନ ତଳକୁ ମୁରୁଜ ରଥରେ ବିଜେ କରିବା ପରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ । ଆଜି ମହାପ୍ରଭୁଙ୍କ ନୀଳାଦ୍ରି ବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କନିକା ରାଣୀ ମୃଣାଳିନୀ ଦେବୀ ଯୋଗଦେଇ ମହାବାହୁଙ୍କ ଦର୍ଶନ କରିଥିଲେ। ବଡ଼ପଣ୍ଡା ଡମ୍ବରୁଧର ପାଢ଼ୀ, ରଞ୍ଜନ ମିଶ୍ର, ହୃଷିକେଶ ପଣ୍ଡା, ବାଇଧର ଦାଶ ପ୍ରମୁଖ ନୀତିକାନ୍ତିରେ ସାମିଲ ହୋଇଥିଲେ। ଏହି ଉତ୍ସବରେ ଆଖପାଖ ଗ୍ରାମରୁ ଶ୍ରଦ୍ଧାଳୁ ଯୋଗ ଦେଇ ଠାକୁରଙ୍କ ଦିବ୍ୟ ଦର୍ଶନ କରିଥିଲେ।


## ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ପରିଚାଳକଙ୍କୁ ସ୍ୱାଗତ




କେନ୍ଦ୍ରାପଡ଼ା,୮।୭(ସମିସ): କେନ୍ଦ୍ରାପଡ଼ା ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାର ନୂତନ ମୁଖ୍ୟ ପରିଚାଳକ ଅର୍କଜ୍ୟୋତି ଭଟ୍ଟାଚାର୍ଯ୍ୟଙ୍କୁ ଷ୍ଟେଟବ୍ୟାଙ୍କ ପେନସନରର୍ସ ସଙ୍ଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଷ୍ଟେଟବ୍ୟାଙ୍କ ପେନସନରର୍ସ ସଙ୍ଘ ଓଡିଶା ସର୍କଲର ଆଞ୍ଚଳିକ ସମ୍ପାଦକ ଗଣେଶ୍ୱର ମେକାପ, ଜିଲ୍ଲା ସମ୍ପାଦକ ଉଦୟନାଥ ସାହୁ, ହରିପଦ ପଣ୍ଡା, ଶରତ କୁମାର ମୁଦୁଲି ଓ ମାଧବାନନ୍ଦ ମହାପାତ୍ର, ଷ୍ଟେଟବ୍ୟାଙ୍କ କର୍ମଚାରୀ ସଙ୍ଘ କେନ୍ଦ୍ରାପଡ଼ା ଶାଖା ସମ୍ପାଦକ ରାକେଶ କୁମାର ପରିଡା ପ୍ରମୁଖ ମୁଖ୍ୟ ପରିଚାଳକ ଶ୍ରୀ ଭଟ୍ଟାଚାର୍ଯ୍ୟଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

## ନହୁଲିଆ ଛକ ପାର୍ବତୀ ଔଷଧାଳୟରେ ଫୁଟିଛି ବ୍ରହ୍ମକମଳ

ରାଜକନିକା,୮।୭(ସମିସ): ରାଜକନିକା ବ୍ଲକ ନହୁଲିଆ ଛକର ରମେଶ ଚନ୍ଦ୍ର ପଣ୍ଡାଙ୍କ ପାର୍ବତୀ ଔଷଧାଳୟରେ ଏକାବେଳେକେ ଗୋଟିଏ ଗଛରେ ୯ଟି କଢ଼ ହେବା ସହ ଗୋଟିଏ ଫୁଲ ଫୁଟିଛି। ସନ୍ଧ୍ୟା ସମୟରେ ଫୁଟିଥିବା ଏହି ଫୁଲ ଫୁଟିବା ପରେ ସାରା ପରିବାରରେ ଖୁସି ଖେଳାଇ ଦେଇଛି। ପୂର୍ବକନିକା ଅଞ୍ଚଳରେ ବ୍ରହ୍ମକମଳ ଫୁଟିବା ଖବର ଜଣାପଡିବା ପରେ ଏହାକୁ ଦେଖିବାକୁ ସେଠାରେ ଭିଡ଼ ଲାଗିଛି।



## ସମାଜସେବୀ କ୍ଷେତ୍ରମୋହନ ଦୀକ୍ଷିତଙ୍କ ପରଲୋକ



ବାଲିକୁଦା, ୮।୭(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅଧୀନସ୍ଥ ଓରଣ୍ଡ ଗ୍ରାମର କ୍ଷେତ୍ରମୋହନ ଦୀକ୍ଷିତଙ୍କ ଗତକାଲି ୮୧ ବର୍ଷ ବୟସରେ ବରଗଡରେ ହୃଦ୍‌ଘାତରେ ପରଲୋକ ହୋଇଛି। ତାଙ୍କ ଦେହାନ୍ତ ଖବର ଶୁଣି ନିଜ ଗ୍ରାମ ଓରଣ୍ଡ ସମେତ ବାଲିକୁଦା ଓ ବୋରିକିନା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ଦୁଇପୁଅ ବୋହୂ, ଦୁଇ ଝିଅ, ନାତିନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସେ ଓରଣ୍ଡ ଅଞ୍ଚଳର ସମାଜସେବୀ ଭାବେ ସାଧାରଣ ଲୋକଙ୍କ ଆଦୃତ ହୋଇଥିଲେ। ସେ ଜଣେ ସରଳ ବିଶ୍ୱାସୀ, ପରୋପକାରୀ ବ୍ୟକ୍ତି ଥିଲେ। ବରଗଡରେ ଶେଷକୃତ୍ୟ କରାଯାଇଥିଲା।

## ଇଫକୋ ଛକ ମୋବାଇଲ ଦୋକାନରେ ଅଗ୍ନିକାଣ୍ଡ

ପାରାଦୀପ, ୮।୭ (ସମିସ): ଇଫକୋ ଛକରେ ବିଦେଶୀ କମ୍ୟୁନିକେସନ ନାମକ ଏକ ମୋବାଇଲ ଦୋକାନରେ ନିଆଁ ଲାଗି ବହୁ ନୂଆ ମୋବାଇଲ ସହିତ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଦୋକାନୀ ରାତି ୧୦.୩୦ରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ହେଲେ ରାତି ପ୍ରାୟ ୧୨ଟା ସମୟରେ ତାଙ୍କର ଜଣେ ବନ୍ଧୁ ତାଙ୍କ ଦୋକାନରେ ନିଆଁ ଲାଗି ଥିବା ନେଇ ଫୋନ କରି ଡାକିଥିଲେ। ସେ ଦୋକାନ ନିକଟରେ ପହଞ୍ଚି ଦେଖିଥିଲେ ତାଙ୍କ ଦୋକାନରେ ନିଆଁ ଜଳୁଛି। ସ୍ଥାନୀୟ ଦମକଳ ବାହିନୀକୁ ଡାକି ନିଆଁକୁ ଆୟତ୍ତ କରାଯାଇଥିଲେ ହେଁ ୨୫ ଲକ୍ଷ ଟଙ୍କାର ନୂଆ ମୋବାଇଲ ଓ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଥିବା ଜଣାପଡ଼ିଛି।

## ପାରାଦୀପଗଡ଼ ପଞ୍ଚାୟତ କାର୍ଯ୍ୟାଳୟ ସୌନ୍ଦର୍ଯ୍ୟକରଣର ଲୋକାର୍ପଣ ଉତ୍ସବ

ପାରାଦୀପ, ୮।୭(ସମିସ): ରାଜ୍ୟର ଅନ୍ୟତମ ବୃହତ୍ ପଞ୍ଚାୟତ ପାରାଦୀପଗଡ ଗ୍ରାମ ପଞ୍ଚାୟତ। ଏହି ପଞ୍ଚାୟତ ୧୧ଟି ରାଜସ୍ୱ ଗ୍ରାମକୁ ନେଇ ଗଠନ କରାଯାଇଥିବାବେଳେ ଏଠାରେ ୫୦ ହଜାରରୁ ଅଧିକ ଲୋକ ବାସବାସ କରନ୍ତି। ୧୯୫୭ରୁ ପାରାଦୀପଗଡରେ ପଞ୍ଚାୟତ କାର୍ଯ୍ୟାଳୟ ଥିବାବେଳେ ଏଥିରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ସୁଯୋଗ ନ ଥିଲା। ଦ୍ୱିତୀୟବାର ସରପଞ୍ଚ ଭାବେ ଶ୍ରୀମତୀ ସସ୍ମିତା ବେହେରା ନିର୍ବାଚିତ ହେବା ପରେ ପଞ୍ଚାୟତ କାର୍ଯ୍ୟାଳୟକୁ ସୌନ୍ଦର୍ଯ୍ୟକରଣ କରିବା ସହିତ ପଞ୍ଚାୟତରେ କିପରି ସମସ୍ତ ପ୍ରକାର ସୁବିଧା ସୁଯୋଗ ଉପଲବ୍ଧ ହୋଇପାରିବ, ସେ ଦିଗରେ ତୁରନ୍ତ ପଦକ୍ଷେପ ନେଇଥିଲେ। ଏବେ ପଞ୍ଚାୟତ କାର୍ଯ୍ୟାଳୟର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମାପ୍ତ ପରେ ଆଜି ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ



ଏହାକୁ ଲୋକାର୍ପଣ କରିଛନ୍ତି। ଏବେ ପଞ୍ଚାୟତରେ ସର୍ବସାଧାରଣଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ହୋଇପାରିବ ବୋଲି ସରପଞ୍ଚ ଶ୍ରୀମତୀ ସସ୍ମିତା ବେହେରା ପ୍ରକାଶ କରିଛନ୍ତି। ପଞ୍ଚାୟତର ବିକାଶ ପାଇଁ ଯେତେ ଅର୍ଥ ଆବଶ୍ୟକ ପଡିବ, ତୁରନ୍ତ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା, ମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ଦିଲ୍ଲୀପ ବେହେରା, ବିଜେପି ଜିଲ୍ଲା ସମ୍ପାଦକ ତପନ ତ୍ରୀପାଠୀ, ଏମବିକେ କଳ୍ପନା ମହାପାତ୍ର, ଚନ୍ଦ୍ରଶେଖର ଚୌଧୁରୀ, ଦେବଦୁର୍ଲ୍ଲଭ କର, ଅଲେଖ ମହାରଥା, ସତ୍ୟନାରାୟଣ ମହାପାତ୍ର, ଅନନ୍ତ ବିଶ୍ୱାଳ, ସଂଗ୍ରାମ ବେହେରା, ଜୟନ୍ତ ସେନାପତି, ଶୁଭସ୍ମିତା ମଙ୍ଗରାଜ, ମିଲି ମଲ୍ଲିକ, ରେବତୀ ସ୍ୱାଇଁ, ବିଚିତ୍ର ପ୍ରଧାନ, ଚନ୍ଦ୍ରକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

## ସବୁ ମାନଦଣ୍ଡ ସତ୍ତ୍ୱେ ଗୋଦାବରୀଶ ମଡେଲ ପ୍ରୋଜେକ୍ଟରୁ ବଞ୍ଚିତ ନେମ୍ବରା ୟୁଜିୟୁପି ସ୍କୁଲ

ଭୁବନେଶ୍ୱର, ୮।୭ (ସମିସ): ସମସ୍ତ ମାନଦଣ୍ଡ ଥିବା ସତ୍ତ୍ୱେ କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ୍ କୁହୁଡ଼ି ପଞ୍ଚାୟତର ନେମ୍ବରା ୟୁଜିୟୁପି ସ୍କୁଲ ଗୋଦାବରୀଶ ମଡେଲ ସ୍କୁଲ ପ୍ରୋଜେକ୍ଟରେ ସ୍ଥାନ ପାଇନଥିବା ନେଇ ଅଭିଯୋଗ ହୋଇଛି। ଏ ସଂପର୍କରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ନେମ୍ବରା ଗ୍ରାମବାସୀ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସମେତ ସ୍ଥାନୀୟ ବିଧାୟକ, ସାଂସଦ ଓ ଜିଲ୍ଲାପାଳଙ୍କୁ ତଥ୍ୟ ପ୍ରମାଣ ସହ ଅଭିଯୋଗ କରିବାସହ ପ୍ରତିବାଦ କରିଛନ୍ତି।

ସେମାନଙ୍କ ଅଭିଯୋଗ ହେଲା, ୧୯୦୧ ମସିହାରେ ସ୍ଥାପିତ ଏହି ସ୍କୁଲରେ ବର୍ତ୍ତମାନ ନେମ୍ବରା, ଥାଉରୀ, କଣିପଡା, ବାଲିଆ ଗାଁର ୨୨୨ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ। ପଞ୍ଚାୟତର ଅନ୍ୟ ସ୍କୁଲ ତୁଳନାରେ ଏହା ବହୁ ଅଧିକ। ବର୍ତ୍ତମାନ ସ୍କୁଲଟି ୩୫ଡିସିମିଲ ଜାଗାରେ ଅବସ୍ଥିତ। ସମ୍ପ୍ରସାରଣ ପାଇଁ ସରକାରୀ ଜମି ମଧ୍ୟ ରହିଛି। ସରକାରଙ୍କ ପ୍ରୋଜେକ୍ଟ ଗାଇଡଲାଇନ୍ ଅନୁସାରେ ନେମ୍ବରା ସ୍କୁଲ ସମସ୍ତ ମାନଦଣ୍ଡ ପୂରଣ କରୁଛି। କିନ୍ତୁ ଏହା ସତ୍ତ୍ୱେ କୁହୁଡ଼ି ସ୍କୁଲ ନାଁ ମାର୍ଶାଘାଇ ବ୍ଲକର ଗୋଦାବରୀଶ ମଡେଲ ସ୍କୁଲ ପ୍ରୋଜେକ୍ଟରେ କିଭଳି ସ୍ଥାନ ପାଇଲା, ତା'ର ତଦନ୍ତ କରାଯାଉ ବୋଲି ସେମାନେ ଦାବି କରିଛନ୍ତି।




## କବି ସୁରେଶ ପ୍ରଧାନଙ୍କୁ ଭାରତ ଗୌରବ ସମ୍ମାନ



କୁଜଙ୍ଗ, ୮।୭(ସମିସ): କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ଗଣ୍ଡକିପୁର ଗ୍ରାମର କବି ଡଃ ସୁରେଶ କୁମାର ପ୍ରଧାନ ଭାରତ ଗୌରବ ରତ୍ନ ସମ୍ମାନ ହାସଲ କରିଛନ୍ତି। ଗତ ୨୮ ତାରିଖରେ ନୂଆଦିଲ୍ଲୀସ୍ଥ ଶାହା ଅଡିଟୋରିୟମରେ ବିଶ୍ୱ ସଂସ୍କୃତି ଓ ପର୍ଯ୍ୟାବରଣ ସଂରକ୍ଷଣ ଆୟୋଗ ଦ୍ୱାରା ଆୟୋଜିତ ଜାତୀୟ ସେମିନାରରେ ଶ୍ରୀ ପ୍ରଧାନଙ୍କୁ ସମ୍ମାନିତ କରାଯାଇଛି। ସେମିନାରରେ ସଂସ୍ଥାର ନିର୍ଦ୍ଦେଶକ ଡଃ ଶୁଭମ୍ କୁମାର, କମାଣ୍ଡର ବିଜୟ ଶଙ୍କର ବାଘେଲା, କର୍ଣ୍ଣେଲ ଅଶୋକ କୌଲ, କର୍ଣ୍ଣେଲ ବେଦପ୍ରକାଶ ଭାର୍ଗଭ, କ୍ୟାପଟେନ ସୁରେଶ କୁମାର, ଅଯୋଧ୍ୟା ବିଶ୍ୱ ହିନ୍ଦୁ ପରିଷଦର ସ୍ୱାମୀ କ୍ରିଷ୍ଣା ଚରଣାନନ୍ଦ, ରାଜ୍ୟସଭା ସଦସ୍ୟା ସ୍ୱାତୀ ମାଲିୱାଲ, ବଲିଉଡ୍ ଅଭିନେତା ବିନ୍ଦୁ ଦାରା ସିଂହ, ବୀରଚକ୍ର ବିଜେତା ତେଜେନ୍ଦ୍ର ପାଲ୍, ଡଃ ରାକେଶ ରଞ୍ଜନ ଓ ଡଃ ସପ୍ତର୍ଷି ବୋଷ ଅତିଥି ଭାବେ ଯୋଗଦେଇ ଶ୍ରୀ ପ୍ରଧାନଙ୍କୁ ଭାରତ ଗୌରବ ସମ୍ମାନ ପ୍ରଦାନ କରିଥିଲେ। ସାହିତ୍ୟ ଓ ସେବା କ୍ଷେତ୍ରରେ ଉତ୍ସର୍ଗୀକୃତ ଜୀବନ ପାଇଁ ଡଃ ପ୍ରଧାନଙ୍କୁ ଏହି ଭାରତ ଗୌରବ ରତ୍ନ ସମ୍ମାନ ପ୍ରଦାନ କରାଯାଇଛି। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଶିକ୍ଷକନେତା ଅନ୍ତର୍ଯ୍ୟାମୀ ବେଜଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର



ପଟ୍ଟାମୁଣ୍ଡାଇ,୮।୭(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ଶିକ୍ଷକନେତା କବି ଅନ୍ତର୍ଯ୍ୟାମୀ ବେଜଙ୍କୁ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ରାଜ୍ୟ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଜିଲ୍ଲା ପ୍ରଶାସନ ଓ ବନ ବିଭାଗ ମିଳିତ ଆନୁକୂଲ୍ୟରେ ମହାକାଳପଡା ବ୍ଲକ ବାରଡାଙ୍ଗ ଧାନଦାସ ମଠଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ବନ ମହୋତ୍ସବରେ ରାଜନଗର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ, ଅତିରିକ୍ତ ବନ ସଂରକ୍ଷକ ଗଗନ ବିହାରୀ ମଲ୍ଲିକ, ଜିଲ୍ଲା ଇକୋ କ୍ଲବ ଆବାହକ ଗୋପୀନାଥ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷକନେତା ପରିବେଶବିତ କବି ଅନ୍ତର୍ଯ୍ୟାମୀ ବେଜଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ସ୍ୱରୂପ ନଗଦ ୧୦ ହଜାର ଟଙ୍କା, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରିଥିଲେ। ଶ୍ରୀ ବେଜ ପରିବେଶ ସୁରକ୍ଷା ପାଇଁ ବିଭିନ୍ନ ସ୍କୁଲ, କଲେଜ ଓ ଅନୁଷ୍ଠାନରେ ବ୍ୟାପକ ଚାରା ରୋପଣ କରିବା ସହିତ ପରିବେଶ ସଚେତନତା ବାର୍ତ୍ତା ଦେଇଆସୁଛନ୍ତି। ଏଥିସହିତ ତାଙ୍କର ସାରସ୍ୱତ ପ୍ରତିଭା ଯୋଗୁଁ ପରିବେଶ ସୁରକ୍ଷା ସମ୍ପର୍କିତ ଅନେକ କବିତା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇବା ସହିତ କବିତା ପାଠ ଉତ୍ସବରେ ପ୍ରଶଂସା ଭାଜନ ହୋଇଛନ୍ତି। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ହଜିଗଲା ମୁଖ୍ୟ ଫାଟକ ଚାବି

## ବିଳମ୍ବରେ ଖୋଲିଲା ବ୍ୟାଙ୍କ, ହଇରାଣ ହେଲେ ଗ୍ରାହକ



ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୮।୭(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଧୋୟାଅଞ୍ଚଳର ଦାଣ୍ଡିସାହିଠାରେ ଥିବା କାନାରା ବ୍ୟାଙ୍କ ମୁଖ୍ୟ ଫାଟକ ଚାବି ହଜିଯିବା କାରଣରୁ ଆଜି ୨ ଘଣ୍ଟା ବିଳମ୍ବରେ ବ୍ୟାଙ୍କ ଖୋଲିଥିଲା। ଫଳରେ ଗ୍ରାହକ ନାହିଁ ନ ଥିବା ସମସ୍ୟା ଭୋଗ କରିଥିଲେ। ବ୍ୟାଙ୍କ କର୍ମଚାରୀ ଓ ଗ୍ରାହକ ଦୁଇଘଣ୍ଟା କାଳ ବାହାରେ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। ପ୍ରତ୍ୟେହ ସକାଳ ୧୦ଟାରୁ ବ୍ୟାଙ୍କ ଖୋଲା ଯାଉଥିବାବେଳେ ଭୁଲବଶତଃ ଚାବି ହଜିଯାଇଥିବା ହେତୁ ବ୍ୟାଙ୍କ ଖୋଲାଯାଇ ପାରି ନ ଥିଲା। ଫଳରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବ୍ୟାଙ୍କ ଖୋଲାଯାଇ ପାରି ନ ଥିବାରୁ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବିକଳ୍ପ ବ୍ୟବସ୍ଥା କରାଯାଇ ବ୍ୟାଙ୍କ ଖୋଲିଥିଲା। ବ୍ୟାଙ୍କ କର୍ମଚାରୀଙ୍କ ଏଭଳି ଦାୟିତ୍ୱହୀନତା ପାଇଁ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

## ଅବଳା ଦେବୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ



ରାଜନଗର,୮।୭(ସମିସ): ରାଜନଗର ବ୍ଲକ୍ ରାଜନଗର ଗ୍ରାମର ମହୟସୀ ମହିଳା ଅବଳା ଦେବୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଶିବ ବାବା ଓ ସହଯୋଗୀ ଜଗନ୍ନାଥଙ୍କ ଭଜନ ଜଣାନ, ମା' ଦୁର୍ଗା, ମା' ତାରିଣୀ, ଶିବ ସ୍ତୁତି ଗାନ କରି ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥଲେ। ଏକ ଆଧ୍ୟାତ୍ମିକ ପରିବେଶରେ ଅବଳା ଦେବୀଙ୍କ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ପୁଅ ପଣ୍ଡିତ ଶଙ୍କର୍ଷଣ ମିଶ୍ର, ବାବାଜୀ ମିଶ୍ର ଓ ମିଶ୍ର ପରିବାର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥଲେ। ରାଜନଗର ପଟ୍ଟାମୁଣ୍ଡାଇ ଅଞ୍ଚଳର ବହୁ କର୍ମକାଣ୍ଡ ପଣ୍ଡିତ ଓ ମାନ୍ୟଗନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

## ନରସିଂହପୁର, ଡିହାପଡ଼ା ପଞ୍ଚାୟତ ଆଦର୍ଶ ଥାନାରେ ସାମିଲ

ପଟ୍ଟାମୁଣ୍ଡାଇ,୮।୭(ସମିସ):

କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକର ସମସ୍ୟା ବହୁଳ ପଞ୍ଚାୟତ ଭାବେ ଜଣାଶୁଣା ନରସିଂହପୁର ଓ ଡିହାପଡ଼ା ପଞ୍ଚାୟତକୁ ପୂର୍ବବତ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ସାମିଲ କରାଯାଇଛି। ଏ ନେଇ ଜୁଲାଇ ୭ ତାରିଖରେ ରାଜ୍ୟ ସରକାରଙ୍କ ଗୃହବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ନରସିଂହପୁର ଓ ଡିହାପଡା ପଞ୍ଚାୟତବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି। ଦାବି ପୂରଣ ହୋଇଥିବାରୁ ଉଭୟ ପଞ୍ଚାୟତବାସୀ ବିଧାୟକ ଗଣେଶ୍ୱର ବେହେରାଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଏହି ଦୁଇଟି ପଞ୍ଚାୟତ ପୂର୍ବରୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଥିଲା। ନୂତନ ଗ୍ରାମାଞ୍ଚଳ ଥାନା ପ୍ରତିଷ୍ଠା ପରେ ଏହି ଦୁଇ ପଞ୍ଚାୟତକୁ ଆଦର୍ଶ ଥାନାରୁ ନେଇ ଗ୍ରାମାଞ୍ଚଳ ଥାନାରେ ସାମିଲ କରାଯାଇଥିଲା। ତେବେ ନରସିଂହପୁର ଓ ଡିହାପଡା ପଞ୍ଚାୟତଠାରୁ ଗ୍ରାମାଞ୍ଚଳ ଥାନା ପ୍ରାୟ ୨୫ କିମି ଦୂରରେ ଅବସ୍ଥିତ ହୋଇଥିବାରୁ ସ୍ଥାନୀୟ ଜନସାଧାରଣ ବିଭିନ୍ନ କାର୍ଯ୍ୟ ପାଇଁ ଥାନାକୁ ଯିବା ପାଇଁ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗ କରିଆସୁଥିଲେ। କୌଣସି ଅପରାଧ ଘଟିଲେ ପୁଲିସ ତତକ୍ଷଣାତ ଘଟଣାସ୍ଥଳରେ ପହଞ୍ଚି ନ ପାରିବାରୁ ଅପରାଧୀ ଖସିଯିବା ସହିତ ଜନସାଧାରଣ ନ୍ୟାୟ ପାଇବାରୁ ବଞ୍ଚିତ ହେଉଥିଲେ । କେନ୍ଦ୍ରାପଡ଼ା ବିଧାୟକ ଭାବେ ବରିଷ୍ଠ ରାଜନେତା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ନିର୍ବାଚିତ ହେବା ପରେ ଅଞ୍ଚଳବାସୀ ଏହି ସମସ୍ୟା ତାଙ୍କ ଦୃଷ୍ଟିକୁ ଆଣିଥିଲେ। ଅଞ୍ଚଳବାସୀଙ୍କ ଏହି ସମସ୍ୟା ତାଙ୍କ ଦୃଷ୍ଟିକୁ ଆସିଥିଲା। ନରସିଂହପୁର ଓ ଡିହାପଡା ପଞ୍ଚାୟତବାସୀଙ୍କ ସମୂହ ସ୍ୱାର୍ଥ ଓ ଜନସାଧାରଣଙ୍କୁ ଦ୍ୱରିତ ନ୍ୟାୟ ପ୍ରଦାନ କରିବା ପାଇଁ ନରସିଂହପୁର ଓ ଡିହାପଡା ପଞ୍ଚାୟତକୁ ପୂର୍ବପରି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ସାମିଲ କରିବା ପାଇଁ ବିଧାୟକ ଶ୍ରୀ ବେହେରା ନିରବଚ୍ଛିନ୍ନ ଉଦ୍ୟମ ଆରମ୍ଭ କରିଥିଲେ। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଗୃହ ସଚିବ ସତ୍ୟବ୍ରତ ସାହୁ, ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ରାଧାକିସାନ ଶର୍ମା, ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ଅତିରିକ୍ତ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଭେଟି ନରସିଂହପୁର ଓ ଡିହାପଡା ପଞ୍ଚାୟତକୁ ତୁରନ୍ତ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ସାମିଲ କରିବା ପାଇଁ ଦାବି କରିଥିଲେ। ଏଥିସହିତ ବିଧାୟକ ଶ୍ରୀ ବେହେରା ଗତ ମାର୍ଚ୍ଚ ୨୪ ତାରିଖରେ ବିଧାନସଭାରେ ଅଣ ତାରକା ପ୍ରଶ୍ନ ସଂଖ୍ୟା ୪୫୪୫ରେ ଏହି ପ୍ରସଙ୍ଗ ଉତ୍‌ଥାପନ କରି ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ। ବିଧାୟକ ଶ୍ରୀ ବେହେରାଙ୍କ ନିରବଚ୍ଛିନ୍ନ ଉଦ୍ୟମ ଏବେ ଫଳବତୀ ହୋଇଛି। ନରସିଂହପୁର ଓ ଡିହାପଡ଼ା ପଞ୍ଚାୟତ ଆଦର୍ଶ ଥାନାରେ ସାମିଲ ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିପାଇଁ ବିଧାୟକ ଶ୍ରୀ ବେହେରା ରାଜ୍ୟ ସରକାର, ଗୃହ ସଚିବ, ସ୍ୱତନ୍ତ୍ର ଗୃହ ସଚିବ, ପୁଲିସ ମହାନିର୍ଦ୍ଦେଶକ, ଅତିରିକ୍ତ ମହାନିର୍ଦ୍ଦେଶକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେହିପରି ନରସିଂହପୁର ଓ ଡିହାପଡା ପଞ୍ଚାୟତ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ସାମିଲ ହୋଇଥିବାରୁ ପଞ୍ଚାୟତବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏଥିପାଇଁ ନରସିଂହପୁର ଓ ଡିହାପଡା ପଞ୍ଚାୟତବାସୀ ବିଧାୟକ ଗଣେଶ୍ୱର ବେହେରାଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି।

**ବିଧାୟକଙ୍କୁ କୃତଜ୍ଞତା ଜଣାଇଲେ ଅଞ୍ଚଳବାସୀ**

## ଲଗାଣ ବର୍ଷାରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ

# ପଡ଼ିଆ ପଡ଼ିବ ଶହ ଶହ ଏକର ଜମି!

**ଢେଙ୍କାନାଳ, ୮।୭(ସମିସ)**

ଢେଙ୍କାନାଳ ଜିଲ୍ଲାରେ ଚଳିତ ବର୍ଷ ବର୍ଷା ଯୋଗୁଁ ଧାନ ଫସଲ ସମ୍ପୂର୍ଣ୍ଣ ଭାବରେ ପ୍ରଭାବିତ ହେବାକୁ ଯାଉଛି। ବର୍ଷା ଯୋଗୁଁ ଚାଷୀମାନେ ଖରଡ଼ି ଧାନ ବୁଣିପାରି ନଥିବାବେଳେ ଯେଉଁମାନେ ଧାନ ପାଇଁ ତଳି ପକାଇଥିଲେ ବର୍ଷା ଯୋଗୁଁ ତାହା ପଚି ନଷ୍ଟ ହୋଇଯାଇଛି। ଲଗାତାର ଦୀର୍ଘ ଦିନ ହେବ ବର୍ଷା ଚାଲିଥିବାରୁ ଧାନ ଜମି ଚାଷ କରିବା, କାଦୁଅ କରିବା ସହିତ ଜମିରେ ଚାଷ କରିବା ବି ସମ୍ଭବପର ହେଉନାହିଁ।

ଢେଙ୍କାନାଳ ଜିଲ୍ଲାରେ ଧାନ ଚାଷ ହେଉଛି ଚାଷୀ ମାନଙ୍କ ମେରୁଦଣ୍ଡ ଏବଂ ଏକମାତ୍ର ଜୀବନ ଧାରଣର ମାଧ୍ୟମ। ଜିଲ୍ଲାରେ ୬ ହଜାର ୧୮୫ ହେକ୍ଟର ଉଚ୍ଚ ଜମିରେ ଚାଷ କରାଯାଉଥିବା ବେଳେ ୪୮ ହଜାର ୮୫୩ ହେକ୍ଟର ମଧ୍ୟମ ଜମି, ୪୦ ହଜାର ୩୩୬ ହେକ୍ଟର ନିମ୍ନ ଜମିରେ ଧାନ ଚାଷ କରାଯାଇଥାଏ। ଜିଲ୍ଲାରେ କୃଷି ଲୋକମାନଙ୍କର ଜୀବନ ଜୀବିକା ହୋଇଥିବାବେଳେ ଅତ୍ୟଧିକ ବର୍ଷା ଯୋଗୁଁ ଚାଷ ସମ୍ପୂର୍ଣ୍ଣ ଭାବରେ ପ୍ରଭାବିତ ହେବାକୁ ଯାଉଛି। ଚାଷ ଉପରେ ୫୭ ହଜାର ୯୬୨ କ୍ଷୁଦ୍ର ଚାଷୀ, ୮୦ ହଜାର ୪୮୭ ମଧ୍ୟବିତ୍ତ ଚାଷ ଏବଂ ୨୨ ହଜାର ୫୪୧ ବଡ଼ ଚାଷୀ ରହିଥିବା ଜଣାପଡ଼ିଛି। ସେହିପରି ମୋଟ ୧ ଲକ୍ଷ ୬୩ ହଜାର ୬୩୬ କୃଷି ଶ୍ରମିକ କୃଷି କାର୍ଯ୍ୟ ଉପରେ ନିର୍ଭରଶୀଳ ରହିଥିବା ବେଳେ ୭୧ ହଜାର ୨୩୦ ଚାଷୀ ରହିଛନ୍ତି। ଏହା ସହିତ ଭାଗଚାଷୀ ମଧ୍ୟ ରହଛନ୍ତି। ଜିଲ୍ଲାରେ ମୋଟ ୧ ଲକ୍ଷ ୮୫ ହଜାର ୨୧୦ ହେକ୍ଟର ଜମିରେ ଖରିଫ ଋତୁରେ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବରେ ପ୍ରଭାବିତ ହୋଇଛି। ଜୁନ ମାସରେ ଚାଷୀ ମାନେ ଖରଡ଼ି ଧାନ ବୁଣୁଥିବା ବେଳେ ଜୁନ ଜୁଲାଇରେ ଧାନ ତଳି ପକାଇ ଜୁଲାଇ ପ୍ରଥମ ସପ୍ତାହରୁ ଧାନ ରୋଇବା ଆରମ୍ଭ କରିଥାନ୍ତି। ଚଳିତ ବର୍ଷ ରଜ ପୂର୍ବରୁ ଲଗାତାର ବର୍ଷା ଯୋଗୁଁ ଜମି ଚାଷ ପାଇଁ ଅନୁକୂଳ ନ ହେବାରୁ ଧାନ ବୁଣା କାର୍ଯ୍ୟ ଅଳ୍ପ ଜମିରେ ହୋଇପାରିଛି। ବର୍ଷା ଯୋଗୁଁ ଖରଡ଼ି ଚାଷ ହୋଇନଥିବା ବେଳେ ଚାଷୀମାନେ ଧାନ ତଳି ପକାଇଥିଲେ। କିନ୍ତୁ ବାରମ୍ବାର ବର୍ଷା ଯୋଗୁଁ ଧାନ ତଳି ପଚି ଯିବା ସହିତ ଧାନ ଗଛ ହେଲାନାହିଁ। ଫଳରେ ଚାଷୀମାନେ ଧାନ ଚାଷ ନିରାଶ ହୋଇପଡ଼ିଛନ୍ତି। ଥରେ ନୁହେଁ ଚାଷୀମାନେ ୩ ତିନି ଥର ଧାନ ତଳି ପକାଇଥିଲେ ମଧ୍ୟ ଧାନ ଗଛ ହେଲା ନାହିଁ। ଅଳ୍ପ କେତେକ ସ୍ଥାନରେ ଧାନ ତଳି ହୋଇଥିବାରଜଣାପଡ଼ିଛି। ଦିର୍ଘ ଦିନ ଧରି ବର୍ଷା ଲାଗିରହିଥିବାରୁ ଖାଲୁଆ ଜମିରେ ଚାଷ କରିବା ସମ୍ଭବ ହୋଇନାହିଁ। ଫଳରେ ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। ଚଳିତ ବର୍ଷ ଅତ୍ୟଧିକ ବର୍ଷା ଯୋଗୁଁଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଥିବାର ଜଣାପଡ଼ିଛି। ଢେଙ୍କାନାଳ ଜିଲ୍ଲାର ସଦର ବ୍ଲକରେ ଜୁନ ମାସରେ ୨୩୫ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ଗଁଦିଆ ବ୍ଲକରେ ୨୨୯ମିମି, ଓଡାପଡ଼ା ବ୍ଲକରେ ୨୪୪ ମିମି, ହିନ୍ଦୋଳ ବ୍ଲକରେ ୨୦୭ ମିମି, କାମାକ୍ଷାନଗର ବ୍ଲକରେ ୨୩୯ ମିମି, ଭୁବନ ବ୍ଲକରେ ୪୧୦ ମିମି, ପରଜଙ୍ଗରେ ୨୪୨ମିମି, ଏବଂ କଙ୍କଡାହାଡ ବ୍ଲକରେ ୨୭୪ ମିମି ବର୍ଷା ହୋଇଥିବାର ରେକର୍ଡ କରାଯାଇଥିଲା। ଏ ନେଇ ଚାଷୀ ମାନେ ଧାନ ବୁଣିବା ସହିତ ଧାନ ତଳି ପକାଇ ଚାଷକାର୍ଯ୍ୟ ପ୍ରଭାବିତ ହୋଇଥିବାର ଜଣାପଡ଼ିଛି। ଜୁଲାଇ ମାସରେ ବର୍ତ୍ତମାନ ସୁଦ୍ଧା ବର୍ଷା ଲାଗରହିଛି। ଧାନ ତଳି ପକାଇବା ତ ଦୂରର କଥା ଚାଷ କରିବାରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଛି। ଫଳରେ ହଜାର ହଜାର ହେକ୍ଟର ଜମି ପଡ଼ିଆ ପଡ଼ିବାର ଆଶଙ୍କା ରହିଛି।

## ଜଗନ୍ନାଥ ଭକ୍ତଙ୍କ ପକ୍ଷରୁ ରସଗୋଲା ବଣ୍ଟନ



**ଢେଙ୍କାନାଳ, ୮।୭(ସମିସ)** ପବିତ୍ର ନିଳାଦ୍ରୀ ବିଜେ ଉପଲକ୍ଷେ ଢେଙ୍କାନାଳ ଜିଲ୍ଲା ମ୍ରିନ ସଂଘ ଏବଂ ଜଗନ୍ନାଥ ଭକ୍ତଙ୍କ ମିଳିତ ଆନୁକୂଲ୍ୟରେ ମା' ମହାଲକ୍ଷ୍ମୀଙ୍କ ମାନଭଞ୍ଜନ ରସଗୋଲା ପ୍ରସାଦ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଜୟ ପ୍ରକାଶ ସାହୁ, ସମ୍ପାଦକ ଜିତେଶ କୋଟକ, କୋଷାଧ୍ୟକ୍ଷ ଶଶିକାନ୍ତ ସାହୁ, ସଭ୍ୟ ପ୍ରଶିତ ସାହୁ, ସୋମନାଥ ସାହୁ, ମନୋଜ, ବୁନା, ବାପୁନି, ଜ୍ୟୋତିରାମ, ହୃଷିକେଶ, ବଳରାମ, ପ୍ରଦିପ, ଅତୁଲ ପ୍ରମୁଖ ଉପସ୍ଥିତ ରହି ୧୦ ହଜାରରୁ ଅଧିକ ମିଠା ବଣ୍ଟନ କରିଥିଲେ। ଭକ୍ତମାନେ ଏହାକୁ ଖାଇ ଆନନ୍ଦ ପ୍ରକଟ କରିଥିଲେ।

# ବୁଥ୍‌ସ୍ତରୀୟ ଅଧିକାରୀଙ୍କ ତାଲିମ ଶିବିର

### ପ୍ରଥମ ଦିନରେ ୫ ସୁପରଭାଇଜର, ୫୦ ଅଧିକାରୀଙ୍କୁ ତାଲିମ




**କାମାକ୍ଷାନଗର, ୮।୭(ସମିସ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ପଞ୍ଚାୟତ ସମିତି ସଭାଗୃହ ପରିସରରେ ମଙ୍ଗଳବାର ବୁଥ୍‌ସ୍ତରୀୟ ଅଧିକାରୀଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଜାତୀୟ ତାଲିମ କାର୍ଯ୍ୟକ୍ରମରେ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ଦିନମଣି ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି ତାଲିମ ଶିବିରକୁ ସହକାରୀ ଜିଲ୍ଲାପାଳ ଦୀପକ କୁମାର ମିଶ୍ର ସଞ୍ଚାଳନ କରିଥିଲେ। ଏଥିରେ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଦାୟିତ୍ୱ, ସାମ୍ବିଧାନିକ ଅଧିକାର, କର୍ତ୍ତବ୍ୟ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଏଥିସହ ନିର୍ଭୁଲ ଭୋଟର ତାଲିକା ନିର୍ମାଣରେ ସହଯୋଗ ନୂତନ ସାବାଳକ ଭୋଟରଙ୍କୁ ତାଲିକାରେ ଯୋଡ଼ିବା ଓ ଅଯୋଗ୍ୟଙ୍କୁ ବାଦ୍‌ଦେବାକୁ ପରାମର୍ଶ ଦିଆଯାଇଥିଲା। ତହସିଲଦାର ଓମପ୍ରକାଶ ମହାନ୍ତି, ବିଡିଓ ବିଭୁକଲ୍ୟାଣ ଦାଶ, ସହକାରୀ ଜିଲ୍ଲାପାଳ କମଳା ମଲିକ, ସ୍ୱଳ୍ପ ସଞ୍ଚୟ ଅଧିକାରିଣୀ ସ୍ୱର୍ଣ୍ଣପ୍ରଭା ବିରୁଆ, ବିଏଲଓ ସୁପରଭାଇଜର୍ ପ୍ରୀତିସାଗର ନାୟକ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଏହି ଶିବିରରେ ୫ଜଣ ସୁପରଭାଇଜର୍ ଓ ୫୦ଜଣ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏହି ତାଲିମ ଶିବିର ଶୁକ୍ରବାର ପର୍ଯ୍ୟନ୍ତ ଜାରି ରହିବ ବୋଲି ସଞ୍ଚାଳକ ସୂଚନା ପ୍ରଦାନ କରିଥିଲେ।

# ପାହାଡ଼ ଖୋଳି ମୋରମ ଚାଲାଣ; ଅଞ୍ଚଳବାସୀଙ୍କ ବିରୋଧ




**ହିନ୍ଦୋଳ, ୮।୭(ସମିସ):** ସାଧାରଣ ଜନତା ଯଦି ନିଜର ଘର କାର୍ଯ୍ୟ ପାଇଁ ଗୋଟିଏ ଟ୍ରିପ ମାଟି ନେଉଛି ତାହେଲେ ହିନ୍ଦୋଳ ତହସିଲ ପକ୍ଷରୁ ଗାଡ଼ିକୁ ଜବତ କରିବା ସହିତ ମୋଟା ଅଙ୍କର ଜରିମାନା ଆଦାୟ କରାଯାଉଛି। ହେଲେ ସ୍ୱଷ୍ଟ ଦିବାଲୋକରେ ହିନ୍ଦୋଳ ତହସିଲ ଅନ୍ତର୍ଗତ ହିନ୍ଦୋଳ ଏସିପିଓ କାର୍ଯ୍ୟାଳୟ ନିକଟ ପାହାଡ଼ରୁ ଠିକାଦାରଙ୍କ ଦ୍ୱାରା ଜେସିବ ମେସିନ ଓ ଟ୍ରାକ୍ଟର ଦ୍ୱାରା ଦିନ ଦ୍ୱିପ୍ରହରରେ ହଜାର ହଜାର ଟ୍ରିପ୍ ମୋରମ ଚାଲାଣ ହେଉଥିଲେ ବି ପ୍ରଶାସନ ଆଖି ବୁଜି ଦେଇଛି ବୋଲି ଅଭିଯୋଗ ହେଉଛି। ହିନ୍ଦୋଳ ତହସିଲ କାର୍ଯ୍ୟାଳୟ ଠାରୁ ମାତ୍ର ୫ ଶହ ମିଟର ଦୂରତା ଭିତରେ ଏଭଳି ଖୋଲାଖୋଲି ମୋରମ ଚାଲାଣ ହେଉଥିବାବେଳେ ସମସ୍ତେ ନିରବ ରହିବା ଅଞ୍ଚଳବାସୀଙ୍କୁ ବ୍ୟଥିତ କରିଛି। ଏପରିକି ଏସ୍‌ଡିପିଓ କାର୍ଯ୍ୟାଳୟ ଠାରୁ ୨ ଶହ ମିଟର ଓ ହିନ୍ଦୋଳ ବନବିଭାଗ କାର୍ଯ୍ୟାଳୟ ଠାରୁ ୩ ଶହ ମିଟର ଦୂରରେ ଠିକାଦାର ଜେସିବି ମେସିନ ଲଗାଇ ପାହାଡ଼ ଖୋଳି ଚାଲିବା ଘଟଣା ଦେଖି ନଦେଖିଲା ପରି ବିଭାଗୀୟ ଅଧିକାରୀମାନେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ହିନ୍ଦୋଳ ଠାରୁ ନରସିଂହପୁର ରାସ୍ତା ନିର୍ମାଣ ଚାଲିଥିବାବେଳେ ଠିକାଦାର ସ୍ୱଷ୍ଟ ଦିବାଲୋକରେ ପାହାଡ଼ କାଟି ମାଟି ନେଇଯାଇଥିବା ବେଳେ ତଦନ୍ତ ଆଳରେ ଘଟଣାକୁ ହିନ୍ଦୋଳ ତହସିଲ ପକ୍ଷରୁ ଚପାଇ ଦିଆଯାଇଥିଲା। ଏବେ ସେହି ଜାଗାରୁ ହିନ୍ଦୋଳ ତହସିଲଦାରଙ୍କ ଜ୍ଞାତ ସାରରେ ପାହାଡ଼ ଖୋଳାଯାଉଛି।

ଏ ସମ୍ପର୍କରେ ହିନ୍ଦୋଳ ତହସିଲଦାର ଦିଲ୍ଲୀପ କୁମାର ସେଠୀଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି ମୋ ଜ୍ଞାତସାରାରେ ପାହାଡ଼ ଖୋଳି ଠିକାଦାର ମୋରମ ଆଣୁଛନ୍ତି। ମୋର ପାୱାର ଅଛି ମୁଁ ପାହାଡ଼ ଖୋଳିବା ପାଇଁ ନିର୍ଦ୍ଦେଶ ଦେଇଛି। ଏଠାରେ ପ୍ରଶ୍ନ ଉଠେ ସରକାର ପାହାଡ଼ ନଖୋଲିବା ପାଇଁ ନିର୍ଦ୍ଦେଶ ଦେଇଥିବାବେଳେ କିପରି ହିନ୍ଦୋଳ ତହସିଲଦାର ପାହାଡ଼ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ତାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏସମ୍ପର୍କରେ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ ବେଉରାଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି ପାହାଡ଼ ଖୋଳି ମୋରମ ବିକ୍ରୟ କରିବା ପାଇଁ ସରକାରଙ୍କର କୌଣସି ନିର୍ଦ୍ଦେଶ ନାହିଁ। ପାହାଡ଼ ଖୋଳିବା ପାଇଁ କାହାର ପାୱାର ମଧ୍ୟ ନାହିଁ। ଏ ସମ୍ପର୍କରେ ତଦନ୍ତ କରାଯିବ ବୋଲି ନିଜର ମତାମତ ଦେଇଥିବା ବେଳେ, ହିନ୍ଦୋଳ ତହସିଲ ଅଞ୍ଚଳରେ ଦିନ ଦ୍ୱିପ୍ରହରରେ ବେଆଇନ ପଥର ଖାଦାନ ଠାରୁ ଆରମ୍ଭ କରି ଦୈନିକ ଟ୍ରିପ ଟ୍ରିପ ବେଆଇନ ବାଲି ଚାଲାଣ ହେଉଛି। ତହସିଲଦାରଙ୍କ ପକ୍ଷରୁ କେବଳ ନାମକୁମାତ୍ର ଚଢ଼ାଉ କରାଯାଏ ଏବଂ ପରବର୍ତ୍ତୀ ମୁହୂର୍ତ୍ତରେ ମୋଟା ଅଙ୍କର ହାତଗୁଞ୍ଜା ନେଇ ଏହାକୁ ରଫା ଦଫା କରିଦିଆଯାଏ ବୋଲି ଉପଖଣ୍ଡ ରେ ଆଲୋଚନା ହୁଏ ଏବେ ରାଜ୍ୟରେ ନୂତନ ସରକାର ଆସିଥିବା ବେଳେ ହିନ୍ଦୋଳ ତହସିଲ ଅଞ୍ଚଳ ରେ ହେଉଥିବା ବେଆଇନ କାର୍ଯ୍ୟ କୁ କେବେ ଧରାଯାଉଛି ଓ ପାହାଡ଼ ଖୋଲିବାପାଇଁ ନିର୍ଦ୍ଦେଶ ଦେଇଥିବା ଅଧିକାରୀଙ୍କ ଉପରେ କେବେ କାର୍ଯ୍ୟାନୁଷ୍ଠାନ ହେଉଛି ଦେଖିବାକୁ ବାକି ରହିଲା।

# ଚୋରା ଡିଜେଲ ଜବତ; ଜଣେ ଗିରଫ



**ଖଜୁରିଆକଟା, ୮।୭(ସମିସ):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ପୁଲିସ ଏକ ଫାର୍ମହାଉସରେ ଚଢ଼ଉ କରି ଚୋରା ଡିଜେଲ ସହ ଚୋରା ଚାଲାଣକାରୀକୁ ଗିରଫ କରିଛି। ହିନ୍ଦୋଳ ଥାନା ପଡ଼ା ଗ୍ରାମର ସୁଦାମ ସାହୁଙ୍କ ଫାର୍ମହାଉସରେ ଦୀର୍ଘଦିନରୁ ଡିଜେଲ ପେଟ୍ରୋଲ ଟ୍ୟାଙ୍କରମାନଙ୍କରୁ ବିପୁଳ ପରିମାଣରେ ଚୋରା ଡିଜେଲ ଚାଲାଣ କାରବାର କରାଯାଉଥିବା ଅଭିଯୋଗ ହୋଇଆସୁଥିଲା। ବିଶେଷ ସୂତ୍ରରୁ ଖବରପାଇ ହିନ୍ଦୋଳ ପୁଲିସ ଏସ୍‌ଡିପିଓ ସତ୍ୟ କୁମାର ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ହିନ୍ଦୋଳ ଥାନା ଭାରପ୍ରାପ୍ତ ଅଧିକାରିଣୀ ଚାରୁଲତା ବେହେରା ସଦଳବଳ ଥାନା ଅଫିସର, କର୍ମଚାରୀଙ୍କ ସହ ଗତକାଲି ଦିନ୧୨ଟାରେ ଚଢ଼ାଉ କରି ସେଠାରୁ ୨ହଜାର ଲିଟର ଚୋରା ଡିଜେଲ ସହ ଡିଜେଲ ଜବତ କରିଥିଲେ। ଚୋରିପାଇଁ ବ୍ୟବହୃତ ଇଲେକ୍ଟ୍ରୋନିକ୍ ମୋଟର, ଫନେଲ, ଜାରକିନ, ପ୍ଲାଷ୍ଟିକ ପାଇପ ଇତ୍ୟାଦି ଜବତ କରିବାସହ ଘଟଣାସ୍ଥଳରୁ ଏହି ଚୋରା ଚାଲାଣରେ ସମ୍ପୃକ୍ତ ହିନ୍ଦୋଳ ଥାନା ବଙ୍ଗୁ ଗ୍ରାମର ସନ୍ତୋଷ ସାହୁଙ୍କୁ ଗିରଫ କରିଛି। ଗିରଫ ସନ୍ତୋଷକୁ ହିନ୍ଦୋଳ ଥାନା କେଶ୍ ନଂ-୧୮୬/୨୫, ଅଣ୍ଡର ସେକ୍ସନ-୩୦୩(୨), ୩୧୭(୨), ୨୩ପେଟ୍ରୋଲିୟମ ଆକ୍ଟ୧୯୩୪ରେ କୋର୍ଟ ଚାଲାଣ କରିବାସହ ଅଧିକ ତଦନ୍ତ ଓ ଖୋଳାତାଡ଼ ଜାରି ରଖିଛି। ତେବେ ଏହି ଚୋରା ଡିଜେଲ, ପେଟ୍ରୋଲ ଆଦି ପଦାର୍ଥ ଗାଁ ଗହଳି ମାନଙ୍କରେ ଖୋଲାଖୋଲି ଚଢ଼ା ଦରରେ ବିକ୍ରି କରୁଥିବା ନଜିର ରହିଛି। ଯଦିଓ ସରକାରଙ୍କ ପକ୍ଷରୁ ଅଧିକରୁ ଅଧିକ ପେଟ୍ରୋଲ ଟାଙ୍କି ଖୋଲାଯାଉଛି ଅପମିଶ୍ରଣ ଓ ଚୋରା କାରବାର ରୋକିବାପାଇଁ ତଥାପି ଏଥିରେ ରୋକ୍ ଲାଗୁନାହିଁ। ତେବେ ତଦନ୍ତ ପରେ ଏଥିରେ ଆଉ କିଏ କିଏ ସମ୍ପୃକ୍ତ, ଏହି ଚୋରା କାରବାରର ଚେର କେଉଁଯାଏ ଲମ୍ବିଛି, କେତେଦିନରୁ ଏହି ରାକେଟ ହିନ୍ଦୋଳରେ ସକ୍ରିୟ ରହିଛି ଏବଂ ଏହାର କିଙ୍ଗପିନ କିଏ ଜଣାପଡ଼ିବ ବୋଲି ମତପ୍ରକାଶ ପାଇଛି।

## ଖଣ୍ଡୁଆଳମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ବୃକ୍ଷରୋପଣ

**ପରଜଙ୍ଗ, ୮।୭(ସମିସ):** ସାମ୍ପ୍ରତିକ ସମାଜରେ ବାୟୁମଣ୍ଡଳ ପ୍ରଦୂଷଣ ମୁକ୍ତ କରିବା, ଗଛ ଲଗାଇ ସବୁଜ ସୁନ୍ଦର କରି ଅମ୍ଳଜାନ ସଂଗ୍ରହ କରି ସୁସ୍ଥ ନିରାମୟ ଜୀବନ ଅତିବାହିତ କରିବା ପାଇଁ ମା ପାଇଁ ଗଛଟିଏ ନିହାତି ଅପରିହାର୍ଯ୍ୟ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହେଉଥିବା ବେଳେ ଚଳିତ ବର୍ଷ ଜୁଲାଇ ୧ ତାରିଖରୁ ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ସରକାର ବୃକ୍ଷ ରୋପଣ ଅଭିଯାନ ଦିଗରେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ଢ଼େଙ୍କାନାଳ ଜିଲ୍ଲା ଗଡ଼ପରଜଙ୍ଗ ପଞ୍ଚାୟତ ଅଧିନସ୍ଥ ଖଣ୍ଡୁଆଳମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ନମିତା ସାହୁଙ୍କ ପୌରୋହିତ୍ୟରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଶିକ୍ଷକ ମଧୁସୂଦନ ସାହୁ, କ୍ରିଷ୍ଣା ଦାସ, ଅମିତା ପାତ୍ର ପ୍ରମୁଖ ନାନା ପ୍ରକାରର ବୃକ୍ଷ ରୋପଣ କରିଥିବା ବେଳେ ଡିହଡୋଳ ଫରେଷ୍ଟ ସେକ୍ସନର କର୍ମଚାରୀ ଓ ହାତୀ ସ୍କ୍ୱାର୍ଡ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଗଡ଼ିଲାନି ଅଖଚକ; ହନ୍ତସନ୍ତ ଯାତ୍ରୀ



**କାମାକ୍ଷାନଗର, ୮।୭(ସମିସ):** ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ସାରା ରାଜ୍ୟରେ ଆନ୍ଦୋଳନ ଚାଲିଥିବାବେଳେ କାମାକ୍ଷାନଗର ବ୍ଲକରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଆନ୍ଦୋଳନ ଫଳରେ ଅଘଚକ ବନ୍ଦ ହୋଇଯିବାରୁ ଯାତ୍ରୀମାନେ ନାହିଁନଥିବା ସମସ୍ୟା ଭୋଗିଛନ୍ତି। ବର୍ତ୍ତମାନ ଓଡ଼ିଶା ସାରା ଡ୍ରାଇଭର ନିଜର ହକ୍ ପାଇଁ ଦାବି ଚଳାଇଛନ୍ତି। ଏପରିକି ଆଜିଠାରୁ ଷ୍ଟିୟରିଂଛାଡ଼ ଆନ୍ଦୋଳନ କରିଛନ୍ତି। ଆନ୍ଦୋଳନର ପ୍ରଥମ ଦିନରେ ଲଗାଣ ବର୍ଷା ସତ୍ତ୍ୱେ ଆନ୍ଦୋଳନ ଜାରି ରଖିଛନ୍ତି। ଅଖଚକ ସବୁ ବନ୍ଦ କରିଦେଇଛନ୍ତି। ଫଳରେ ରାସ୍ତା ଗାଡ଼ି ଗଡୁନାହିଁ। ଆନ୍ଦୋଳନ ଯୋଗୁଁ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନରେ ସମସ୍ୟା ସୃଷ୍ଟି ହୋଇଛି। ସେହିପରି ଯାତ୍ରୀଙ୍କ ସମସ୍ୟା କଥା ନକହିବା ଭଲ। କାମାକ୍ଷାନଗର ବ୍ଲକର ମହୁଲପାଳ ପଥପ୍ରାନ୍ତ କେନ୍ଦ୍ର ନିକଟରେ ଢେଙ୍କାନାଳ କାମାକ୍ଷାନଗର ମୁଖ୍ୟ ରାସ୍ତା କଡ଼ରେ ଓ ବାଉଁଶପାଳ ଛକ ନିକଟରେ ଆନ୍ଦୋଳନ କରିଛନ୍ତି ଡ୍ରାଇଭର ସଂଘ। ସେମାନଙ୍କର ଦାବି ତୁରନ୍ତ ମାନି ନେବାକୁ ଦାବି କରିଛନ୍ତି। ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

**ହିନ୍ଦୋଳ:** ହିନ୍ଦୋଳ ବ୍ଲକ ସାତମାଇଲ ଓ ହିନ୍ଦୋଳ ଏନ୍‌ଏସି ଏବଂ ଓଡ଼ାପଡ଼ା ବ୍ଲକ ମେରା ମଣ୍ଡଳୀ ମୋଟଙ୍ଗା ଅଞ୍ଚଳରେ ମୋଟଙ୍ଗା ବୁଧବାର ହାଟ ନିକଟ ୫୫ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଅଞ୍ଚଳର ଡ୍ରାଇଭର ସଂଘର ସଦସ୍ୟମାନେ ଧର୍ମଘଟ କରିଛନ୍ତି। ଫଳରେ ଜାତୀୟ ରାଜପଥ ଏକ ପ୍ରକାର ଶୂନଶାନ୍ ହୋଇ ପଡ଼ିଥିବା ଯୋଗୁଁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଥିଲେ। ସରକାର ଖୁବ୍‌ଶୀଘ୍ର ସଂଘ ସହିତ ଆଲୋଚନା କରି ଧର୍ମଘଟକୁ ପ୍ରତ୍ୟାହାର କରି ସ୍ୱାଭାବିକ ଅବସ୍ଥା କରିବାକୁ ଜନସାଧାରଣ ଦାବି କରିଛନ୍ତି। ସରକାର ଆଗାମୀ ଦିନରେ କିଭଳି ଭାବରେ ଧର୍ମଘଟକୁ ପ୍ରତ୍ୟାହାର କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।






**ପରଜଙ୍ଗ:** ଓଡ଼ିଶା ଡ୍ରାଇଭର ମହାସଂଘ ଆହ୍ୱାନରେ ଜୁଲାଇ ୮ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆରମ୍ଭ କରିଦେଇଛନ୍ତି ଡ୍ରାଇଭର ମାନଙ୍କ ଷ୍ଟିୟରିଂ ଛାଡ ଆନ୍ଦୋଳନ। ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଡ୍ରାଇଭର ସଙ୍ଘ ସଭାପତି ସନ୍ତୋଷ କୁମାର ବର୍ମାଙ୍କ ତତ୍ତ୍ୱାବଧାନରେ ପୃଥକ ପୃଥକ୍ ୭ ଟି ସ୍ଥାନରେ ଡ୍ରାଇଭର ସଙ୍ଘ ପକ୍ଷରୁ ଷ୍ଟିୟରିଂ ଛାଡ ଆନ୍ଦୋଳନ ଶାନ୍ତି ଶୃଙ୍ଖଳାର ସହ ଆରମ୍ଭ କରିଛନ୍ତି। ପୂର୍ବରୁ ନିଜର ହକ ଦାବି କରିବା ଏବଂ ଦାବି ଗୁଡ଼ିକ ସମାଧାନ ନହେଲେ ଷ୍ଟିୟରିଂ ଛାଡ ଆନ୍ଦୋଳନ କରିବାକୁ ଚେତାବନୀ ଦେବାପରେ ବାଧ ହୋଇ ଡ୍ରାଇଭର ମାନଙ୍କର ୬ ଦଫା ସମ୍ବଳିତ ଦାବି ନେଇ ଜୁଲାଇ ୮ ତାରିଖରୁ ଅନିର୍ଦ୍ଦିଷ୍ଟ କାଳପାଇଁ ନିଜର ଜୀବନ ଜୀବିକାକୁ ଜଳାଞ୍ଜଳି ଦେଇ ଷ୍ଟିୟରିଂ ଛାଡିଛନ୍ତି। ଯାହା ଫଳରେ ଏଥିରେ ବସ, ଟ୍ରକ୍, ମିନି ଟ୍ରକ ଡ୍ରାଇଭର ସାମିଲ ହୋଇଥିବା ବେଳେ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଛି। ବର୍ଷା ପାଗ ସତ୍ତ୍ୱେ ପରଜଙ୍ଗ ବ୍ଲକର ପିତିରି, ସରାଙ୍ଗ, ଗେଙ୍ଗୁଟିଆ, ବଡଝରା, ସାଆନ୍ଦା, ଭାଲୁମୁଣ୍ଡା, ଡିହଡୋଳ ଠାରେ ଡ୍ରାଇଭର ସଙ୍ଘ ପକ୍ଷରୁ କ୍ୟାମ୍ପ କରାଯାଇ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସମସ୍ତ କ୍ୟାମ୍ପ ମାନଙ୍କରେ ଜଗନ୍ନାଥଙ୍କ ଫଟୋ ଓ ମହାତ୍ମାଗାନ୍ଧୀଙ୍କ ଫଟୋ ରଖି ଜୟ ଜଗନ୍ନାଥ, ଆମର ଦାବି ସରକାର ତୁମେ ମାନିନିଅ, ଡ୍ରାଇଭର ଏକତା ଜିନ୍ଦାବାଦ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ ଜାରିରଖିଛନ୍ତି।



**ଭୁବନ:** ନବୀନ ସରକାର ସମୟରେ ଯେଭଳି ଚାପି ହୋଇ ଗଲେ ଡ୍ରାଇଭର ସଂଘ, ସେଭଳି ମୋହନ ସରକାର ସମୟରେ ହେବାକୁ ଦେଇଯିବ ନାହିଁ। ଦାବି ପୂରଣ ନହେଲେ ଫଳ ଭୋଗିବେ ମୋହନ ସରକାର। ସରକାର ନଶୁଣିଲେ ପରିବାର ସହିତ ରାଜ ରାସ୍ତାକୁ ଓହ୍ଲାଇବେ ଡ୍ରାଇଭର ସଂଘ। ଏଭଳି ସିଧା ସଳଖ ଚେତାବନୀ ଦେଇଛନ୍ତି। ଓଡ଼ିଶା ଡ୍ରାଇଭର ମହାସଂଘର ସଦସ୍ୟ ଥିବା ଢ଼େଙ୍କାନାଳ ଜିଲ୍ଲା ଭୁବନ ସଂଘର ସମ୍ପାଦକ ଜୟନ୍ତ ରଣା। ଭୁବନ ଅଞ୍ଚଳର ୪୦୦୦ରୁ ଊର୍ଦ୍ଧ୍ୱ ଡ୍ରାଇଭର ଙ୍କ ପ୍ରତିନିଧି ଭାବେ ୭ ଦଫା ଦାବି ନେଇ ଷ୍ଟେରିଂ ଛାଡ଼ ଆନ୍ଦୋଳନରେ ବସିଛନ୍ତି ଜାତୀୟ ରାଜପଥ ୫୩ ର ଭୁବନ ଅଗ୍ନିସମବାହିନୀ କାର୍ଯ୍ୟାଳୟ ସମ୍ମୁଖରେ। ଯାତ୍ରୀ, ଛାତ୍ରଛାତ୍ରୀ ନାହିଁ ନଥିବା ହଇରାଣ ହୋଇଛନ୍ତି। ରାତି ପର୍ଯ୍ୟନ୍ତ ରାସ୍ତାରେ ବସିରହିଛୁ, ନିଷ୍ପତ୍ତି ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ବ୍ଲକ ସଭାପତି ବାବୁଲି ସାହୁ କହିଥିଲେ।

ସକାଳ THE SAKALA








୭ଦଫା ଦାବି ନେଇ ଡ୍ରାଇଭର ସଂଘର ରାଜ୍ୟବ୍ୟାପୀ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ: ଭୁବନେଶ୍ୱର ଅନ୍ତରାଜ୍ୟ ବସ୍‌ଷ୍ଟାଣ୍ଡରେ ଅଟକି ରହିଛି ବସ୍, ଯାତ୍ରୀ ହନ୍ତସନ୍ତ

# ପୁଣି ଡରାଇଲାଣି ସୁବର୍ଣ୍ଣରେଖା

ଭୋଗରାଇ, ୮।୭ (ସମିସ): ସପ୍ତାହକ ମଧ୍ୟରେ ସୁବର୍ଣ୍ଣରେଖାରେ ଦୁଇଦୁଇଟି ବନ୍ୟା ସ୍ଥାନୀୟ ଲୋକଙ୍କ ଜୀବନଜୀବିକାକୁ ବ୍ୟାପକ ପ୍ରଭାବିତ କରିଛି। ବନ୍ୟାପାଣିରେ ଭାସି ଦୁଇଜଣଙ୍କ ଜୀବନ ଯାଇଥିବା ବେଳେ ପରିବା ଚାଷ ସମେତ ନୂତନ ଭାବେ ପଡ଼ିଥିବା ଧାନ ତଳି ପଚି ନଷ୍ଟ ହେବାକୁ ବସିଲାଣି। ଏବେ ବି ବହୁ ପଞ୍ଚାୟତ ପାଣିଘେରରେ ରହିଛି। କିନ୍ତୁ, ଏପରି ସ୍ଥିତିରେ ପୁଣି ସୁବର୍ଣ୍ଣରେଖା ଲୋକଙ୍କୁ

## ଫୁଲୁଛି ବୁଢ଼ାବଳଙ୍ଗ



ଡରାଇଲାଣି। ଲଗାଣ ବର୍ଷା ଯୋଗୁଁ ପୁଣି ସୁବର୍ଣ୍ଣରେଖାର ଜଳସ୍ତର ବଢ଼ିବାରେ ଲାଗିଛି। ତେଣୁ ତୃତୀୟ ବନ୍ୟା ଆସିବା ଆଶଙ୍କାରେ ଲୋକେ ଏବେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏବେ ବି କୁମ୍ଭୀରଗଡ଼ି, ଆରୁଆବୃତ୍ତି, ଗବଗାଁ, କୁସୁଡ଼ା, କଟୁଆଡ଼ି, କୁଳିଦା, ଦାମୁଣଦା, ଆଦି ପଞ୍ଚାୟତର କିଛି ଗ୍ରାମର ରାସ୍ତା ଉପରେ ଦୁଇ ଫୁଟ୍‌ର ବନ୍ୟାଜଳ ପ୍ରବାହିତ ହେଉଛି। ତେଣୁ, ତୃତୀୟଥର ବନ୍ୟା ଆସିଲେ, ଅବସ୍ଥା ସଂକଟାପନ୍ନ ହେବ ବୋଲି ପଞ୍ଚାୟତବାସୀମାନେ କହିଛନ୍ତି।

ଅପରପକ୍ଷେ, ବନ୍ୟାଜଳ ଛାଡ଼ି ଯାଇଥିବା କିଛି ଗାଁଗୁଡ଼ିକରେ ଏବେ ଡାଇରିଆ ଧୀରେଧୀରେ କାୟା ମେଲାଉଛି। ଲୋକଙ୍କୁ ଉପଯୁକ୍ତ ପିଇବା ପାଣି ମିଳୁନଥିବାରୁ ଏପରି ସ୍ଥିତି ସୃଷ୍ଟି ହୋଇଛି। ବହୁ ସ୍ଥାନରେ ଆଶାକର୍ମୀମାନେ ଗାଁ ଗାଁରେ ଓଆରଏସ୍ ସହ ବିଭିନ୍ନ ଔଷଧ ବାଣ୍ଟୁଛନ୍ତି। ଆରୁଆବୃତ୍ତି ପଞ୍ଚାୟତର ଜଣେ ଆଶାକର୍ମୀ ଔଷଧ ବାଣ୍ଟି ଘରକୁ ଫେରିବା ପରେ ଅସୁସ୍ଥ ହୋଇ କଟକ ବଡ଼ ଡାକ୍ତରଖାନାରେ ପ୍ରାଣ ହରାଇଥିବା ଦେଖିବାକୁ ମିଳିଛି।

ଅପରପକ୍ଷେ, ଗତ ୩ଦିନ ଧରି ଜିଲ୍ଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ସଦର ବ୍ଲକର ବିଭିନ୍ନ ପଞ୍ଚାୟତର ପାଖାପାଖି ୧୦ହଜାର ଲୋକେ ପ୍ରଭାବିତ ହେବାର ଆଶଙ୍କା ରହିଛି। ବୁଢ଼ାବଳଙ୍ଗ ନଦୀର ସତର୍କ ସଙ୍କେତ ୭.୨୧ମି ଥିବା ବେଳେ ବିପଦ ସଙ୍କେତ ୮.୧୩ମି ରହିଛି। ଆଜି ଅପରାହ୍ଣ ୫ଟା ସୁଦ୍ଧା ନଦୀର ଜଳସ୍ତର ୪.୭୦ମିଟରରେ ପାଣି ପ୍ରବାହିତ ହେଉଛି। ବନ୍ୟା ହେଲେ ପରିଖୀ, ନଗ୍ରମ, ଆଳୁମିଦା, ସାର୍ଥା, ଗୋପୀନାଥପୁର, ବୁଆଁଳ, ସିନ୍ଧିଆ, ବଇଁଚା ଆଦି ବିଭିନ୍ନ ପଞ୍ଚାୟତ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି।

## ୧୪ରୁ ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଡାକରା

# ଆଲୋଚନା ପାଇଁ ଡାକିଲେ ସରକାର

ଭୁବନେଶ୍ୱର,୮।୭(ସମିସ): ୧୦ ଟି ପ୍ରମୁଖ ଦାବି ନେଇ କଳା ବ୍ୟାଜ୍ ପିନ୍ଧି କାର୍ଯ୍ୟରତ ଥିବା ଓଡ଼ିଶା ରାଜସ୍ୱ ଅମଲା ସଂଘକୁ ଆଲୋଚନା ପାଇଁ ଡାକିଛନ୍ତି ରାଜ୍ୟ ସରକାର। ବୁଧବାର ସନ୍ଧ୍ୟାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓଡ଼ିଶା ରାଜସ୍ୱ ଅମଲା ସଂଘର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିବେ ବୋଲି ନିଷ୍ପତ୍ତି ହୋଇଛି। ରାଜସ୍ୱ ଅମଲା ସଂଘ ପକ୍ଷରୁ ବାରମ୍ବାର ଏହି ଦାବି ପୂରଣ ପାଇଁ ସରକାରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସରକାର କର୍ଣ୍ଣପାତ କରି ନଥିଲେ। ଏଥିପାଇଁ ଗତ ୭ତାରିଖଠାରୁ ରାଜ୍ୟର ରାଜସ୍ୱ ଅମଲା ସଂଘର ସଦସ୍ୟ/ସଦସ୍ୟାମାନେ କଳାବ୍ୟାଜ୍ ପିନ୍ଧି କାମ କରୁଥିବା ବେଳେ ଆସନ୍ତା ୧୪ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛନ୍ତି। ସଂଘର ଏହି ଆନ୍ଦୋଳନ ଡକାରା ପରେ ସରକାର ତାଙ୍କ ସହ ଆଲୋଚନା କରିବାକୁ ନିଷ୍ପତ୍ତି ନେଇଛନ୍ତି।

ସଂଘ ପକ୍ଷରୁ ରଖାଯାଇଥିବା ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ମନ୍ତ୍ରିସ୍ତରୀୟ କର୍ମଚାରୀଙ୍କ ପ୍ରାରମ୍ଭିକ ଦରମା ସ୍ତର-୯କୁ ବୃଦ୍ଧି କରାଯିବାକୁ କୁହାଯାଇଛି। ଏହା ଜିଏ ବିଭାଗର ପତ୍ର ସଂଖ୍ୟା ୮୮୯୮ ଏବଂ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଆଧାରରେ, ନୂତନ ପଦବୀ ସୃଷ୍ଟି କରି ସେହି ଅନୁଯାୟୀ କ୍ୟାଡର ପୁନର୍ଗଠନ କରିବାକୁ ଦାବି ହୋଇଛି।

ଏହାସହ ଓଡ଼ିଶାର ସମସ୍ତ ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା, ୨୦୨୦ ରେ କାର୍ଯ୍ୟକାରୀ ହୋଇଥିବା ପୁନର୍ବାସ ଯୋଜନାର ନିୟମଗୁଡ଼ିକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ସଦସ୍ୟଙ୍କୁ ୧୯୯୦ରେ କାର୍ଯ୍ୟକାରୀ ହୋଇଥିବା ନିୟମ ଅନୁଯାୟୀ ଯୋଗ୍ୟତା ଆଧାରରେ ନିଯୁକ୍ତି ଦେବାକୁ ଦାବି ହୋଇଛି। ଜିଲ୍ଲା କ୍ୟାଡର ରାଜସ୍ୱ କର୍ମଚାରୀଙ୍କୁ ଓଡ଼ିଶା ରାଜସ୍ୱ ସେବାରେ ଶତପ୍ରତିଶତ ପଦୋନ୍ନତି ଦିଆଯିବା ସହ ନୂତନ ପେନସନ ଯୋଜନାକୁ ଉଚ୍ଛେଦ କରି ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରୁଣା ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଦାବି ହୋଇଛି।

ଏହାବ୍ୟତୀତ ପିରାମିଡିକାଲ ପ୍ରମୋସନାଲ୍ ଢାଞ୍ଚା ବଜାୟ ରଖିବା ପାଇଁ ଜୁନିଅର ସହାୟକରୁ ସିନିୟର ସହାୟକଙ୍କ ପଦୋନ୍ନତି ପାଇଁ ଆବଶ୍ୟକ ଅବଧି ୪ବର୍ଷ ପର୍ଯ୍ୟନ୍ତ ସ୍ଥିର କରିବାକୁ ଦାବି ପତ୍ରରେ ଦର୍ଶାଯାଇଛି। ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ମନ୍ତ୍ରିସ୍ତରୀୟ କର୍ମଚାରୀଙ୍କ ୟୁଜର-ଆଇଡି ବିଭିନ୍ନ ରାଜସ୍ୱ ମାମଲା ସମାଧାନ କରିବା ପାଇଁ ସୃଷ୍ଟି କରିବାକୁ କୁହାଯାଇଛି। ନୂତନ ଭାବେ ନିଯୁକ୍ତି ପାଇଥିବା ଜିଲ୍ଲା ରାଜସ୍ୱ ମନ୍ତ୍ରିସ୍ତରୀୟ କର୍ମଚାରୀଙ୍କ ପାଇଁ ପ୍ରେରଣା ତାଲିମ ବ୍ୟବସ୍ଥା କରିବାକୁ କୁହାଯାଇଛି।

# ପୁଣି ଏକ ମାଓ କ୍ୟାମ୍ପ ଠାବ

ନୂଆପଡ଼ା, ୮।୭ (ସମିସ): ୨୦୨୬ ସୁଦ୍ଧା ମାଓବାଦୀଙ୍କୁ ମୂଳପୋଛ କରିବାକୁ ସରକାର ସଂକଳ୍ପ ନେଇଛନ୍ତି। ହେଲେ ନୂଆପଡ଼ା ଜିଲ୍ଲାରେ ମାଓବାଦୀ-ପୁଲିସ ଲୁଚକାଳି ଖେଳ ଶେଷ ହେବାର ନାଁ ନେଉନାହିଁ। ବର୍ଷକରେ ନୂଆପଡ଼ା ପୁଲିସ ବାରମ୍ବାର ମାଓବାଦୀ କ୍ୟାମ୍ପ ଠାବ କରୁଥିବା ବେଳେ ମାଓବାଦୀମାନେ ସହଜରେ ଖସି ଯାଉଛନ୍ତି। ସୋମବାର ମଧ୍ୟ ନୂଆପଡ଼ା ପୁଲିସ ସିନାପାଲି ଥାନା ଝାରବନ୍ଧ ପଞ୍ଚାୟତ ତଥା ଛତିଶଗଡ଼ ସୀମାନ୍ତର ନାରାୟଣ ଡୁଙ୍ଗରି ସଂରକ୍ଷିତ ଜଙ୍ଗଲରୁ ଏକ ମାଓବାଦୀ କ୍ୟାମ୍ପ ଠାବ କରିଛି। ସେଠାରୁ ବହୁ ପରିମାଣର ମାଓବାଦୀ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି। ନୂଆପଡ଼ା ଏସ୍‌ପି ଜି. ଆର. ରାଘବେନ୍ଦ୍ର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।



**ସହଜରେ ଖସି ଯାଉଛନ୍ତି ମାଓବାଦୀ**

ସୂଚନା ମୁତାବକ, ଛତିଶଗଡ଼ରେ ମାଓ ଦମନ ପାଇଁ ଜୋରଦାର କମ୍ବିଂ ଅପରେସନ୍ ଚାଲୁଥିବାରୁ ଜୀବନ ବଞ୍ଚାଇବା ପାଇଁ ମାଓବାଦୀମାନେ ଓଡ଼ିଶାମୁହାଁ ହେଉଛନ୍ତି। ଗୁଇନ୍ଦା ସୂତ୍ରରୁ ଏହି ଖବର ପାଇ ସୁରକ୍ଷା ବାହିନୀ ସିନାପାଲି ଥାନା ଝାରବନ୍ଧ ଗାଁ ନିକଟସ୍ଥ ଛତିଶଗଡ଼ ସୀମାନ୍ତ ନାରାୟଣଡୁଙ୍ଗରି ସଂରକ୍ଷିତ ଜଙ୍ଗଲରେ କମ୍ବିଂ ଅପରେସନ୍ କରିଥିଲେ। ଯବାନମାନଙ୍କୁ ଦେଖି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ପଳାୟନ କରିଥିଲେ। ସେହି ସମୟରେ ଯବାନମାନେ ଏକ ମାଓ କ୍ୟାମ୍ପ ଠାବ କରିବା ସହ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରିଛନ୍ତି। ଜବତ ସାମଗ୍ରୀ ମଧ୍ୟରେ ଗୋଟିଏ ଟିଫିନ୍ ବୋମା, ୨୦ଟି ଜିଲୋଟିନ ବାଡ଼ି, ଇଲେକ୍ଟ୍ରିକାଲ ଡିଟୋନେଟର୍, ପଲିଥିନ୍ ସହ ଅନ୍ୟାନ୍ୟ ସାମଗ୍ରୀ ରହିଛି।

# ୪ ମାଓବାଦୀ ଗିରଫ



ମାଲକାନଗିରି, ୮।୭(ସମିସ): ଆଇଡି ବିସ୍ଫୋରଣ ଘଟଣାରେ ସମ୍ପୃକ୍ତ ଚାରି ଜଣ ମାଓବାଦୀଙ୍କୁ ଗିରଫ କରିଛି ଛତିଶଗଡ଼ର ନାରାୟଣପୁର ଜିଲ୍ଲା ପୁଲିସ। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ନାରାୟଣପୁର ଜିଲ୍ଲା କୋହକମେଟା ଥାନା ଅଞ୍ଚଳରେ ତଲାସି ଅଭିଯାନ ବେଳେ ୪ଜଣ ମାଓବାଦୀଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇଥିଲା। କୋହକାମେଟା ଥାନା ଅଧୀନରେ କୁତୁଲ ଗ୍ରାମ ରାସ୍ତା ପାଶ୍ୱର୍ରେ ବିଗତ ଦିନରେ ଏକ ଆଇଡି ବୋମା ବିସ୍ଫୋରଣ ଘଟଣାରେ ଏହି ମାଓବାଦୀମାନେ ସାମିଲ ଥିଲେ। ଏହି ବିସ୍ଫୋରଣରେ ଟ୍ରକ୍ ଚାଳକ ସନ୍ତୋଷ ପୋୟାମ ଗୁରୁତର ହୋଇଥିଲେ। ଗିରଫ ମାଓବାଦୀମାନେ ହେଲେ ଲଚ୍ଛୁରାମ, ଲାଲୀ ମଲେଶ, କୋସା ଅନିଲ ଓ ଦୀନେଶ। ସେହିପରି, ଗତ ଜୁନ୍ ୯ରେ ଏକ ଆଇଡି ବୋମା ବିସ୍ଫୋରଣରେ ଅତିରିକ୍ତ ଏସ୍‌ପି ଆକାଶ ଗିରପୁଞ୍ଜେ ସହିଦ ଘଟଣାର ମାଷ୍ଟରମାଇଣ୍ଡ ମାଓବାଦୀ ସୋଡି ଗଙ୍ଗାକୁ ଗିରଫ କରାଯାଇଛି। ସେ ମାଓ ସଙ୍ଗଠନର ଆରପିସି ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲା।

# ଆଇଇଡି ବିସ୍ଫୋରଣରେ ଦୁଇ ଯବାନ ଗୁରୁତର

ମାଲକାନଗିରି, ୮।୭(ସମିସ): ମାଓବାଦୀଙ୍କ ଆଇଇଡି ବୋମା ବିସ୍ଫୋରଣରେ ଦୁଇ ଯବାନ ଗୁରୁତର ହୋଇଛନ୍ତି। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବାସାଗୁଡ଼ା ଜଙ୍ଗଲରେ ଏହି ଘଟଣା ଘଟିଛି। ଘଟଣାସ୍ଥଳରେ ପୁଲିସ୍ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଜାରି ରହିଛି। ସୂଚନାନୁଯାୟୀ, ଛତିଶଗଡ଼ ବିଜାପୁର ଜିଲ୍ଲାର ବାସାଗୁଡ଼ା ଜଙ୍ଗଲର ମୁରୁଦଣ୍ଡ ଓ ତିମାପୁର ମଧ୍ୟ ଅଞ୍ଚଳରେ ମାଓ ଦମନ ନିମନ୍ତେ ସିଆରପିଏଫର ଯବାନ ଓ ପୁଲିସ ପକ୍ଷରୁ ତଲାସି ଅଭିଯାନ ଜାରିଥିବା ବେଳେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ଉଭୟ ପକ୍ଷ ମଧ୍ୟରେ ଗୁଳିବିନିମୟ ଘଟିଥିଲା। ଏହି ସମୟରେ ମାଓବାଦୀମାନେ ଏକ ଆଇଡି ବୋମା ବିସ୍ଫୋରଣ କରିବାରୁ ଏଥିରେ ଦୁଇଜଣ ସିଆରପିଏଫ ଯବାନ ଆହତ ହୋଇଛନ୍ତି। ଗୁଳି ବିନିମୟରେ କିଛି ମାଓବାଦୀ ନିହତ ହୋଇଥିବା ନେଇ ସୂଚନା ମିଳିଛି। ଆହତ ଯବାନଦ୍ୱୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନିଆଯାଇଛି। ଖବର ଲେଖା ହେବା ସୁଦ୍ଧା ଘଟଣାସ୍ଥଳରେ ବର୍ତ୍ତମାନ ମଧ୍ୟ ଗୁଳିବିନିମୟ ଜାରି ରହିଛି। ଯବାନମାନେ ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ମିଳି ପାରିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ଅରବିନ୍ଦ ଦାସ ପ୍ରଦେଶ କଂଗ୍ରେସ ମିଡିଆ ବିଭାଗର ନୂତନ ଅଧ୍ୟକ୍ଷ

ଭୁବନେଶ୍ୱର, ୮।୭ (ସମିସ): ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡଗେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଗଣମାଧ୍ୟମ, ଯୋଗାଯୋଗ ଏବଂ ପ୍ରଚାର ବିଭାଗର ନୂତନ ଅଧ୍ୟକ୍ଷ ଭାବରେ ଅରବିନ୍ଦ ଦାସଙ୍କୁ ନିଯୁକ୍ତି ଦେଇଛନ୍ତି। ଏହି ନିଯୁକ୍ତି ପାଇଁ ଏଆଇସିସି ସଭାପତି ଶ୍ରୀ ଖଡଗେ, ଲୋକସଭା ବିରୋଧୀଦଳ ନେତା ରାହୁଲ ଗାନ୍ଧୀ, ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ପ୍ରମୁଖଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି। କଲେଜ ଜୀବନରେ ଛାତ୍ର ନେତା ଥିବା ଶ୍ରୀ ଦାସ ବଲାଙ୍ଗିର ରାଜେନ୍ଦ୍ର କଲେଜ ଛାତ୍ର ସଂସଦର ସାଧାରଣ ସଂପାଦକ ନିର୍ବାଚିତ ହୋଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ଏମ୍‌ଏ ପାସ କରିବା ପରେ ରାଜେନ୍ଦ୍ର କଲେଜରେ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଅଧ୍ୟାପନା କରିଥିଲେ। ପରବର୍ତ୍ତୀ ସମୟରେ ସେ ଛାପା ଗଣମାଧ୍ୟମରେ ୨୭ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ।



# ମହରମ ଶୋଭାଯାତ୍ରାରେ ଆମ୍ବୁଲାନ୍ସ ଭଙ୍ଗାରୁଜା

## ବାପା-ମା' ସମେତ ୨ ଶିଶୁ ଆହତ, ୫ ଅଟକ

ବାଲେଶ୍ୱର,୮।୭(ସମିସ): ମହରମ ଶୋଭାଯାତ୍ରା ବେଳେ ଆମ୍ବୁଲାନ୍ସ ଭଙ୍ଗାରୁଜା। ବାଲେଶ୍ୱର ଜିଲ୍ଲା ରେମୁଣା ବଜାର ହାତୀଆଗଣ୍ଡ ଛକ ନିକଟରେ ଗତ ରବିବାର ଏହି ଘଟଣା ଘଟିଛି। ଏଥିରେ ଆମ୍ବୁଲାନ୍ସରେ ମେଡିକାଲ ଯାଉଥିବା ଏକ ଦମ୍ପତିଙ୍କ ସମେତ ତାଙ୍କର ୨ଶିଶୁ ଆହତ ହୋଇଛନ୍ତି। ଏ ସଂପର୍କରେ ସୋମବାର ରେମୁଣା ଥାନାରେ ଅଭିଯୋଗ ହେବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ୫ଜଣଙ୍କୁ ଅଟକ ରଖିଛି।

ସୂଚନାନୁଯାୟୀ, ରେମୁଣା ଥାନା ଅଧୀନ ରସଲପୁରର ରଶ୍ମିରଂଜନ ସାହୁ ଓ ଉର୍ମିଳାଙ୍କ ୩ ବର୍ଷର ପୁଅ ଓ ଅଢ଼େଇ ବର୍ଷର ଝିଅ ପ୍ରବଳ ଜ୍ୱରରେ ଆକ୍ରାନ୍ତ ଥିଲେ। ଦୁହିଁଙ୍କ ଅବସ୍ଥା ବିଗିଡ଼ିବାରୁ ରାତି ପ୍ରାୟ ସାଢ଼େ ୧୦ଟାରେ ଏକ ୧୦୮ ଆମ୍ବୁଲାନ୍ସରେ ସେମାନେ ହସ୍ପିଟାଲକୁ ନେଇ ଯାଉଥିଲେ। ଏହି ସମୟରେ ରେମୁଣା ବଜାର ହାତୀଆଗଣ୍ଡ ଛକ ନିକଟରେ ମହରମ୍ ଶୋଭାଯାତ୍ରା ଚାଲିଥିଲା। ଶୋଭଯାତ୍ରାରେ ସାମିଲ ଥିବା ଲୋକଙ୍କ ମଧ୍ୟରୁ ୧୦ରୁ ୧୫ଜଣ ଆମ୍ବୁଲାନ୍ସ ଭଙ୍ଗାରୁଜା କରିଥିଲେ। ଜୋରରେ ସାଇରନ ବଜାଇ କାହିଁକି ବାରମ୍ବାର ଯିବାଆସିବା କରୁଛୁ କହିବା ସହ ଡ୍ରାଇଭରକୁ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ଏହାସହ ଚାଳକଙ୍କ ସହଯୋଗୀକୁ ବାହାରକୁ ଟାଣି ଆଣି ପିଟିଥିଲେ। ଗାଡ଼ିର ପଛପଟ କାଚକୁ ଠେଙ୍ଗାରେ ପିଟି ଭାଙ୍ଗି ଦେବାରୁ ଗାଡ଼ି ଭିତରେ ବସିଥିବା ୨ ଶିଶୁ ଓ ବାପା ମା' କାଚ ବାଜି ଲହୁଲୁହାଣ ହୋଇଥିବା ଜଣାପଡ଼ିଛି। ତେବେ, ପ୍ରାୟ ଅଧ ଘଣ୍ଟା ଧରି ଅଟକିବା ପରେ ଆମ୍ବୁଲାନ୍ସ ଘଟଣାସ୍ଥଳରୁ ଯାଇଥିଲା। ଏନେଇ ସୋମବାର ସନ୍ଧ୍ୟାରେ ଆମ୍ବୁଲାନ୍ସ ଚାଳକ ରେମୁଣା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

# ସାପକାମୁଡ଼ାରେ ଜଣେ ମୃତ

ବୌଦ୍ଧ, ୮।୭ (ସମିସ): ବୌଦ୍ଧ ବ୍ଲକ୍ ଆମ୍ବଝରୀ ପଞ୍ଚାୟତ ପାବୁଲିପଡ଼ା ଗ୍ରାମରେ ସାପ କାମୁଡ଼ାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଶ୍ରଦ୍ଧାକର କହଁର (୫୫)। ମଙ୍ଗଳବାର ଭୋର୍ ୫ଟାରେ ଶ୍ରଦ୍ଧାକର ଘରେ ଶୋଇଥିବା ବେଳେ କୌଣସି ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାରଲୋକେ ତାଙ୍କୁ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୌଦ୍ଧ ଥାନା ପୁଲିସ୍ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଦୁର୍ଗମ ଅଞ୍ଚଳରେ ପୁଣି ଜନନୀ ଯନ୍ତ୍ରଣାର ବିକଳ ଚିତ୍ର

# ଖଟିଆରେ ବୁହାହେଲେ ଗର୍ଭବତୀ

ଥୁଆମୂଳ ରାମପୁର,୮।୭(ସମିସ): ଦୁର୍ଗମ ଅଞ୍ଚଳବାସୀଙ୍କୁ ରାସ୍ତା ପାଇଁ ଆଜି ବି ଦୁର୍ଦ୍ଦଶା ଭୋଗିବାକୁ ପଡ଼ୁଛି। ସ୍ୱାସ୍ଥ୍ୟସେବା ଭଳି ଜରୁରୀକାଳୀନ ପରିସ୍ଥିତିରେ ସମସ୍ୟା ସାଂଘାତିକ ହୋଇପଡୁଛି। ଗାଁକୁ ଆମ୍ବୁଲାନ୍ସ ପହଞ୍ଚି ନ ପାରିବାରୁ ଯନ୍ତ୍ରଣାରେ ଛଟପଟ ରୋଗୀ ତଥା ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୁହା ହେଉଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ସିନ୍ଧିପଦର ପଞ୍ଚାୟତ ଅଧୀନ ବାର୍ଷିକୋଣା ଗାଁରେ ଆଜି ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗାଁର ମହେନ୍ଦ୍ର ମାଝୀଙ୍କ ସ୍ତ୍ରୀ ରଞ୍ଜିତା (୨୨) ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ଡାକ୍ତରଖାନା ନେବା ପାଇଁ ଆମ୍ବୁଲାନ୍ସ ସହ ଯୋଗାଯୋଗ କରାଯାଇଥିଲା। ସୂଚନା ପରେ ଆମ୍ବୁଲାନ୍ସ ଆସି ଅଧବାଟର ଇନ୍ଦ୍ରାବତୀ କେନାଲ ରାସ୍ତାରେ ଅଟକି ଅପେକ୍ଷା କରିଥିଲା। ରାସ୍ତା ଠିକ୍ ନ ଥିବା ଯୋଗୁଁ ଆଗକୁ ବଢ଼ିପାରିନଥିଲା। ଗ୍ରାମବାସୀଙ୍କ ସହଯୋଗରେ ରଞ୍ଜିତାଙ୍କୁ ଖଟିଆରେ ବୁହାହୋଇ ପ୍ରାୟ ୨କିଲୋମିଟର ଦୂରରେ ଅଟକି ଥିବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାକୁ ପଡିଥିଲା। କଲମପୁର ଡାକ୍ତରଖାନାରେ ସେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଛନ୍ତି। ମା' ଝିଅ ସୁସ୍ଥ ଥିବା ଜଣାପଡ଼ିଛି।



## ଉସ୍ତପଲ୍ଲୀରେ ଝାଡ଼ାବାନ୍ତି ଘଟଣା

# ଆଉ ୨ ଆକ୍ରାନ୍ତ ଏମ୍‌କେସିଜିରେ ଭର୍ତ୍ତି

**ଆକ୍ରାନ୍ତଙ୍କ ସଂଖ୍ୟା ୧୧କୁ ବୃଦ୍ଧି**

ବ୍ରହ୍ମପୁର, ୮।୭(ସମିସ): ଦିଗପହଣ୍ଡି ବ୍ଲକ୍ ଅନ୍ତର୍ଗତ ସହଦେବ ଟିକରପଡ଼ା ପଞ୍ଚାୟତ ଅଧୀନ ଉସ୍ତପଲ୍ଲୀ ଗ୍ରାମରେ ଝାଡ଼ାବାନ୍ତି କାୟା ମେଲାଇବାରେ ଲାଗିଛି। ପୂର୍ବରୁ ଗ୍ରାମର ୯ଜଣ ଆକ୍ରାନ୍ତ ହୋଇଥିବା ବେଳେ ମଙ୍ଗଳବାର ଆଉ ୨ଜଣ ଆକ୍ରାନ୍ତ ହୋଇଛନ୍ତି। ଦୁହିଁଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ସୋମବାର ଡାକ୍ତରଖାନାର ଡାଇରିଆ ୱାର୍ଡରେ ମୋଟ ୭ଜଣ ରୋଗୀ ଥିବା ବେଳେ ମଙ୍ଗଳବାର ଉକ୍ତ ଗ୍ରାମର ୩ ବର୍ଷର ଜଣେ ଶିଶୁଙ୍କ ସହ ଅନ୍ୟ ଜଣେ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ସମସ୍ତ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର କହିଛନ୍ତି।

## ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ଦାବି

# ଦିଗପହଣ୍ଡିରେ ନିୟନ୍ତ୍ରଣକୁ ଆସୁଛି ଡାଇରିଆ

**ଜାରି ରହିଛି ସଚେତନତା ଓ ବିଶୋଧନ କାର୍ଯ୍ୟ**

ଭୁବନେଶ୍ୱର, ୮।୭ (ସମିସ): ରବିବାରଠାରୁ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକର ଉସ୍ତପଲ୍ଲୀ ଗ୍ରାମରେ ଦେଖାଦେଇଥିବା ଡାଇରିଆ ରୋଗ ଏବେ ନିୟନ୍ତ୍ରଣାଧୀନ ରହିଛି। ଏହା ସଂକ୍ରମଣ ରୂପ ନେବା ପୂର୍ବରୁ ବ୍ୟାପକ ସଚେତନତା ଅଭିଯାନ, ଘରକୁ ଘର ନିରୀକ୍ଷଣ ଆଦି କରାଯାଇଥିଲା। ଫଳରେ ସ୍ଥିତିରେ ସୁଧାର ଆସିପାରିଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି, ଆଜି ଅପରାହ୍ଣ ସୁଦ୍ଧା ଉସ୍ତପଲ୍ଲୀ ଗ୍ରାମରେ ସମୁଦାୟ ୧୧ ଜଣ ବ୍ୟକ୍ତି ଡାଇରିଆରେ ଆକ୍ରାନ୍ତ ହୋଇଛନ୍ତି। ସେହି ଗ୍ରାମରୁ କୌଣସି ନୂଆ ରୋଗୀ ହସ୍ପିଟାଲ ଆସିନାହାନ୍ତି। ସଂକ୍ରମିତ ୧୧ଜଣଙ୍କ ମଧ୍ୟରୁ ଦୁଇଦିନ ଭିତରେ ୬ଜଣଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ହସ୍ପିଟାଲକୁ ପଠାଯାଇଥିଲା। ଅବଶିଷ୍ଟ ୫ଜଣଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ଆଜି ଅପରାହ୍ଣ ସୁଦ୍ଧା ଏମ୍‌କେସିଜିରୁ ୫ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଜଣେ ୫ବର୍ଷର ଶିଶୁଙ୍କର ଶ୍ୱାସ ସମ୍ବନ୍ଧିତ ଅସୁବିଧା ଥିବାରୁ ତାଙ୍କୁ ସ୍ୱତନ୍ତ୍ର ଚିକିତ୍ସା ଦିଆଯାଉଛି। ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିବା ସମସ୍ତ ୫ ଜଣ ରୋଗୀଙ୍କୁ ଆରୋଗ୍ୟ ଲାଭ ପରେ ଡିସ୍‌ଚାର୍ଜ କରାଯାଇଛି। ଶ୍ରୀ ମିଶ୍ର ଆହୁରି କହିଛନ୍ତି, ଡାଇରିଆରେ ୨ ଜଣଙ୍କର ମୃତ୍ୟୁ ନେଇ ହୋଇଥିବା ଅଭିଯୋଗର ପ୍ରାଥମିକ ତଦନ୍ତ ପରେ ତାହା ଡାଇରିଆଜନିତ ମୃତ୍ୟୁ ନୁହେଁ ବୋଲି ସ୍ପଷ୍ଟ ହୋଇଛି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ଭଲ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଅପ୍ରିୟ ସତ କହି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବନି। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ପୁରୁଣା ନିବେଶରୁ ଲାଭ ମିଳିବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ଆଣ୍ଠୁଗଣ୍ଠି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ


- ୧୮୭୫- ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ଆରମ୍ଭ।
- ୧୯୫୧- ଭାରତରେ ପଞ୍ଚବାର୍ଷିକ ଯୋଜନାର ଆରମ୍ଭ ହେଲା।
- ୧୯୫୩- ପ୍ରଥମ ହେଲିକପ୍ଟର ଯାତ୍ରୀ ସେବା ନ୍ୟୁୟର୍କରେ ଆରମ୍ଭ ହେଲା।
- ୧୯୭୨- ସୋଭିଏତ୍ ସଂଘ ଭୂମିଗତ ପରମାଣୁ ପରୀକ୍ଷା କଲା।
- ୧୯୯୧- ଦକ୍ଷିଣ ଆଫ୍ରିକାକୁ ଅଲମ୍ପିକ୍ ଖେଳରେ ଅଂଶ ଗ୍ରହଣ ପାଇଁ ପୁଣି ଥରେ ଅନୁମତି ମିଳିଲା।
- ୨୦୦୨- 'ଅର୍ଗାନାଇଜେସନ୍ ଅଫ୍ ଆଫ୍ରିକାନ୍ ୟୁନିଟି'ର ନାମ ବଦଳାଇ 'ଆଫ୍ରିକାନ୍ ୟୁନିଅନ୍' ରଖାଗଲା।



## 'ରାମାୟଣ' ରଣବୀର ନେବେ ୧୫୦ କୋଟି

ନୀତେଶ ତିୱାରିଙ୍କ ବହୁ ଚର୍ଚ୍ଚିତ ଫିଲ୍ମ 'ରାମାୟଣ'ର ଟିଜର୍ ଜାରି ହେବା ପରେ ଦର୍ଶକେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ବିଶେଷକରି ଏହାର ସଙ୍ଗୀତ ଓ ଉଚ୍ଚ କୋଟୀର ଭିଏଫ୍‌ଏକ୍ସ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ଦର୍ଶକେ ଏବେ ଏହାର ରିଲିଜ୍‌କୁ ଅପେକ୍ଷା କରିଛନ୍ତି। ଭାରତୀୟ ସିନେମା ଇତିହାସରେ ଏହାକୁ ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ବୋଲି କୁହାଯାଉଛି। ଏହାର ଦୁଇଟି ପାର୍ଟର ନିର୍ମାଣରେ ପାଖାପାଖି ୧୬୦୦ କୋଟି ଟଙ୍କା ଖର୍ଚ୍ଚ ହୋଇପାରେ ବୋଲି ଅନୁମାନ କରାଯାଉଛି। ଏହାର ପ୍ରଥମ ପାର୍ଟ ପାଇଁ ୯୦୦ କୋଟି ଓ ଦ୍ୱିତୀୟ ପାର୍ଟ ପାଇଁ ୭୦୦ କୋଟି ଖର୍ଚ୍ଚ କରାଯିବ। ତେବେ ଏହାର ଦ୍ୱିତୀୟ ପାର୍ଟରେ କମ୍ ଖର୍ଚ୍ଚ ହେବାର କାରଣ ହେଉଛି ପ୍ରଥମ ପାର୍ଟରେ ଯେଉଁ ଜିନିଷ ଓ ସେଟ୍ ବ୍ୟବହାର କରାଯାଇଛି ଏହାର ଦ୍ୱିତୀୟ ପାର୍ଟରେ ବି କାମ ଦେବ। ସେହିଭଳି ଏହି ଫିଲ୍ମର ବଜେଟ୍ ବଢ଼ିଯିବାର କାରଣ ଏହାର କଳାକାରମାନେ ମଧ୍ୟ ବେଶ୍ ମୋଟା ଅଙ୍କର ପାରିଶ୍ରମିକ ନେଇଛନ୍ତି। ଏଥିରେ ଭଗବାନ ରାମଙ୍କ ଭୂମିକାରେ ଅଭିନୟ କରୁଥିବା ଅଭିନେତା ରଣବୀର କପୁର ପାରିଶ୍ରମିକ ବାବଦରେ ଦୁଇଟି ପାର୍ଟରୁ ୭୫- ୭୫ କୋଟି ଲେଖାଏଁ ସମୁଦାୟ ୧୫୦ କୋଟି ନେବେ। ସେହିଭଳି ସୀତା ଭୂମିକାରେ ଅଭିନୟ କରୁଥିବା ସାଇପଲ୍ଲବୀ ଦୁଇଟି ପାର୍ଟ ପାଇଁ ୧୨ କୋଟି ନେବେ। ଯଦିଓ ରାବଣ ଭୂମିକା ପାଇଁ ୟଶ୍ କେତେ ନେବେ ତାହା ସ୍ପଷ୍ଟ ହୋଇ ନାହିଁ କିନ୍ତୁ ସେ ପାରିଶ୍ରମିକ ବାବଦରେ ୨୦୦ କୋଟିରୁ ଅଧିକ ଟଙ୍କା ଦାବି କରିପାରନ୍ତି ବୋଲି କୁହାଯାଉଛି। ତେବେ ରାମାୟଣର ପ୍ରଥମ ପାର୍ଟ ୨୦୨୬ ଦୀପାବଳି ଓ ଏହାର ଦ୍ୱିତୀୟ ପାର୍ଟ ୨୦୨୭ ଦୀପାବଳି ଅବସରରେ ଆସିବ।

## ୮୧ ବର୍ଷ ପରେ ଫେରିଲା ବହି




ଅଧିକାଂଶ ଲୋକ ପାଠାଗାରରୁ ବହି ଆଣି ପଢ଼ିବାକୁ ଭଲପାଆନ୍ତି। ଅବଶ୍ୟ ଏଠାରୁ ଅଣାଯାଉଥିବା ପୁସ୍ତକଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ଫେରସ୍ତ କରିବାର ନିୟମ ଥାଏ। ଏହି କ୍ରମରେ ଜଣେ ବ୍ୟକ୍ତି ଲାଇବ୍ରେରୀରୁ ନେଇଥିବା ପୁସ୍ତକକୁ ଦୀର୍ଘ ୮୧ ବର୍ଷ ପରେ ଫେରାଇବାରୁ ୱାଶିଂଟନ ଲାଇବ୍ରେରୀର କର୍ମଚାରୀ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି। ଏନେଇ ଟିମ୍ବରଲ୍ୟାଣ୍ଡ ରିଜନାଲ ଲାଇବ୍ରେରୀ ପକ୍ଷରୁ କୁହାଯାଇଛି, ଏବରଡିନ୍ ଟିମ୍ବରଲ୍ୟାଣ୍ଡ ଲାଇବ୍ରେରିର ଲାଇବ୍ରେରିୟାନଙ୍କ ପାଖକୁ ଚାଲର୍ସ ନଡହଫ୍ ଏବଂ ଜେମସ୍ ନର୍ମନଙ୍କ 'ଦ ବାଓଁଟି ଟ୍ରିଲଜି' ପୁସ୍ତକ ଫେରି ଆସିଛି। ଏହି ବହି ଭିତରେ ଏକ କାର୍ଡ ଥିଲା। କାର୍ଡରୁ ବହିଟି ମାର୍ଚ୍ଚ ୩୦, ୧୯୪୨ରେ ଇସ୍ୟୁ କରାଯାଇଥିବା ଜଣାପଡ଼ିଛି। ଏହା ଘରର ଏକ ଷ୍ଟୋରେଜ୍ ୟୁନିଟ୍‌ରୁ ମିଳିଥିବା ବହି ଫେରାଇଥିବା ବ୍ୟକ୍ତି ଜଣକ କହିଛନ୍ତି। ବହି ନେଇଥିବା ବ୍ୟକ୍ତି ଜଣକ ସମୀକ୍ଷା କରି ଏହାର ପ୍ରଚ୍ଛଦପୃଷ୍ଠାରେ ମଧ୍ୟ ଲେଖିଥିଲେ। ଯାହାକୁ ଲାଇବ୍ରେରିୟାନ୍ ଜଣକ ପଢ଼ି ଆଶ୍ଚର୍ଯ୍ୟ ହୋଇଛନ୍ତି। ମୋତେ ଟଙ୍କା ମିଳିଲେ ବି ଏହି ବହିକୁ ପଢ଼ି ନ ଥାନ୍ତେ ବୋଲି ଏଥିରେ ଲେଖା ଥିଲା। ଏନେଇ ଲାଇବ୍ରେରୀର ଜଣେ ଅଧିକାରୀ କହିଛନ୍ତି, ଯଦି ଫାଇନ୍ କଥା ଉଠିବ, ୧୯୪୨ ମସିହା ଅନୁସାରେ, ଏବେ ୪୦ ହଜାର ଟଙ୍କା ହେଉଛି। ହେଲେ ପାଠାଗାର କୋଭିଡ୍ ୧୯ ମହାମାରୀଠାରୁ ଲେଟ୍ ଫି'କୁ ବନ୍ଦ କରି ଦେଇଛି। ଅନ୍ୟପଟେ ପାଠାଗାର ଏକ ଫେସ୍‌ବୁକ୍ ପୋଷ୍ଟରେ ଏହି କାହାଣୀରୁ କି ଶିକ୍ଷା ମିଳିଲା ସେ ସମ୍ପର୍କରେ ଦର୍ଶାଇଛି। ପାଠାଗାର ପକ୍ଷରୁ କୁହାଯାଇଛି ଯେ, 'ଯଦି ବହି ଉପରେ ଧୂଳିମଳି ଜମି ରହିଛି, ତାହାକୁ ପାଠାଗାରକୁ ଫେରାଇବା ଉଚିତ ହେବ। ଆମେ ଏହାକୁ ନେଇଯିବୁ। ପୁରସ୍କାର ବାବଦକୁ ଉକ୍ତ ବ୍ୟକ୍ତିଙ୍କଠାରୁ କୌଣସି ଫାଇନ୍ ଆଦାୟ କରାଯିବ ନାହିଁ।'

### ଆଜି ଆସିଥିଲେ

## ବାଣୀକଣ୍ଠ ନିମାଇଁ ହରିଚନ୍ଦନ




ନିମାଇଁ ହରିଚନ୍ଦନ ଏକାଧାରରେ ଥିଲେ ଜଣେ ଭକ୍ତ, କବି ଓ ଗାୟକ। ବିଭୁ ସଙ୍ଗୀତ ଗାନ କରି ସେ ଅଗଣିତ ଜନମାନସକୁ ଭକ୍ତିରସରେ ରସାଣିତ କରି ଦେଉଥିଲେ। ନିଜର ସଙ୍ଗୀତ ସାଧନା ପାଇଁ ସେ ଅଜସ୍ର ଖ୍ୟାତି ଅର୍ଜନ କରିଥିଲେ। ଯେ କେହିବି ତାଙ୍କ ସଙ୍ଗୀତ ଶୁଣିଛନ୍ତି ସେ ଜଗନ୍ନାଥମନସ୍କ ହୋଇପଡ଼ିଛନ୍ତି ନିଶ୍ଚୟ। ଏହି ପ୍ରଥିତଯଶା ସାରସ୍ୱତ ସାଧକଙ୍କ ଜନ୍ମ କେନ୍ଦ୍ରାପଡ଼ାରେ ୧୯୦୧ ମସିହା ଆଜିର ଦିନରେ ହୋଇଥିଲା। ତାଙ୍କ ପିତା ବୃନ୍ଦାବନ ଚନ୍ଦ୍ର ହରିଚନ୍ଦନ ଓ ମାତା ଇନ୍ଦ୍ରମଣି ଦେବୀ। ପିଲାଦିନୁ ସଙ୍ଗୀତ ପ୍ରତି ତାଙ୍କର ଅନୁରାଗ ଥିଲା। ନିମାଇଁଙ୍କ କକା ଗୋକୁଳଚନ୍ଦ୍ର ଶ୍ରୀଚନ୍ଦନ ତାଙ୍କୁ ସଙ୍ଗୀତ ଜଗତରେ ପ୍ରବେଶ କରାଇଥିଲେ। ରାସଲୀଳାର ଅନ୍ୟତମ ପ୍ରବର୍ତ୍ତକ ନୟାଗଡ଼ ରାଜବଂଶୀୟ ଗୋବିନ୍ଦ ଚନ୍ଦ୍ର ଶୂରଦେଓଙ୍କ ରାସ ଦଳରେ ୧୬ବର୍ଷ ବୟସରେ ସେ ଯୋଗ ଦେଇଥିଲେ। ହିନ୍ଦୁସ୍ତାନୀ ସଙ୍ଗୀତର ଓସ୍ତାଦ୍ ମାଧୋରାଓଙ୍କଠାରୁ ଏହାପରେ ସଙ୍ଗୀତ ଶିକ୍ଷାଲାଭ କଲେ। ସେ ଆଦ୍ୟ ଯୌବନରୁ ସଙ୍ଗୀତ ପ୍ରତି ଆକୃଷ୍ଟହୋଇ ସଙ୍ଗୀତ ସାଧନାରେ ମଗ୍ନ ରହିଥିଲେ। ଓଡିଶୀ ସଙ୍ଗୀତର ବିଭିନ୍ନ ବିଭାଗ ଯେମିତିକି ଓଡ଼ିଶୀ ବା ଚୌପଦୀ, ଛାନ୍ଦ, ଚମ୍ପୂ, ଚଉତିଶା , ଭଜନ, ଜଣାଣ, ପାରମ୍ପରିକ ସଂଗୀତ, ପଲ୍ଲୀଗୀତ ଗାୟନରେ ସେ ବେଶ୍ ପ୍ରବୀଣ ଥିଲେ। ଏମିତିକି ବିଭିନ୍ନ ନୀତିଶିକ୍ଷା ଓ ସରକାରୀ ଉଦ୍ଦେଶ୍ୟରେ ଜନ ସଚେତନତା ଧର୍ମୀ ଗୀତ ମଧ୍ୟ ଗାଇଛନ୍ତି। ନିମାଇଁ ହରିଚନ୍ଦନ ଗାଇଥିବା ଭଜନଗୁଡ଼ିକ ମୁଖ୍ୟତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ହିଁ ଆଧାରିତ। ୧୯୩୩ ମସିହାରେ ତାଙ୍କ ସମଧୁର ସଙ୍ଗୀତଗୁଡ଼ିକ ଏଚ୍‌ଏମ୍‌ଭି କମ୍ପାନି ରେକର୍ଡିଂ କରି ଓଡ଼ିଶାର ପୁରପଲ୍ଲୀରେ ପହଞ୍ଚାଇ ଦେଲା ଓ ସେ ହୋଇଗଲେ ବାଣୀକଣ୍ଠ ନିମାଇଁ ହରିଚନ୍ଦନ। ବିଶେଷକରି ତାଙ୍କର ଅନନ୍ୟ କଣ୍ଠସ୍ୱର ଓ ଗାୟନ ଶୈଳୀ ତାଙ୍କୁ ଖୁବ୍ ଲୋକପ୍ରିୟତା ଆଣି ଦେଇଥିଲା। ଏହି ବିପୁଳଯଶା କଣ୍ଠଶିଳ୍ପୀଙ୍କ କଣ୍ଠରୁ ନିସୃତ 'ଥକାମନ ଚାଲଯିବା', 'ଚକାଡୋଳା କିମ୍ପା ଡକା କିମ୍ପା ଡକା ନ ଶୁଣ', 'ନୀଳସିନ୍ଧୁ ତୀରେ', 'କହଇ ମନ ଆରେ ମୋ ବୋଲ କର' ଆଦି ସଙ୍ଗୀତଗୁଡ଼ିକ ବେଶ୍ ଶ୍ରୁତିମଧୁର ଓ ମର୍ମସ୍ପର୍ଶୀ। ୧୯୩୪ରେ ନିମାଇଁ କଲିକତା ରେଡିଓ ଷ୍ଟେସନର ଆଗଧାଡ଼ିର କଳାକାର ହୋଇଗଲେ। ୧୯୩୮ ରେ ଶ୍ରେଷ୍ଠ ଓଡ଼ିଶୀ ସଙ୍ଗୀତ ଗାନ ପାଇଁ ତାଙ୍କୁ ମିଳିଥିଲା ଉତ୍କଳ ସଙ୍ଗୀତ ସମାଜ ସ୍ୱର୍ଣ୍ଣ ପଦକ ଓ ଆଠଗଡ଼ ରାଜଦରବାର ସ୍ୱର୍ଣ୍ଣପଦକ। ୧୯୪୭ ଡିସେମ୍ବର ୨୮ ତାରିଖରେ ପ୍ରଥମ ଥର ପାଇଁ ଆକାଶବାଣୀ କଟକ କେନ୍ଦ୍ରରୁ ତାଙ୍କ ସଙ୍ଗୀତର ମୂର୍ଚ୍ଛନା ଶୁଣିବାକୁ ମିଳିଲା। ୧୯୫୪ରେ ଦିଲ୍ଲୀର ଐତିହାସିକ ଲାଲକିଲ୍ଲାରେ ସଙ୍ଗୀତ ନାଟକ ଏକାଡେମୀ ନିମନ୍ତ୍ରଣ କ୍ରମେ ସେ ସଙ୍ଗୀତ ଗାନ କରି ସମଗ୍ର ଦେଶରେ ଓଡ଼ିଶୀ ସଙ୍ଗୀତ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ଆଣି ଦେଇଥିଲେ। ୧୯୭୬ ମସିହାରେ ସେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ। ଏଥିସହ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ୧୯୭୮ ମସିହାରେ ସେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ହୋଇଥିଲେ। ପୁରୀର ଗଜପତି ମହାରାଜା, ନିମାଇଁ ହରିଚନ୍ଦନଙ୍କୁ ଶ୍ରୀମନ୍ଦିରରେ ଚାମର ସେବା ପ୍ରଦାନ କରିଥିଲେ। ୧୯୭୦ ମସିହାଠାରୁ, ସେ ପୁରୀରେ ରହି ମନ୍ଦିରରେ ଚାମର ସେବା କରୁଥିଲେ ଓ ଜଣାଣ ଗାଉଥିଲେ। ୧୯୮୩ ଜୁଲାଇ ୨୦ ତାରିଖ, ବାହୁଡ଼ାଯାତ୍ରା ଦିନ ଶ୍ରୀକ୍ଷେତ୍ରରେ ତାଙ୍କର ଦେହାନ୍ତ ହୋଇଥିଲା।

# ସମ୍ଭାବନା




## ଶୁଣିବା ଏକ କଳା

କୌଣସି କଥାକୁ ମନ ଧ୍ୟାନରେ ଶୁଣିବା ମଧ୍ୟ ଏକ କଳା। ଯେଉଁମାନେ ମନ ଧ୍ୟାନ ଦେଇ କୌଣସି କଥା ଶୁଣନ୍ତି, ସେମାନେ କଥାକୁ ଭଲଭାବେ ବୁଝିଥାନ୍ତି। ତା'ସହ ସେମାନଙ୍କୁ ପ୍ରଶ୍ନର ଉତ୍ତର ଦେବାରେ ସମସ୍ୟା ହୋଇ ନ ଥାଏ। ସେହିପରି ଧ୍ୟାନରେ କଥା ଶୁଣିବା ଦ୍ୱାରା ସମ୍ପର୍କ ମଜଭୁତ ହୁଏ। ଏହି ଅଭ୍ୟାସ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନରେ ସାହାଯ୍ୟ କରେ। କାହା ସହିତ କଥା ହେବା ସମୟରେ ସାମ୍ନାବାଲାଙ୍କୁ କଥା ମଝିରେ ରୋକିବାକୁ ଚେଷ୍ଟା କରନ୍ତୁ ନାହିଁ। ଆଖିରେ ଆଖି ମିଶାଇ କଥା ହୁଅନ୍ତୁ। ଏହା ଦ୍ୱାରା ବିଶ୍ୱାସ ସୃଷ୍ଟି ହୁଏ। ଲୋକଙ୍କ ଉପରେ ଭରସା ଆସେ। କଥାବାର୍ତ୍ତା ସମୟରେ ଫୋନ୍ ଆଦି ଦେଖନ୍ତୁ ନାହିଁ। ଏହା ଦ୍ୱାରା ଶୁଣୁଥିବା ଲୋକ ଅସହଜ ମନେ କରନ୍ତି। ଯାହାଙ୍କ ସହିତ କଥା ହେଉଛନ୍ତି, କଥା ଶେଷ ହେବା ପରେ ହିଁ ପ୍ରଶ୍ନ କରନ୍ତୁ। ଏହା ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ପାଏ।



## ଅନଲାଇନ୍ ପଢ଼ାର ଲାଭ

**କରୋନା ଆସିବାରୁ ଅନଲାଇନ୍ ପାଠପଢ଼ାର ଗୁରୁତ୍ୱ ବଢ଼ିଲା। ଏବେ ପ୍ରାୟ ସମସ୍ତେ ପାଠପଢ଼ାର ଏହି ନୂଆ ଶୈଳୀକୁ ପସନ୍ଦ କରୁଛନ୍ତି। ଅବଶ୍ୟ ଏହି ପଢ଼ାର ଅନେକ ଭଲ ଦିଗ ବି ଅଛି।**



- ଅନଲାଇନ୍ ପଢ଼ାରେ ପିଲା କେଉଁଠୁ ବି ବସି ପାଠ ପଢ଼ିପାରିବେ। ଏହା ଦ୍ୱାରା ସମୟ ଓ ଖର୍ଚ୍ଚ ସଞ୍ଚୟ ହୁଏ।
- ସେହିପରି ଅନଲାଇନ୍ କ୍ଲାସ୍ ରେକର୍ଡେଡ୍ ହୋଇଥାଏ। ପିଲା ଅଡିଓ ଭିଜୁଆଲ ମାଧ୍ୟମରେ କଠିନ ବିଷୟକୁ ମଧ୍ୟ ସହଜରେ ବୁଝିଥାନ୍ତି।
- ଅନଲାଇନ୍‌ରେ ଅନେକ ଫ୍ରି କୋର୍ସ ଏବଂ ଷ୍ଟଡି ମ୍ୟାଟେରିଆଲ ଉପଲବ୍ଧ ଥାଏ।
- ଏଥିରେ ବିଦ୍ୟାର୍ଥୀଙ୍କ ମଧ୍ୟରେ ଦାୟିତ୍ୱବୋଧ ଆସେ।
- ଭିଡିଓ କନଫରେନ୍ସ ମାଧ୍ୟମରେ ପାଠ ପଢ଼ିବା ଦ୍ୱାରା ପିଲାଙ୍କଠାରେ ଆତ୍ମବିଶ୍ୱାସ ବୃଦ୍ଧିପାଏ।
- ଅନ୍‌ଲାଇନ୍ ପଢ଼ାରେ ପିଲା ଟେକ୍ନୋଲୋଜିର ଉପଯୋଗ ଭଲ ଭାବେ ଶିଖନ୍ତି। ଆପ୍, ସର୍ଚ୍ଚ ଟୁଲ ଏବଂ ଡିଜିଟାଲ ପ୍ଲାଟଫର୍ମ ବିଷୟରେ ଜାଣନ୍ତି।
- ଅନଲାଇନ୍ ପଢ଼ାରେ କେବଳ ଇଣ୍ଟରନେଟ୍ ଏବଂ ଡିଭାଇସ୍ ଦରକାର ହୁଏ। ତେଣୁ କମ୍ ସଂସାଧନରେ ପାଠପଢ଼ା ସମ୍ଭବପର।

## ଡିଜିଟାଲ ଅଭ୍ୟାସ



**ଏବର ଯୁଗ ଡିଜିଟାଲ ଯୁଗ। ପଢ଼ାଠୁ ଆରମ୍ଭ କରି ସପିଂ ପର୍ଯ୍ୟନ୍ତ ସବୁ କାମ ଡିଜିଟାଲ ମାଧ୍ୟମରେ ହୋଇପାରୁଛି। ତେବେ କିଛି ଡିଜିଟାଲ ଅଭ୍ୟାସ ଏଭଳି ଅଛି, ଯାହାକୁ ଆପଣାଇବା ଦ୍ୱାରା ଜୀବନ ଆହୁରି ସହଜ ହୋଇପାରିବ।**

**ଡିଜିଟାଲ କ୍ୟାଲେଣ୍ଡର:** ଗୁଗଲ କ୍ୟାଲେଣ୍ଡର ଭଳି ଆପ୍‌ରେ କାମ ଓ ମିଟିଂ ସହ ଜଡ଼ିତ ରିମାଇଣ୍ଡର ସେଟ୍ କରିବା ଦ୍ୱାରା କୌଣସି କାମକୁ ଭୁଲି ହୁଏ ନାହିଁ। ଏହା ଦ୍ୱାରା ଟାଇମ୍ ମ୍ୟାନେଜମେଣ୍ଟ ଏବଂ ପ୍ରଡକ୍ଟିଭିଟି ବୃଦ୍ଧି ପାଏ।

**ଅନଲାଇନ୍ ପେମେଣ୍ଟ:** ୟୁପିଆଇ ମାଧ୍ୟମରେ ପାଣି ଓ ମୋବାଇଲ ଭଳି ଅନ୍ୟାନ୍ୟ ବିଲ୍ ସମୟରେ ପେମେଣ୍ଟ କରିବା ସହଜ। ଅଟୋ-ପେ ସେଟ୍ କରିବା ଦ୍ୱାରା ପେମେଣ୍ଟ କରିବା ମନେ ରହେ।

**ଅନଲାଇନ ବ୍ୟାଙ୍କିଂ:** ୟୁପିଆଇ, ମୋବାଇଲ, ନେଟ୍ ବ୍ୟାଙ୍କିଂ ସୁବିଧା ଯୋଗୁଁ ବ୍ୟାଙ୍କରେ ଲୋକଙ୍କୁ ଆଉ ଲମ୍ବା ଧାଡ଼ିରେ ଛିଡ଼ା ହେବାକୁ ପଡୁ ନାହିଁ। ଏହାର ଉପଯୋଗ ଦ୍ୱାରା ସମୟ ସଞ୍ଚୟ ହୁଏ।

**କ୍ଲାଉଡ୍ ଷ୍ଟୋରେଜ୍:** ଜରୁରି ଡକ୍ୟୁମେଣ୍ଟକୁ ଗୁଗଲ ଡ୍ରାଇଭ କିମ୍ବା ଡ୍ରପ୍ ବକ୍ସରେ ଅପଲୋଡ୍ କରିପାରିବେ। ଏହା ଦ୍ୱାରା ଫାଇଲ ସବୁବେଳେ ପାଖରେ ରହିବ।

**ହେଲଥ୍ ଆପ୍:** ଗୁଗଲ ଫିଟ୍ ବା ଆପଲ ହେଲଥ୍ ଭଳି ଆପ୍ ଦ୍ୱାରା ସ୍ୱାସ୍ଥ୍ୟ ସମ୍ବନ୍ଧିତ ତଥ୍ୟକୁ ମନିଟର କରିପାରିବେ। ଏହା ଦ୍ୱାରା ଜଣେ କେତେ ବାଟ ଚାଲୁଛନ୍ତି, ନିଦ, ହାର୍ଟ ରେଟ୍ ଆଦି ଉପରେ ନଜର ରଖିବା ସମ୍ଭବ।

**ଅନଲାଇନ୍ ଲର୍ଣ୍ଣିଂ:** ୟୁଟ୍ୟୁବ୍ ଭଳି ପ୍ଲାଟଫର୍ମ ଏବେ ଅନଲାଇନ ଲର୍ଣ୍ଣିଂକୁ ସହଜ କରୁଛି। ଏହି ଅଭ୍ୟାସ ଜ୍ଞାନ ଓ କୌଶଳକୁ ବୃଦ୍ଧି କରିବା ଦିଗରେ ସାହାଯ୍ୟ କରେ।

**ଡିଜିଟାଲ ଡିଟକ୍ସ:** ଶେଷରେ ପ୍ରତ୍ୟେକ ଦିନ କିଛି ଘଣ୍ଟା ବିନା ସ୍କ୍ରିନ୍‌ରେ ସମୟ ଅତିବାହିତ କରନ୍ତୁ। ଏହାଦ୍ୱାରା ମାନସିକ ଥକ୍କାପଣ ଦୂର ହୁଏ।

## ପଦୋନ୍ନତି ନ ମିଳିବାର କାରଣ

**ପ୍ରତ୍ୟେକ କର୍ମଚାରୀ ଅଫିସ୍‌ରେ ଶୀଘ୍ର ପଦୋନ୍ନତି ପାଇବା ଆଶା ରଖନ୍ତି। ସେଥିପାଇଁ ଅନେକ କର୍ମଚାରୀ ବହୁତ ପରିଶ୍ରମ କରିଥାନ୍ତି। ବେଳେବେଳେ କର୍ମଚାରୀଙ୍କ କିଛି ଆଚରଣ ସେମାନଙ୍କ ପଦୋନ୍ନତିରେ ବାଧକ ସାଜିଥାଏ।**

- ବିଳମ୍ବରେ ଅଫିସ୍ ଆସିବା ତଥା ନିର୍ଦ୍ଧାରିତ ସମୟରେ କାମ ପୂରା କରିପାରୁ ନ ଥିବା କର୍ମଚାରୀଙ୍କୁ ପଦୋନ୍ନତି ପାଇବାରେ ଅସୁବିଧା ହୁଏ।
- ଯେଉଁ କର୍ମଚାରୀ କୌଣସି ନୂତନ ପରିକଳ୍ପନା କରନ୍ତି ନାହିଁ, ସେମାନଙ୍କର ପଦୋନ୍ନତି ବାଧାପ୍ରାପ୍ତ ହୁଏ।
- ସମୟ ସହିତ ତାଳ ଦେଇ ଚାଲୁ ନ ଥିବା ଓ ନୂତନ ଆହ୍ୱାନକୁ ଗ୍ରହଣ କରୁ ନ ଥିବା କର୍ମଚାରୀଙ୍କୁ ମଧ୍ୟ ପଦୋନ୍ନତି ମିଳି ନ ଥାଏ।
- ଅଫିସ୍‌ରେ ଟିମ୍ ସହିତ କାମ କରିବାରେ ପଛୁଆ ରହୁଥିବା କର୍ମଚାରୀଙ୍କୁ ପଦୋନ୍ନତି ମିଳିବା ସହଜ ହୋଇ ନ ଥାଏ।
- ଅଫିସ୍‌ରେ ପର ଚର୍ଚ୍ଚା ତଥା ଅନ୍ୟ ସହକର୍ମୀଙ୍କ ନିନ୍ଦା କରୁଥିବା କର୍ମଚାରୀଙ୍କର ପଦୋନ୍ନତି ଅଟକି ଥାଏ।
- ସହକର୍ମୀ, ଗ୍ରାହକ ତଥା ମାଲିକଙ୍କ ସହ ଭଲ କଥାବାର୍ତ୍ତା କରିପାରୁ ନ ଥିବା କର୍ମଚାରୀଙ୍କୁ ମଧ୍ୟ ଶୀଘ୍ର ପଦୋନ୍ନତି ମିଳେ ନାହିଁ।



# ଲର୍ଡ୍ସ ଲଢ଼େଇ ଲାଗି ଭାରତ ପ୍ରସ୍ତୁତ

ଲର୍ଡ୍‌ସ, ୮।୭ (ଏଜେନ୍ସି)

ଏଜ୍‌ବାଷ୍ଟନରେ ରେକର୍ଡ ୩୩୬ ରନ୍ ବ୍ୟବଧାନରେ ଇଂଲଣ୍ଡକୁ ପରାସ୍ତ କରି ଭାରତ ଦୁଇ ଦେଶ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ୧-୧ ସମାନସ୍ତରରେ ରଖିଛି। ଏହି ସିରିଜ୍‌ରେ ଆଉ ୩ଟି ଟେଷ୍ଟ ଖେଳାଯିବାକୁ ବାକି ରହିଛି। କିନ୍ତୁ ୫୮ ବର୍ଷରେ ଭାରତ ଏଜ୍‌ବାଷ୍ଟନରେ ପ୍ରଥମ ଟେଷ୍ଟ ଜିତି ବେଶ ଆତ୍ମବିଶ୍ୱାସ ପାଇଛି। ଏହି ଆତ୍ମବିଶ୍ୱାସକୁ ନେଇ ଦଳ କ୍ରିକେଟର ସବୁଠାରୁ ପୁରୁଣା ଷ୍ଟାଡିୟମ୍ ବା ଅନ୍ୟ ଭାଷାରେ କହିବାକୁ ଗଲେ କ୍ରିକେଟର ମକ୍କା ଭାବେ ବିବେଚିତ ଲର୍ଡସରେ ସିରିଜ୍‌ର ତୃତୀୟ ଟେଷ୍ଟ ମ୍ୟାଚ୍ ଖେଳାଯିବ। ପ୍ରଥମ ଦୁଇଟି ଟେଷ୍ଟରେ ବୋଲରଙ୍କୁ ସୁହାଇଲା ଭଳି ପିଚ୍ ଦିଆଯାଇ ନ ଥିଲା। କିନ୍ତୁ ଲର୍ଡସ କିମ୍ବା ଅନ୍ୟ ଦୁଇଟି ଟେଷ୍ଟ ଖେଳାଯିବାକୁ ଥିବା ଓଲ୍ଡ ଟ୍ରାଫୋର୍ଡ କିମ୍ବା କେନିଙ୍ଗଟନ ଓଭାଲରେ ପିଚ୍ ଲର୍ଡସ ପରି ଫାଷ୍ଟ ବୋଲରଙ୍କୁ ସୁହାଇବ। ଏଭଳି ପିଚ୍‌ରେ ଖେଳିବା କେବଳ ଭାରତ ନୁହେଁ ଏସୀୟ ମହାଦେଶର ଫ୍ଲାଟ ପିଚ୍‌ରେ ଖେଳୁଥିବା ଦେଶଗୁଡିକ ଲାଗି ଆହ୍ୱାନ। କିନ୍ତୁ ଇଂଲଣ୍ଡର ଦକ୍ଷତା ଓ ଦୁର୍ବଳତାକୁ ଜାଣିବା ପରେ ଭାରତ ଲର୍ଡସ ଲଢ଼େଇ ଲାଗି ନିଜକୁ ପ୍ରସ୍ତୁତ କରିନେଇଛି।



### ■ ବୁମ୍‌ରା ଖେଳିବା ନେଇ ସମ୍ଭାବନା

ଏଜ୍‌ବାଷ୍ଟନ ଟେଷ୍ଟ ବିଜୟକୁ ୨ ଦିନ ପୁରିଗଲାଣି। ଭାରତୀୟ ମାନେ ଏହି ମୋହରୁ ମୁକ୍ତିପାଇ ଏବେ ଅଭ୍ୟାସକୁ ଫେରିଲେଣି। ଭାରତୀୟ ଦଳ ଦୃଢ଼ ନିଶ୍ଚିତ ଯେ, ଲର୍ଡସରେ ଜୁଲାଇ ୧୦ରୁ ୧୪ ଯାଏ ଖେଳାଯିବାକୁ ଥିବା ପିଚ୍ ସୁଇଂ ଓ ବାଉନ୍ସି ହେବ। ଏଣୁ ଏଭଳି ପିଚ୍‌ରେ ଖେଳିବାକୁ ଭାରତୀୟ ଦଳ ପ୍ରସ୍ତୁତି ଆରମ୍ଭ କରିଦେଇଛି। ପ୍ରଥମ ଦୁଇଟି ଟେଷ୍ଟରେ ଭାରତୀୟ ଫାଷ୍ଟ ବୋଲର ଆଶାନୁରୂପ ସଫଳତା ପାଇଛନ୍ତି। ପ୍ରଥମ ଟେଷ୍ଟରେ ଯଶପ୍ରୀତ୍ ବୁମ୍‌ରା, ଦ୍ୱିତୀୟ ଟେଷ୍ଟରେ ମହମ୍ମଦ୍ ସିରାଜ ଓ ଆକାଶଦୀପ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଏହି ୩ ଜଣ ଲର୍ଡସରେ ଭାରତୀୟ ବୋଲିଂର ମୁଖ୍ୟ କର୍ଣ୍ଣଧାର ସାଜିବେ। ୱାର୍କଲୋଡ ଲାଗି ବୁମ୍‌ରା ଦ୍ୱିତୀୟ ଟେଷ୍ଟ ଖେଳି ନ ଥିଲେ। ଏବେ ସେ ପୂରା ଫିଟ୍ ଅଛନ୍ତି ଓ ଦ୍ୱିତୀୟ ଟେଷ୍ଟ ଖେଳିବାକୁ ପୂରା ପ୍ରସ୍ତୁତ। ଫ୍ଲାଟ ପିଚ୍‌ରେ ପ୍ରସିଦ୍ଧ କ୍ରିଷ୍ଣାଙ୍କ ବୋଲିଂ ଉଚ୍ଚକୋଟୀର ହୋଇ ନ ଥିଲା। କିନ୍ତୁ ଲର୍ଡସରେ ତାଙ୍କ ବଲ କାମ ଦେଇପାରେ। ତାଙ୍କ ବିରୋଧରେ ଅନେକ କଥା ଯାଉଥିଲେ ମଧ୍ୟ ତୃତୀୟ ମ୍ୟାଚ୍‌ରେ ତାଙ୍କର ଖେଳିବା ସମ୍ଭାବନା ରହିଛି। ବିଶେଷ ପରୀକ୍ଷାନିରୀକ୍ଷା କରାଗଲେ କିମ୍ବା ଭାରିଏସନ ବା ବିଭିନ୍ନତା ଲାଗି ବାମହାତୀ ଫାଷ୍ଟ ବୋଲର ଅର୍ଶଦୀପ ସିଂହଙ୍କୁ ଡେବ୍ୟୁ କରାଇବା ବିକଳ୍ପ ରହିଛି। ବୋଲିଂ ଲାଗି ଭାରତ ବିଶେଷ ଚିନ୍ତିତ ନୁହେଁ। ଏବେ ସମସ୍ତ ବୋଲର ନିଜ ଲାଇନ୍ ଓ ଲେନ୍ଥ ଉପରେ ନିୟନ୍ତ୍ରଣ ହାସଲ କରିବା ପରେ ସୁଇଂ ଓ ବାଉନ୍ସି ପିଚ୍‌ରେ ତାହାକୁ କିପରି କାର୍ଯ୍ୟକାରୀ କରାଇବେ ସେହି ଯୋଜନାରେ ଟିମ୍ ମ୍ୟାନେଜମେଣ୍ଟ ରହିଛି।

### ■ ଘାତକ ହୋଇପାରନ୍ତି ଆର୍ଚର, ଆଟକିନସନ

ଇଂଲିଶ ଗଣମାଧ୍ୟମରେ ଇଂଲଣ୍ଡ ଦଳର ପରାଜୟକୁ ତୀବ୍ର ସମାଲୋଚନା କରାଯାଇଛି। ବିଶେଷ କରି ଫ୍ଲାଟ ପିଚ୍‌ରେ ଖେଳିଥିବା ଇଂଲଣ୍ଡ ଖେଳାଳିମାନେ ନିଜକୁ ଖାପ୍ ଖୁଆଇ ପାରିଲେ ନାହିଁ ବୋଲି ଦର୍ଶାଯାଇଛି। ପରୋକ୍ଷରେ ଏହା ହେଡ୍ କୋଚ୍ ବ୍ରେଣ୍ଡାନ ମ୍ୟାକ୍‌କୁଲମ ଓ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ରଣନୀତିକୁ ସମାଲୋଚନା କରାଯାଇଛି। ଏଥିରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁଯାୟୀ ଲର୍ଡସରେ ସୁଇଂ ଓ ବାଉନ୍ସି ପିଚ୍ ପ୍ରସ୍ତୁତି କରିବାକୁ ଇଂଲଣ୍ଡ ଟିମ୍ ମ୍ୟାନେଜମେଣ୍ଟ ଗ୍ରାଉଣ୍ଡସମ୍ୟାନ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ ମଧ୍ୟ ଏହା ସ୍ୱୀକାର କରିଛନ୍ତି। ଏହି ଯୋଜନା ଅନୁଯାୟୀ ଦେଶରେ ଉପଲବ୍ଧ ଦୁଇ ଶ୍ରେଷ୍ଠ ଫାଷ୍ଟ ବୋଲର ଜୋଫ୍ରା ଆର୍ଚର ଓ ଗସ୍ ଆଟକିନସନଙ୍କୁ ଦଳରେ ନିଆଯାଇଛି। କ୍ରିସ୍ ଓକ୍ସ ଓ ଜୋଶ ଟଙ୍ଗଙ୍କ ସହ ଏମାନେ ଭାରତୀୟ ବ୍ୟାଟିଂ ଲାଗି ଘାତକ ସାବ୍ୟସ୍ତ ହୋଇପାରନ୍ତି।

### ■ ୧୯ଟି ଟେଷ୍ଟରୁ ଜିତିଛି ମାତ୍ର ୩


ଇଂଲଣ୍ଡ ସହ ୧୯୩୨ରେ ଟେଷ୍ଟ ମ୍ୟାଚ୍ ଖେଳି ଏଠାରେ ଭାରତ ଅନ୍ତର୍ଜାତୀୟ କ୍ରିକେଟ ପଦାର୍ପଣ କରିଥିଲା। ଏହି ୯୭ ବର୍ଷ ମଧ୍ୟରେ ଦୁଇ ଦଳ ଏଠାରେ ପରସ୍ପର ସହ ୧୯ଥର ମୁହାଁମୁହିଁ ହୋଇଛନ୍ତି। ଏହା ମଧ୍ୟରୁ ଭାରତ ଭାରତ ମାତ୍ର ୩ଟିରେ ଜିତିଥିଲାବେଳେ ୧୨ଟିରେ ପରାଜିତ ହୋଇଛି। ଏଠାରେ ପ୍ରଥମ ଟେଷ୍ଟ ଜିତିବାକୁ ଭାରତକୁ ୫୪ ବର୍ଷ ଲାଗିଥିଲା। ୧୯୮୬ରେ ଦିଲୀପ ଭେଙ୍ଗସରକାରଙ୍କ ଶତକ ଓ ଚେତନ ଶର୍ମାଙ୍କ ଘାତକ ବୋଲିଂ ବଳରେ ଭାରତ ଏଠାରେ ପ୍ରଥମ ବିଜୟ ହାସଲ କରିଥିଲା। ୨୦୨୧ରେ ଲୋକେଶ ରାହୁଲଙ୍କ ଶତକ ବଳରେ ଭାରତ ଏଠାରେ ମଧ୍ୟ ଜିତିଥିଲା। ଏବେ ରାହୁଲ ଟିମ୍‌ରେ ଅଛନ୍ତି। ଏଣୁ ଚତୁର୍ଥ ବିଜୟ ଲାଗି ସେ ଭଲ ପ୍ରଦର୍ଶନ ଦେବେ ବୋଲି ଆଶା କରାଯାଉଛି। ଏଠାରେ ଭାରତର ସର୍ବନିମ୍ନ ସ୍କୋର ୪୨ ରହିଛି।

# ସେମିରେ ସାବାଲେଙ୍କା



ୱିମ୍ବଲଡନ

ଲଣ୍ଡନ, ୮।୭ (ଏଜେନ୍ସି): ଟପ୍ ସିଡ୍ ବେଲାରୁଷର ଆରିନା ସାବାଲେଙ୍କା ଏଠାରେ ଚାଲିଥିବା ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ରାତିରେ ଅନୁଷ୍ଠିତ ମହିଳା ବିଭାଗ କ୍ୱାର୍ଟର ଫାଇନାଲର ଏକ ମ୍ୟାଚରେ ସାବାଲେଙ୍କା ୪-୬, ୬-୨, ୬-୪ ସେଟ୍‌ରେ ବିଶ୍ୱ ମାନ୍ୟତାର ୧୦୪ତମ ସ୍ଥାନରେ ରହିଥିବା ଜର୍ମାନୀର ଲୌରା ସିଗ୍‌ମଣ୍ଡଙ୍କୁ ସହଜରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଗତ ରାତିରେ ୮ମ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ ୬-୪, ୬-୧ ସିଧାସଳଖ ସେଟ୍‌ରେ ଡେନମାର୍କର କ୍ଲାରା ତୌସନଙ୍କୁ ହରାଇ କ୍ୱାର୍ଟରରେ ସ୍ଥାନ ପକ୍କା କରିଥିଲେ। ଅପରପକ୍ଷରେ ପୁରୁଷ ବିଭାଗରେ ପଞ୍ଚମ ସିଡ୍ ଆମେରିକାର ଟେଲର୍ ଫ୍ରିଜ ମଧ୍ୟ ସେମିଫାଇନାଲରେ ପହଞ୍ଚିଛନ୍ତି। କ୍ୱାର୍ଟର ଫାଇନାଲର ଏକ ମ୍ୟାଚରେ ଫ୍ରିଜ୍ ୬-୩, ୬-୪, ୧-୬, ୭-୬ (୭/୪) ସେଟ୍‌ରେ ୧୭ତମ ସିଡ୍ ରୁଷିଆର କରନ ଖାଚାନୋଭଙ୍କୁ ହରାଇଛନ୍ତି। ଅପରପକ୍ଷରେ ଟପ୍ ସିଡ୍ ଜାନ୍ନିକ ସିନ୍ନର ରାଉଣ୍ଡ-୧୬ର ଏକ ମ୍ୟାଚରେ ୦-୨ ସେଟ୍‌ରେ ପଛୁଆ ରହିଥିଲେ ମଧ୍ୟ ପ୍ରତିପକ୍ଷ ବୁଲ୍‌ଗେରିଆର ଜର୍ଜିଆ ଦିମିତ୍ରୋଭ ଆହତ ହୋଇ ଓହରିଯିବାରୁ ବଡ଼ ବିପର୍ଯ୍ୟୟରୁ ବର୍ତ୍ତିଯାଇଥିଲେ।



ୱିମ୍ବଲଡନର ଏକ ମ୍ୟାଚ୍ ଦେଖିବା ଅବସରରେ ପତ୍ନୀ ଅନୁଷ୍କାଙ୍କ ସହ କୋହଲି

# ଇନିଂସ ବିଜୟ ସହ ଦକ୍ଷିଣ ଆଫ୍ରିକାର କ୍ଲିନ୍ ସୁଇପ୍

ବୁଲାୱାୟୋ, ୮।୭ (ଏଜେନ୍ସି): ଏଠାରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଚାଲିଥିବା ଅନ୍ତିମ ତଥା ୨ୟ ଟେଷ୍ଟରେ ଜିମ୍ବାୱେ ଶୋଚନୀୟ ଭାବେ ଏକ ଇନିଂସ ଓ ୨୩୬ ରନରେ ପରାଜୟବରଣ କରିଛି। ଦକ୍ଷିଣ ଆଫ୍ରିକାର ପ୍ରଥମ ଇନିଂସ ସ୍କୋର ୬୨୬/୫ ରନ ଜବାବରେ ଜିମ୍ବାୱେ ଉଭୟ ପାଳିରେ ଯଥାକ୍ରମେ ୧୭୦ ଓ ୨୨୦ ରନରେ ଅଲ୍‌ଆଉଟ୍ ହୋଇଥିଲା। ପୂର୍ବରୁ ପ୍ରଥମ ଟେଷ୍ଟକୁ ୩୨୮ ରନରେ ଜିତିଥିବା ଦକ୍ଷିଣ ଆଫ୍ରିକା ଏଥିସହ ସିରିଜକୁ ୨-୦ରେ କ୍ଲିନ ସୁଇପ୍ କରିନେଇଛି।

● ଜାତୀୟ ଜୁନିଅର ମହିଳା ରଗ୍‌ବୀ ସେଭେନ

# କ୍ୱାର୍ଟର ଫାଇନାଲରେ ଓଡ଼ିଶା



ଭୁବନେଶ୍ୱର,୮।୭ (ସମିସ): ଗତଥରର ରନର୍ସଅପ୍ ଓଡ଼ିଶା ଏଥର ଉତ୍ତରାଖଣ୍ଡରେ ଆଜିଠାରୁ ଆରମ୍ଭ ହୋଇଥିବା ଜାତୀୟ ଜୁନିୟର ମହିଳା ରଗ୍‌ବୀ ସେଭେନ୍ସ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଓଡ଼ିଶା ଦଳ ଗ୍ରୁପ୍-ବି ଟପ୍ପର ହେବା ପରେ ପ୍ରି-କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଅପରାହ୍ଣରେ ଖେଳାଯାଇଥିବା ଏହି ମୁକାବିଲାରେ ଓଡ଼ିଶା ୪୫-୦ରେ ଆୟୋଜକ ଉତ୍ତରାଖଣ୍ଡକୁ ପରାସ୍ତ କରି କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ପୂର୍ବରୁ ଦୁଇ ଶକ୍ତିଶାଳୀ ଦଳ ମଣିପୁର ଓ ଉତ୍ତରପ୍ରଦେଶକୁ ହରାଇ ଓଡ଼ିଶା ଗ୍ରୁପ୍-ବି’ ଟପ୍ପର ହୋଇଥିଲା। ଆଜି ସକାଳେ ଅନୁଷ୍ଠିତ ଗ୍ରୁପ୍-ବି’ର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୫୩-୦ରେ ମଣିପୁର ଓ ଅପରାହ୍ଣରେ ଅନୁଷ୍ଠିତ ଲିଗ୍ ମ୍ୟାଚ୍‌ରେ ଉତ୍ତରପ୍ରଦେଶକୁ ୩୮-୫ ପଏଣ୍ଟରେ ପରାସ୍ତ କରିଛି। ଗ୍ରୁପ ଟପ୍ପର ହେବା ସହ ଓଡ଼ିଶା ନକ୍‌ଆଉଟକୁ ଉନ୍ନୀତ ହୋଇଥିଲା। ଗତବର୍ଷ ଓଡ଼ିଶା ବାଳିକା ଦଳ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲା। ଏଥର ବାଳକ ଦଳ ସହ ସ୍ୱର୍ଣ୍ଣ ପଦକ ବିଜୟୀ ହେବ ବୋଲି ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘ ସମ୍ପାଦକ ଉପେନ୍ଦ୍ର ମହାନ୍ତି ଆଶା ପ୍ରକାଶ କରିଛନ୍ତି। ଗତବର୍ଷ ବାଳକ ଦଳ ଚାମ୍ପିଅନ ହୋଇଥିଲା।

# ଆହତ ଯୋଗୁ ସ୍ୱର୍ଣ୍ଣ ହରାଇଲେ ଶୁଭ୍ରଜିତ୍

ଭୁବନେଶ୍ୱର,୮।୭ (ସମିସ): ଉଗାଣ୍ଡାର କାମ୍ପାଲାଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଖେଳାଳିମାନେ ୪ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଏହା ମଧ୍ୟରେ ରହିଛି ଗୋଟିଏ ରୌପ୍ୟ ଓ ୩ଟି କାଂସ୍ୟ ପଦକ। ଓଡ଼ିଶାରୁ ୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲାବେଳେ ଆଘାତ ଜନିତ କାରଣରୁ ଶୁଭ୍ରଜିତ ମହାରଣା ଏସ୍‌ଏଲ-୪ ଫାଇନାଲ ମୁକାବିଲା କରି ପାରି ନ ଥିଲେ। ଫଳରେ ସେ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ପୂଜ୍ୟମ ମିଶ୍ରଙ୍କ ସହ ମିଶି ଶୁଭ୍ରଜିତ ପୁରୁଷ ଯୁଗଳରେ ଆଉ ଏକ ପଦକ ଜିତିଥିଲେ। ଦଳ ଲାଗି ତୃତୀୟ ପଦକ ଜିତିଥିଲେ ବିଭାସିନ୍ଧୁ ବାରିକ। ଏସ୍‌ଏଲ୍‌୩-ଏସ୍‌ଏଲ୪ କାଟାଗୋରୀରେ ମଧ୍ୟପ୍ରଦେଶର ଚନ୍ଦ୍ରପ୍ରକାଶଙ୍କ ସହ ଯୋଡି ହୋଇ ସେମିଫାଇନାଲରେ ପ୍ରବେଶ କରି କାଂସ୍ୟ ପଦକ ଜିତିଥିଲେ। ପୁରୁଷ ଏକକ ଡବ୍ଲ୍ୟୁଏଚ୍-୨ରେ ନୁରୁଲ ହାସନ ସେମିଫାଇନାଲରେ ପ୍ରବେଶ କରିବା ସହ ଚତୁର୍ଥ କାଂସ୍ୟ ପଦକ ଜିତିଥିଲେ।

# ବ୍ରାଣ୍ଡ ମୂଲ୍ୟରେ ଚେନ୍ନାଇକୁ ଟପିଲା ବେଙ୍ଗାଲୁରୁ

ନୂଆଦିଲ୍ଲୀ, ୮।୭ (ଏଜେନ୍ସି): ୨୦୦୮ରେ ଆରମ୍ଭ ହୋଇଥିବା ଆଇପିଏଲ୍ ମାତ୍ର କିଛି ବର୍ଷ ମଧ୍ୟରେ ବିଶ୍ୱର ସବୁଠୁ ଧନୀ କ୍ରିକେଟ୍ ଲିଗ୍ ହୋଇଯାଇଥିଲା ଏବଂ ଏହାର ବ୍ରାଣ୍ଡ ଭାଲ୍ୟୁ ମଧ୍ୟ ବର୍ଷକୁ ବର୍ଷ ବୃଦ୍ଧି ପାଇଥିଲା। ଆମେରିକାସ୍ଥିତ ଗ୍ଲୋବାଲ ଇନଭେଷ୍ଟ ବ୍ୟାଙ୍କ୍ ‘ହୋଲିଆନ୍ ଲୋକି’ର ସଦ୍ୟ ଏକ ରିପୋର୍ଟ ମୁତାବକ, ବର୍ତ୍ତମାନ ଆଇପିଏଲ୍‌ର ବ୍ରାଣ୍ଡ ଭାଲ୍ୟୁ ୧୨.୯ ପ୍ରତିଶତ ବୃଦ୍ଧି ପାଇ ୧୮.୫ ବିଲିୟର ଡଲାରରେ ପହଞ୍ଚିଛି। ଯାହା ଭାରତୀୟ ମୁଦ୍ରାରେ ୧.୫୮ ଲକ୍ଷ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି। ଯଦି ଆଇପିଏଲ୍‌ର ସମସ୍ତ ୧୦ ଫ୍ରାଞ୍ଚାଇଜର ବ୍ରାଣ୍ଡ ଭାଲ୍ୟୁ ଉପରେ ନଜର ପକାଇବା ତେବେ ପ୍ରଥମଥର ଆଇପିଏଲ୍ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିବା ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୬୯ ମିଲିୟନ ଡଲାର ସହ ଶୀର୍ଷକୁ ଉଠିଛି। ବେଙ୍ଗାଲୁରୁର ବର୍ତ୍ତମାନ ବ୍ରାଣ୍ଡ ମୂଲ୍ୟ ୨୩୦୮ କୋଟି ଟଙ୍କା ରହିଛି। ଯାହା ବର୍ଷକ ତଳେ ୧୯୪୭ କୋଟି ଟଙ୍କା ଥିଲା। ଏହିକ୍ରମରେ ମୁମ୍ବାଇ ୨୦୭୫ କୋଟି ସହ ଦ୍ୱିତୀୟ ସ୍ଥାନକୁ ଉଠିଥିବାବେଳେ ମହେନ୍ଦ୍ର ସିଂ ଧୋନିଙ୍କ ଚେନ୍ନାଇ ସୁପର୍ କିଙ୍ଗ୍‌ସ ପ୍ରଥମରୁ ୩ୟ ସ୍ଥାନକୁ ଖସିଯାଇଛି। ଗତ ବର୍ଷ ଚେନ୍ନାଇର ବ୍ରାଣ୍ଡ ଭାଲ୍ୟୁ ୧୯୮୧ କୋଟି ଟଙ୍କା ରହିଥିବାବେଳେ ଚଳିତ ବର୍ଷ ଏଥିରେ ମାତ୍ର ୪ ମିଲିୟନ ଡଲାର ବୃଦ୍ଧି ଘଟି ୨୦୧୫ କୋଟିରେ ପହଞ୍ଚିଛି।

# ସିନିଅର୍ ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଆରମ୍ଭ



ଭୁବନେଶ୍ୱର,୮।୭ (ସମିସ): ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ପ୍ରଥମଥର ସିନିଅର ର୍‍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଆଜିଠାରୁ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାକୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥିଭାବେ ଯୋଗ ଦେଇ କଳିଙ୍ଗ ଷ୍ଟାଡିୟମ୍‌ର ବ୍ୟାଡମିଣ୍ଟନ ହାଇ ପରଫର୍ମାନ୍ସ ସେଣ୍ଟରରେ ଏହାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ଆଜିଠାରୁ କ୍ୱାଲିଫାଇଂ ମୁକାବିଲା ଆରମ୍ଭ ହୋଇଥିଲାବେଳେ ଜୁଲାଇ ୧୫ ଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଦେଶର ୧୫୦୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ ପୁରୁଷ ଓ ମହିଳା ବିଭାଗରେ ଏକକ ଓ ଯୁଗଳ, ମିଶ୍ରିତ ଯୁଗଳ କାଟାଗୋରୀରେ ପ୍ରତିଦ୍ୱନ୍ଦ୍ୱିତା ଅନୁଷ୍ଠିତ ହେବ। ଓଡ଼ିଶା ବ୍ୟାଡମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ, ସମ୍ପାଦକ ନିଳିନ କୁମାର ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ।

ଓଡ଼ିଶା ରାଜ୍ୟ ର୍‍ୟାଙ୍କିଙ୍ଗ୍ ଟିଟି

# ଶ୍ୱେତାପଦ୍ମା, ଶ୍ୱେତାଙ୍କୁ ଦ୍ୱିମୁକୁଟ




ଭୁବନେଶ୍ୱର,୮।୭ (ସମିସ): ଭୁବନେଶ୍ୱର ଟେବଲ ଟେନିସ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ଓ ୧୯ ବର୍ଷରୁ କମ୍ ବାଳିକା ଏକକରେ ଶ୍ୱେତପଦ୍ମା ଦଳାଇ ଚାମ୍ପିଅନ ହୋଇଛନ୍ତି। ମହିଳାରେ ଏଜିର ନେହା କୁମାରୀ ଓ ବାଳିକାରେ କଟକର ସାକ୍ଷୀ ଭଗତ ରନର୍ସ ଅପ୍ ହୋଇଥିଲେ। ସେହିପରି ଶ୍ୱେତା ବର୍ମା ୧୩ ଓ ୧୫ ବର୍ଷରୁ କମ୍ ବାଳିକା ଏକକ, ଉର୍ଜା ବର୍ମା ୧୭ ବର୍ଷରୁ କମ୍ ଓ ପୁରୀର ଗାୟତ୍ରୀ ପଟ୍ଟନାୟକ ୧୧ ବର୍ଷରୁ କମ୍ ବାଳିକା ଏକକରେ ଟାଇଟଲ ବିଜୟୀ ହୋଇଛନ୍ତି। ପୁରୁଷ ଏକକରେ ଏଜିର ମୈନାକ ଦାସ ଚାମ୍ପିଅନ ହୋଇଛନ୍ତି। ୧୯ ଓ ୧୭ ବର୍ଷରୁ କମ୍ ବାଳକ ଏକକରେ କଟକର ଜିଜ୍ଞାସୁ ସାହୁ, ୧୫ ବର୍ଷରୁ କମ୍ ଏକକରେ ଜିଜ୍ଞାସୁ ସାଇକିରଣ, ୧୩ ବର୍ଷରୁ କମ୍‌ରେ ଅଭିଷେକ ଦାସ ଓ ୧୧ ବର୍ଷରୁ କମ୍ ବାଳକରେ ରୁଦ୍ରା ରଣବୀର ଚାମ୍ପିଅନ ହୋଇଛନ୍ତି। ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ା ଉଦ୍‌ଯାପିତ

# ଓଡ଼ିଶା ଜିତିଲା ୨୦ ପଦକ

ଭୁବନେଶ୍ୱର, ୮।୭ (ସମିସ): ଆମେରିକାରେ ଉଦ୍‌ଯାପିତ ହୋଇଯାଇଥିବା ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ାରେ ଓଡ଼ିଶା ପୁଲିସ ସ୍ମରଣୀୟ ସଫଳତା ହାସଲ କରିଛି। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଓଡ଼ିଶା ପୁଲିସର କ୍ରୀଡ଼ାବିତ୍‌ମାନେ ୨୦ ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୧୩ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୪ କାଂସ୍ୟ ପଦକ ରହିଛି। ଓଡ଼ିଶା ପୁଲିସରେ କାର୍ଯ୍ୟରତ ଥିବା ଅଶୋକ ଦଣ୍ଡସେନା ସବୁଠୁ ସଫଳ କ୍ରୀଡ଼ାବିତ୍ ରହିଛନ୍ତି। ସେ ଏକାକୀ ୪ଟି ସ୍ୱର୍ଣ୍ଣପଦକ ଜିତି ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିଛନ୍ତି। ସୁସ୍ମିତା ଟିଗା ଓ ସବିତା ଟପ୍ପୋ ମଧ୍ୟ ଏକାଧିକ ପଦକ ଜିତି ସଫଳ ସାବ୍ୟସ୍ତ ହୋଇଛନ୍ତି। ଏହି ୩ଜଣ କ୍ରୀଡ଼ାବିତ୍ ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଆଥ୍‌ଲେଟିକ୍ସ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି।

# ନାଭାଲ ଟାଟା ଗ୍ରାସ୍‌ରୁଟ୍ ହକି ଲିଗ୍ ଆରମ୍ଭ

ଭୁବନେଶ୍ୱର, ୮।୭ (ସମିସ)



ଓଡ଼ିଶା ନାଭାଲ ଟାଟା ଗ୍ରାସରୁଟ୍ ହକି ଲିଗ୍ ଚାମ୍ପିଅନସିପ୍ ୫ମ ସଂସ୍କରଣର ଫାଇନାଲ ପର୍ଯ୍ୟାୟ ମଙ୍ଗଳବାରଠାରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ପୁରୁଷ ଓ ମହିଳା ବିଭାଗରେ ୮ଟି ମ୍ୟାଚ୍ ଖେଳାଯାଇଥିଲା। ପୁରୁଷ ବିଭାଗରେ ରାଜଗାଙ୍ଗପୁର ଏଚ୍‌ଟିସି ୨-୧ ଗୋଲରେ ସଉନାମୁର ଏଚ୍‌ଟିସିକୁ, କୁତ୍ରା ଏଚ୍‌ଟିସି ୧-୦ରେ ସବଡେଗା ଏଚ୍‌ଟିସିକୁ, କଉରମୁଣ୍ଡା ଏଚଟିସି ୩-୧ରେ ନୂଆଗାଁ ଏଚ୍‌ଟିସିକୁ ଓ କରଡ଼ାପାଲ ଏଚ୍‌ଟିସି ୪-୧ ଗୋଲରେ ଛତ୍ରପୁର ଏଚ୍‌ଟିସିକୁ ପରାସ୍ତ କରିଛି। ସେହିଭଳି ମହିଳା ବିଭାଗରେ ଲାଠିକଟା, ଗୁରୁଣ୍ଡିଆ, ବମ୍ରା ଓ ଯାଜପୁର ଏଚ୍‌ଟିସି ବିଜୟୀ ହୋଇଛନ୍ତି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଅନ୍ତର୍ଜାତୀୟ ହକି ଖେଳାଳି ଦିପସାନ ତିର୍କୀ, କ୍ରୀଡ଼ା ବିଭାଗର ଆଡିସନାଲ ସେକ୍ରେଟାରୀ ବିଜୟ ସ୍ୱାଇଁ, ନାଭାଲ ଟାଟା ହକି ଏଚ୍‌ପିସି ଓଡ଼ିଶାର ପ୍ରୋଜେକ୍ଟ ଡିରେକ୍ଟର ରାଜୀବ ସେଠ୍ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।

# କ୍ରମାଗତ ୨ୟ ବିଜୟ ସହ କ୍ୱାର୍ଟରରେ ଓଡ଼ିଶା

ଭୁବନେଶ୍ୱର, ୮।୭ (ସମିସ): ରାଞ୍ଚିରେ ଚାଲିଥିବା ଜାତୀୟ ସବ୍‌ଜୁନିଅର ବାଳିକା ହକି ଚାମ୍ପିଅନସିପ୍‌ର ୧୫ତମ ସଂସ୍କରଣରେ ଓଡ଼ିଶା ଦଳ କ୍ରମାଗତ ୨ୟ ବିଜୟ ହାସଲ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ବାଳିକା ଦଳ ୩-୦ ଗୋଲ୍‌ରେ ମହାରାଷ୍ଟ୍ରକୁ ପରାସ୍ତ କରିଥିଲା। ବିଜୟୀ ଦଳ ପକ୍ଷରୁ ଅଧିନାୟିକା ସଞ୍ଜନା କିରୋ, ସ୍ୱିଟି କୁଜୁର ଓ ପ୍ରିୟଙ୍କା ମିଞ୍ଜ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଗତକାଲି ପଞ୍ଜାବକୁ ୩-୧ ଗୋଲରେ ହରାଇଥିବା ଓଡ଼ିଶା ଏଥିସହ ଗ୍ରୁପ୍-ବି’ରେ ୬ ପଏଣ୍ଟ ପାଇ ଶୀର୍ଷରେ ରହିବା ସହ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛି। ଓଡ଼ିଶା ଜୁଲାଇ ୧୧ରେ ଖେଳାଯିବାକୁ ଥିବା କ୍ୱାର୍ଟରରେ ଦିଲ୍ଲୀ କିମ୍ବା ବିହାରକୁ ଭେଟିପାରେ।

ନନ୍ଦିଘୋଷ

CAREER Opportunities

Nandighosha Network Pvt. Ltd., a leading & fast-growing Odia News Channel invites applications for its

IT Department.

Candidates having requisite qualifications and experience may send their CV.

| Name of the Post | Experience |
|---|---|
| IT Executive | 1. Diploma/Degree in Hardware & Networking / MCA from a recognized institute/University.<br>2. Key Responsibilities:<br>• Manage and maintain all IT infrastructure including systems, networks, and broadcast equipment.<br>• Provide technical support to newsroom, production, and editorial teams.<br>• Ensure the smooth operation of broadcasting software, editing systems, and studio setups.<br>• Troubleshoot hardware/software/network issues and ensure minimal downtime.<br>3. 3 to 5 years of experience in information technology. Priority will be given to electronic / digital media experience. |

Please apply along with your detailed CV with recent passport size photo via e-mail: hr@nandighoshatv.com by 15th July, 2025.
Only shortlisted candidates will be called for Personal Interview.

Contact No. 9437016499 HR Dept.

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS